R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୮
ତିଥି: ଦ୍ୱିତୀୟା
୧୩ ସେପ୍ଟେମ୍ବର ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 338
13 September 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବ୍ରିକ୍ସ ସମ୍ମିଳନୀ ଘୋଷଣାପତ୍ର

# ଯୁଦ୍ଧ-ଆତଙ୍କବାଦକୁ ନିନ୍ଦା, ଶୁଳ୍କ ବୃଦ୍ଧି ନେଇ ଚିନ୍ତା

ନୂଆଦିଲ୍ଲୀ, ୧୨।୯ : ବ୍ରିକ୍ସ ଶିଖର ସମ୍ମିଳନୀରେ ଶନିବାର ନୂଆଦିଲ୍ଲୀ ଘୋଷଣାପତ୍ର ଗ୍ରହଣ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସହମତିଭିତ୍ତିକ ଘୋଷଣାପତ୍ର ଘୋଷଣା କରିଥିଲେ। ଏଥିରେ ବହୁପକ୍ଷୀୟ ଅନୁଷ୍ଠାନଗୁଡ଼ିକରେ ସଂସ୍କାର, ଜାତିସଂଘ ସୁରକ୍ଷା ପରିଷଦରେ ଢାଞ୍ଚାଗତ ପରିବର୍ତ୍ତନ, ଆତଙ୍କବାଦର ଦୃଢ଼ ନିନ୍ଦା ଏବଂ ଏକତରଫା ଯୁଦ୍ଧ କାର୍ଯ୍ୟକଳାପକୁ ବିରୋଧ କରାଯାଇଛି। ବ୍ରିକ୍ସ ସମ୍ମିଟ୍‌ରେ ୪୫ ପୃଷ୍ଠାର ଘୋଷଣାନାମାରେ ୧୪୦ଟି ବିନ୍ଦୁ ରହିଛି। ଏହି ଘୋଷଣାନାମାକୁ ବ୍ରିକ୍ସର କୌଣସି ସଦସ୍ୟ ରାଷ୍ଟ୍ର ସେମାନଙ୍କର ଆପତ୍ତି ଜଣାଇନଥିଲେ।

ଘୋଷଣାପତ୍ରରେ ଜାତିସଂଘ ସୁରକ୍ଷା ପରିଷଦରେ ଆଫ୍ରିକା, ଏସିଆ, ଲାଟିନ୍ ଆମେରିକା ଓ କାରିବିୟାନ୍ ଅଞ୍ଚଳର ବିକାଶଶୀଳ ଦେଶଗୁଡ଼ିକୁ ଅଧିକ ପ୍ରତିନିଧିତ୍ୱ ଦେବା ପାଇଁ ସଂସ୍କାର ଆବଶ୍ୟକ ବୋଲି କୁହାଯାଇଛି।




ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଚୀନ୍ ଓ ରୁଷିଆ ମଧ୍ୟ ଜାତିସଂଘରେ ବ୍ରାଜିଲ୍ ଓ ଭାରତର ଅଧିକ ଭୂମିକା ପାଇଁ ନିଜ ସମର୍ଥନ ପୁନଃ ପ୍ରକାଶ କରିଛନ୍ତି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟ କାରବାରରେ ଆମେରିକୀୟ ଡଲାର୍ ଅପେକ୍ଷା ସ୍ଥାନୀୟ ମୁଦ୍ରାର ବ୍ୟବହାର ବଢ଼ାଇବା ଉପରେ ମଧ୍ୟ ଘୋଷଣାପତ୍ରରେ ଗୁରୁତ୍ୱ ଦିଆଯାଇଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ପରିବର୍ତ୍ତିତ ବିଶ୍ୱକୁ ପୁରୁଣା ଓ ଅପ୍ରଚଳିତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳନା କରିବା ସମ୍ଭବ ନୁହେଁ। ପ୍ରତିନିଧିତ୍ୱ, ଦାୟିତ୍ୱବୋଧ ଓ ନିୟମ ପ୍ରଣୟନ କ୍ଷେତ୍ରରେ ସଂସ୍କାର ଆବଶ୍ୟକ। ଭବିଷ୍ୟତର ପ୍ରଯୁକ୍ତିର ବିକାଶ ଏବଂ ଏହା ସମ୍ପର୍କିତ ନିୟମ ନିର୍ଦ୍ଧାରଣରେ ଗ୍ଲୋବାଲ୍ ସାଉଥ୍‌ର ସମାନ ଅଂଶଗ୍ରହଣ ରହିବା ଦରକାର। ଘୋଷଣାପତ୍ରରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର ସଂସ୍କାରକୁ ମଧ୍ୟ ସମର୍ଥନ କରାଯାଇଛି। ଏକ ଖୋଲା, ସ୍ୱଚ୍ଛ, ନ୍ୟାୟସଙ୍ଗତ ଓ ନିୟମଭିତ୍ତିକ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ପାଇଁ ବ୍ରିକ୍ସ ଦେଶଗୁଡ଼ିକ ନିଜ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

- ୪୫ ପୃଷ୍ଠାର ଘୋଷଣାନାମାରେ ୧୪୦ ବିନ୍ଦୁ
- ପହଲଗାମ ଆତଙ୍କବାଦୀ ଆକ୍ରମଣର ନିନ୍ଦା
- ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର ଆବଶ୍ୟକ
- ବିଶ୍ୱ ବାଣିଜ୍ୟ ସଂଗଠନର ସଂସ୍କାରକୁ ସମର୍ଥନ

ଏକତରଫା ଶୁଳ୍କ ଓ ଅଣ-ଶୁଳ୍କ ପଦକ୍ଷେପ ବୃଦ୍ଧିକୁ (୯ ପୃଷ୍ଠାରେ)

## ନନ୍ଦନକାନନକୁ ଆସିଲେ ୫୮ ବିଦେଶୀ ପ୍ରାଣୀ

ବାରଙ୍ଗ, ୧୨।୯ (ସବ୍ୟୁ) : ନନ୍ଦନ କାନନ ପାଇଁ ଖୁସି ଖବର। ନନ୍ଦନକାନନକୁ ଆସିଛନ୍ତି ନୂଆ ଅତିଥି। ଗୁଜୁରାଟର 'ରାଧା କୃଷ୍ଣ ମନ୍ଦିର ହାତୀ କଲ୍ୟାଣ ଟ୍ରଷ୍ଟ' ପକ୍ଷରୁ ୧୪ ପ୍ରକାରର ମୋଟ ୫୮ଟି ବିଦେଶୀପ୍ରାଣୀ ନନ୍ଦନକାନନକୁ ଶୁକ୍ରବାର ରାତିରେ ଆସି ପହଁଚିଛି।

ଏହି ବିଦେଶୀପ୍ରାଣୀକୁ ଦାନ ସୂତ୍ରରେ ଟ୍ରଷ୍ଟ ପକ୍ଷରୁ ଦିଆଯାଇଛି ବୋଲି ଉପ-ନିର୍ଦ୍ଦେଶକ ପ୍ରଦୀପ ମିରାସେ ସୂଚନା ଦେଇଛନ୍ତି।ଆସିଥିବା ନୂଆ ଅତିଥିମାନଙ୍କ ମଧ୍ୟରେ ରହିଛି ଜେବ୍ରା (୨ଟି ଅଣ୍ଡିରା, ୨ଟି ମାଈ), କଙ୍ଗାରୁ (୨ଟି ଅଣ୍ଡିରା, ୨ଟି ମାଈ), ବେନେଟ୍ସ ୱାଲାବି (୩ଟି ଅଣ୍ଡିରା, ୩ଟି ମାଈ), ରିଙ୍ଗ୍-ଟେଲ୍ଡ ଲେମୁର୍ (୨ଟି ଅଣ୍ଡିରା, ୨ଟି ମାଈ), ଟଫ୍ଟେଡ୍ କ୍ୟାପୁଚିନ୍ (୨ଟି (୯ ପୃଷ୍ଠାରେ)

## ଭିଜିଲାନ୍ସ ଜାଲରେ ଅବକାରୀ ଅଧୀକ୍ଷକ

ସୁନ୍ଦରଗଡ଼, ୧୨।୯ (ସବ୍ୟୁ): ଭିଜିଲାନ୍ସ ଜାଲରେ ଫସିଛନ୍ତି ଅବକାରୀ ବିଭାଗର ବାବୁ । ସେ ହେଉଛନ୍ତି ରାଉରକେଲା ଅବକାରୀ ଜିଲ୍ଲା ଅଧୀକ୍ଷକ ଧନେଶ୍ୱର ବରା । ଯିଏ ବେଆଇନ ନିଶା କାରବାରକୁ ରୋକିବା କଥା । ସିଏ ନିଜେ ମଦବେପାରୀଠୁ ନେଉଥିଲେ ୫ ଲକ୍ଷ ଲାଞ୍ଚ । ଚଢ଼ାଉ ପରେ ତାଙ୍କର ଭୁବନେଶ୍ୱର ରଘୁନାଥପୁରରେ ଦୁଇ ମହଲା କୋଠା, ଭୁବନେଶ୍ୱରରେ ଗୋଟିଏ ମୂଲ୍ୟବାନ ଜମି ଓ ନୟାଗଡ଼ରେ ତିନିଟି ମୂଲ୍ୟବାନ ଜମି ଠାବ କରିଛି ଭିଜିଲାନ୍ସ । ଏଥିସହ ୩୩ ଲକ୍ଷ ୯୭ ହଜାର ଟଙ୍କାର ବିଭିନ୍ନ ବ୍ୟାଙ୍କରେ ଡିପୋଜିଟ ଓ ଇନଭେଷ୍ଟମେଣ୍ଟ ଥିବା ଜାଣିବାକୁ ପାଇଛି । ଅବକାରୀ ଅଧୀକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ ଟିମ । ଏଥିରୁ ସ୍ପଷ୍ଟ ହେଉଛି କେମିତି ଚାଲିଛି ଅବକାରୀ ବିଭାଗ । ଲାଞ୍ଚୁଆ ବାବୁମାନଙ୍କ ଗୁମର ଖୋଲିବା ପରେ, ସରକାରୀ କଳରୁ ଦୁର୍ନୀତି କଳଙ୍କି କେମିତି ଛାଡ଼ିବ ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି ।

## ଭିନ୍ନତା ବିବାଦର ରୂପ ନନେଉ



ନୂଆଦିଲ୍ଲୀ, ୧୨।୯ : ଭାରତ ଓ ଚୀନ୍ ମଧ୍ୟରେ ଥିବା ଭିନ୍ନତା ଯେପରି ବିବାଦର ରୂପ ନନିଏ, ସେଥିପ୍ରତି ଉଭୟ ଦେଶ ସତର୍କ ରହିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ମତ ପ୍ରକାଶ କରିଛନ୍ତି। ଶନିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଉଭୟ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା।

ପ୍ରାୟ ୭ ବର୍ଷ ପରେ ଭାରତ ମାଟିରେ ଉଭୟ ନେତାଙ୍କ ମଧ୍ୟରେ ଏହା ପ୍ରଥମ ଦ୍ୱିପାକ୍ଷିକ ବୈଠକ। ଆଲୋଚନାରେ ସୀମାରେ ଶାନ୍ତି ଓ ସ୍ଥିରତା, ବାଣିଜ୍ୟ, (୯ ପୃଷ୍ଠାରେ)

- ମୋଦୀ-ଜିନ୍‌ପିଙ୍ଗ ଆଲୋଚନା
- ସୀମାରେ ଶାନ୍ତି ରହିବା ଗୁରୁତ୍ୱପୂର୍ଣ୍ଣ
- ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳା ନେଇ ଆଲୋଚନା

## ଏସ୍‌ଟିଏଫ୍ ସ୍କାନରରେ ଦୀଘା ହୋଟେଲ

ଭୁବନେଶ୍ୱର, ୧୨।୯ (ସବ୍ୟୁ) : ଓରାଙ୍ଗଉଟାନ ଉଦ୍ଧାର ମାମଲାରେ ଏସ୍‌ଟିଏଫ୍ ସ୍କାନରରେ ଦୀଘା ହୋଟେଲ । ହୋଟେଲ ମ୍ୟାନେଜରଙ୍କ ସମେତ ୩ ଜଣଙ୍କୁ ତଦନ୍ତକାରୀ ଟିମ୍ ଅଟକ ରଖି ପଚରାଉଚରା କରୁଥିବା ବେଳେ ମାଲିକ ବାପପୁଅଙ୍କୁ ଠାବ କରିବା ପାଇଁ ତାଙ୍କୁ ପିଛା କରାଯାଉଥିବା ସୂଚନା ମିଳିଛି । ଅନ୍ୟ ପକ୍ଷରେ ଶାସ୍ତ୍ରୀୟ ସଂଗୀତ ଶୁଣି ନନ୍ଦନକାନନରେ ଦିନ ବିତାଉଛନ୍ତି ୫ କୁନି ଓରାଙ୍ଗଉଟାନ ।

ଓରାଙ୍ଗଉଟାନ ଉଦ୍ଧାର ମାମଲାର ତଦନ୍ତ ଏସ୍‌ଟିଏଫ୍ କରୁଥିବା ବେଳେ କିଛି ସୂରାକ ତଦନ୍ତକାରୀ ଟିମ୍ ହାତରେ ଲାଗିଛି । ଯାହା ଫଳରେ ପଶ୍ଚିମବଙ୍ଗ ଦୀଘା ଅଞ୍ଚଳକୁ ଟିମ (୯ ପୃଷ୍ଠାରେ)

## ଦୁବାଇରେ ପ୍ରବାସୀ ଓଡ଼ିଆଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଦୁବାଇ, ୧୨।୯ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦୁବାଇରେ ଓଡ଼ିଆ ପ୍ରବାସୀମାନେ ଭବ୍ୟ ସ୍ୱାଗତ ଜଣାଇଥିଲେ । ଏହି ବିଶେଷ ସମାବେଶରେ ୮୦୦ରୁ ଅଧିକ ଓଡ଼ିଆ ସମୁଦାୟର ସଦସ୍ୟ ଯୋଗଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ଓ ପାରମ୍ପରିକ ଲୋକନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରଦର୍ଶିତ ହୋଇଥିଲା। ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦ ମଧ୍ୟ ଏହି ଉତ୍ସବରେ ଘରୋଇ ଆତ୍ମୀୟତା ଭରି ଦେଇଥିଲା । ଓଡ଼ିଆ ସମୁଦାୟର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ।




ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ଓଡ଼ିଆ ସମୁଦାୟଙ୍କ ସହ ତାଙ୍କ ଆଲୋଚନାକୁ ନେଇ ସେମାନେ ଖୁସି ଓ ଗର୍ବ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ୟୁଏଇରେ ବସବାସ କରୁଥିବା ଓଡ଼ିଆମାନଙ୍କ ଦୃଢ଼ ସାଂସ୍କୃତିକ ସମ୍ପର୍କକୁ ପ୍ରଶଂସା କରିବା ସହ ବିଦେଶରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଏବଂ ପ୍ରଚାର ପାଇଁ ସେମାନଙ୍କ ଉଦ୍ୟମକୁ ସ୍ୱୀକାର କରିଥିଲେ।

ଏହି ସମାବେଶ ଓଡ଼ିଆ ପ୍ରବାସୀ ଓ ମାତୃଭୂମି ମଧ୍ୟରେ ଥିବା ଦୃଢ଼ ଭାବନାତ୍ମକ ସମ୍ପର୍କକୁ ପ୍ରତିଫଳିତ କରିବା ସହ ସୀମାପାର ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଆତ୍ମାକୁ ପ୍ରଦର୍ଶନ କରିଥିଲା।

## ଷ୍ଟକ୍ ଟ୍ରେଡିଂ ଆଳରେ ୨.୩୦ କୋଟି ଠକେଇ

ଭୁବନେଶ୍ୱର, ୧୨।୯ (ସବ୍ୟୁ) : ଷ୍ଟାକ୍ ଟ୍ରେଡିଂ ଆଳରେ ୨ କୋଟି ୩୦ ଲକ୍ଷ ଟଙ୍କାର ଠକି ନେଇଥିବା ଠକ ସୁନିଲ କୁମାର ସାହୁଙ୍କୁ ଗିରଫ କରିଛି ନୟାପଲ୍ଲୀ ଥାନା ପୋଲିସ। ଅଭିଯୁକ୍ତ ସୁନିଲ ଅଭିଯୋଗକାରୀ ଦାଶରଥୀ ମହାନ୍ତିଙ୍କୁ ଷ୍ଟକ୍ ଟ୍ରେଡିଂରେ ଅଧିକ ଲାଭ କରାଇଦେବାର ପ୍ରତିଶ୍ରୁତି ଦେଇ ନିଜ ଜାଲରେ ଫଶାଇଥିଲା। ଅଭିଯୁକ୍ତ ଅଭିଯୋଗକାରୀଙ୍କ ଠାରୁ ଚେକ୍ ଓ ଆର୍‌ଟିଜିଏସ୍ ମାଧ୍ୟମରେ ୬୦ ଲକ୍ଷ ଟଙ୍କା ଏବଂ ନଗଦ ଆକାରରେ ୧ କୋଟି ୭୦ ଲକ୍ଷ ଟଙ୍କା ନେଇଥିଲା। ମୋଟ୍ ୨.୩୦ କୋଟି ଟଙ୍କା (୯ ପୃଷ୍ଠାରେ)

## ବ୍ରିକ୍ସ ସମ୍ମିଳନୀରେ କୋରାପୁଟର ସ୍ୱାଦ

# ଟାଇଗର ବ୍ରାଇଟ୍ ଜରିଆରେ ବିଶ୍ୱ ଦରବାରରେ ଓଡ଼ିଶା କଫି

ଭୁବନେଶ୍ୱର, ୧୨।୯ (ସବ୍ୟୁ) : କୋରାପୁଟର କଫି ବଗିଚାରୁ ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ପହଞ୍ଚିଛି ଓଡ଼ିଶାର ସ୍ୱାଦ । କୋରାପୁଟର ପୂର୍ବଘାଟ ପର୍ବତମାଳାରେ ଆଦିବାସୀ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପ୍ରିମିୟମ ଆରବିକା କଫି "ଟାଇଗର ବ୍ରାଇଟ୍", ବ୍ରିକ୍ସ ସମ୍ମିଳନୀରେ ଅଭ୍ୟାଗତମାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଛି । ଏହା ବିଶ୍ୱବାସୀଙ୍କୁ ଓଡ଼ିଶାର ସ୍ୱାଦ ସହ ପରିଚିତ କରାଇବା ସହ ଆଦିବାସୀ ଉଦ୍ୟୋଗ, ମୂଲ୍ୟ ବୃଦ୍ଧି ଏବଂ ସ୍ଥାୟୀ ଜୀବିକାରେ ଅପାର



ସମ୍ଭାବନାକୁ ପ୍ରଦର୍ଶିତ କରୁଛି । କୋରାପୁଟ ପାହାଡ଼ରେ ଉତ୍ପାଦିତ କଫି ପାଇଁ ବଜାର ସୃଷ୍ଟି କରିବା ଥିଲା ଆମର ପ୍ରଥମ ପ୍ରୟାସ । ବର୍ତ୍ତମାନ ଏହି ପ୍ରୟାସ ସଫଳ ହୋଇଛି । "ଭୋକାଲ୍ ଫର୍ ଲୋକାଲ୍" ର ନାରାକୁ ପ୍ରତିଫଳିତ କରି କୋରାପୁଟ କଫି ଏବେ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ପାଇଁ ଖ୍ୟାତି ଆଣି ଦେଇଛି ।

କୋରାପୁଟର ଆଦିବାସୀ ସମ୍ପ୍ରଦାୟ ପାଇଁ 'ଟାଇଗର ବ୍ରାଇଟ୍'ର ଏହି ସଫଳତା କେବଳ ଏକ କଫି ବ୍ରାଣ୍ଡର କାହାଣୀ ନୁହେଁ ବରଂ ଏହା ସେମାନଙ୍କ ପାଇଁ ନୂତନ ସୁଯୋଗ ଆଣି ଦେଇଛି । ଆଞ୍ଚଳିକ ବ୍ରାଣ୍ଡକୁ ଅନ୍ତର୍ଜାତୀୟ ବଜାର ମିଳିଛି । ବ୍ରିକ୍ସ ସମ୍ମିଳନୀରେ କୋରାପୁଟ କଫି ଶହ ଶହ ଆଦିବାସୀ (୯ ପୃଷ୍ଠାରେ)

## ଆଦିବାସୀ ତେଲର ଔଷଧୀୟ ଗୁଣକୁ ନେଇ ଗବେଷଣା




ସମ୍ବଲପୁର, ୧୨।୯ (ସବ୍ୟୁ) : ପୂର୍ବେ ମଣିଷ ପ୍ରକୃତି କୋଳରେ ବଢୁଥିଲା। ରୋଗ ହେଲେ ଚେରମୂଳି, ଜଡ଼ିବୁଟି ଓ ଜଙ୍ଗଲୀ ତେଲରେ ହିଁ ଉପଶମ ପାଉଥିଲା । ଆଧୁନିକତାର ଛାପରେ ସେହି ପାରମ୍ପରିକ ଜ୍ଞାନ ଲୋପ ପାଇବାକୁ ବସିଲାଣି। ତେଣୁ ଆଦିବାସୀଙ୍କ ସେହି ଲୁପ୍ତପ୍ରାୟ ତେଲ ଚିକିତ୍ସାକୁ ପୁନରୁଦ୍ଧାର ଓ ସଂରକ୍ଷଣ କରିବା ପାଇଁ ସମ୍ବଲପୁର (୯ ପୃଷ୍ଠାରେ)

## ସହଯୋଗୀଙ୍କ ଘରେ ଇଡି ଚଢ଼ାଉ

# କଂଗ୍ରେସର ସବୁ ପଦରୁ ଇସ୍ତଫା ଦେଲେ ହରିଶ

ନୂଆଦିଲ୍ଲୀ, ୧୨।୯ : ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ ଶୁକ୍ରବାର କଂଗ୍ରେସର ଦୁଇଟି ସାଂଗଠନିକ ପଦରୁ ଇସ୍ତଫା ଘୋଷଣା କରିଛନ୍ତି। ତାଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦନ ସିଂହ ଜୀନାଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରି ନଗଦ ଟଙ୍କା, ସୁନା ଓ ଦାମୀ ଘଣ୍ଟା ଜବତ କରିବା ପରେ ରାୱତ ଏହି ନିଷ୍ପତ୍ତି ନେଇଛନ୍ତି।

୨୦୧୬ ମସିହାରେ ଉତ୍ତରାଖଣ୍ଡ ଅଧସ୍ଥ ସେବା ଚୟନ ଆୟୋଗ ପକ୍ଷରୁ ଆୟୋଜିତ ଏକ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗ ସହ ଜଡ଼ିତ ଅର୍ଥ ହେରଫେର ମାମଲାରେ ଇଡି ଏହି ଚଢ଼ାଉ କରିଥିଲା।

ରାୱତ କହିଛନ୍ତି, ତାଙ୍କ ଘନିଷ୍ଠ



ସହଯୋଗୀଙ୍କୁ ନେଇ କୌଣସି ବିବାଦ କଂଗ୍ରେସର ଦୁର୍ନୀତି ବିରୋଧୀ ଲଢ଼େଇକୁ ଦୁର୍ବଳ କରୁ, ଏହା ସେ ଚାହୁଁନାହାନ୍ତି। ତେଣୁ ସେ ଉତ୍ତରାଖଣ୍ଡ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଦସ୍ୟ ପଦ ଏବଂ କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ସ୍ଥାୟୀ ଆମନ୍ତ୍ରିତ ସଦସ୍ୟ ପଦରୁ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି।

ଇଡି କହିଛି ଯେ ଗୁରୁବାର ଦେହରାଦୁନର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏଥିରେ ପୂର୍ବତନ ୟୁକେଏସଏସଏସସି ଅଧିକାରୀ, ଓଏମଆର୍ ସିଟ୍ ପ୍ରକ୍ରିୟାକରଣରେ ସମ୍ପୃକ୍ତ ଏକ ଘରୋଇ କମ୍ପ୍ୟୁଟର ଏଜେନ୍ସିର ମାଲିକ ଏବଂ କିଛି ମଧ୍ୟସ୍ଥଙ୍କ ସହ ସମ୍ପର୍କିତ ସ୍ଥାନ ମଧ୍ୟ ରହିଥିଲା। ଜୀନାଙ୍କ ବାସଭବନରୁ ଇଡି ପ୍ରାୟ ୩୨ ଲକ୍ଷ ଟଙ୍କାର ହିସାବ ବାହାରେ ଥିବା ନଗଦ, ପ୍ରାୟ ୨୦୦.୫ ଗ୍ରାମ୍ ଓଜନର ସୁନା ଏବଂ ୧୨ଟି ଦାମୀ ଘଣ୍ଟା ଜବତ କରିଥିବା କହିଛି। ଜବତ ସୁନା ମଧ୍ୟରେ ୧୩ଟି ସୁନା ମୁଦ୍ରା ଓ (୯ ପୃଷ୍ଠାରେ)

### ଦଳର ଲଢ଼େଇ ଦୁର୍ବଳ ନ ହେବାପାଇଁ ପଦ ଛାଡ଼ିଲେ

## ଲଗାଣ ବର୍ଷାରେ ମାଲକାନଗିରିରେ ବନ୍ୟା



- ବନ୍ୟା ଜଳରେ ବୁଡ଼ିଲା ପୋଲ, ରାସ୍ତା
- ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ
- ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ

ମାଲକାନଗିରି, ୧୨।୯ (ସବ୍ୟୁ): ଲଗାଣ ବର୍ଷାରେ ମାଲକାନଗିରି ଜିଲ୍ଲାରେ ବନ୍ୟା ସ୍ଥିତି ଗମ୍ଭୀର ରୂପ ନେବାକୁ ଲାଗିଛି । ଶୁକ୍ରବାରଠାରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅବିରତ ବର୍ଷା ହେଉଥିବାରୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଅନେକ ନଦୀନାଳାରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ବିଭିନ୍ନ ବ୍ରିଜ ଉପରେ ପାଣି ପ୍ରବାହିତ ହେଉଛି ।

ଜିଲ୍ଲାର କୋରକୋଣ୍ଡା ବ୍ଲକର ନୀଳାକାମ୍ବେରୁ ପଞ୍ଚାୟତର ୨ଟି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଶନିବାର ରେକର୍ଡ କରାଯାଇଥିବା ବର୍ଷାର ପରିମାଣ ଅନୁସାରେ ମାଲକାନଗିରି ବ୍ଲକରେ ୧୩୬.୮ ମିଲିମିଟର ବର୍ଷା ହୋଇଥିବା ବେଳେ ମାଥିଲି ବ୍ଲକରେ ୮୫ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ବାପାଙ୍କ ମୃତ୍ୟୁ ପରେ ମୁଁ ବହୁତ ଭାଙ୍ଗି ପଡିଥିଲି । ସେହି ସମୟରେ ମୋତେ କାଷ୍ଟିଂ ଡିରେକ୍ଟର ମୁକେଶ ଛାବଡା ମୋତେ ଯବାନ ଫିଲ୍ମର ଅଫର ଦେଇଥିଲେ। ମୋ ପିଲାଦିନର ସ୍ୱପ୍ନ ଥିଲା ଶାହରୁଖଙ୍କ ସହିତ କାମ କରିବା ।

**ଲେହର ଖାନ, ଅଭିନେତ୍ରୀ**



ଶିବାଙ୍ଗୀ ମୋ ପାଇଁ ବହୁତ କିଛି କରିଛନ୍ତି । ସେ ମୋ ପାଇଁ ନିଜର ଆକ୍ଟିଂ କ୍ୟାରିୟର ଛାଡି ଦେଇଛନ୍ତି । କାରଣ ସେ ହାଉସ୍ ଓ୍ୱାଇଫ୍ ହେବାକୁ ଚାହିଁଥିଲେ, ଏବଂ ମୋ ପରିବାରକୁ ପୂରା ସମୟ ଦେଇଥିଲେ ।

**ଶକ୍ତି କପୁର, ଅଭିନେତା**




ଯୁଦ୍ଧ ଫିଲ୍ମର ସୁଟିଂ ସମୟରେ ମୋ କହୁଣୀରେ ଅମିତାଭ ବଚ୍ଚନ ଆହତ ହୋଇଥିଲେ । ଏହାପରେ ଲାଗିଥିଲା ମୋ କ୍ୟାରିୟର ସରିଗଲା । ହେଲେ ଅମିତାଭ ପରିସ୍ଥିତିକୁ ବହୁତ ଭଲ ଉପାୟରେ ହ୍ୟାଣ୍ଡେଲ୍ କରିଥିଲେ ।

**ଅବିନାଶ ତିୱାରୀ, ଅଭିନେତା**

## ଆନ୍ତର୍ଜାତିକ ଚକୋଲେଟ୍ ଦିବସ

ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୧୩ ତାରିଖକୁ ସାରା ବିଶ୍ୱରେ 'ଆନ୍ତର୍ଜାତିକ ଚକୋଲେଟ୍ ଦିବସ' ଭାବେ ବେଶ୍ ଉତ୍ସାହର ସହ ପାଳନ କରାଯାଏ। ବିଶିଷ୍ଟ ଚକୋଲେଟ୍ ନିର୍ମାତା 'ହର୍ସି' କମ୍ପାନୀର ସଂସ୍ଥାପକ ମିଲ୍ଟନ୍ ହର୍ସିଙ୍କ ଜନ୍ମଜୟନ୍ତୀ ଅବସରରେ ଏହି ବିଶେଷ ଦିବସଟି ପାଳିତ ହୋଇଆସୁଛି। ବୟସର ସୀମା ନଥାଇ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରିୟ ହୋଇଥିବା ଚକୋଲେଟ୍ କେବଳ ସ୍ୱାଦ ପାଇଁ ନୁହେଁ, ବରଂ ନିଜର ଆରୋଗ୍ୟକାରୀ ଗୁଣ ପାଇଁ ମଧ୍ୟ ଜଣାଶୁଣା । ଗବେଷଣା ଅନୁଯାୟୀ, ଡାର୍କ ଚକୋଲେଟ୍‌ରେ ପ୍ରଚୁର ପରିମାଣରେ ଆଣ୍ଟି-ଅକ୍ସିଡାଣ୍ଟ ରହିଥାଏ, ଯାହା ମାନସିକ ଚାପ ଦୂର କରିବା ସହ ହୃଦୟକୁ ସୁସ୍ଥ ରଖିବାରେ ଓ ମନରେ ଖୁସି ଭରିବାରେ ସାହାଯ୍ୟ କରିଥାଏ । ଆଜିର ଦିନରେ ଲୋକମାନେ ପରସ୍ପରକୁ ଚକୋଲେଟ୍ ଉପହାର ଦେଇ ଖୁସି ବିନିମୟ କରିବା ସହ ବିଭିନ୍ନ ବେକରୀ ଓ କାଫେଗୁଡ଼ିକରେ ସ୍ୱାଦିଷ୍ଟ ଚକୋଲେଟ୍ ଆଇଟମ୍‌ର ଆନନ୍ଦ ନେଉଛନ୍ତି, ଯାହା ଏହି ଦିବସକୁ ଆହୁରି ମିଠା ଓ ସ୍ମରଣୀୟ କରିପାରିଛି ।



## ରୋବଟଙ୍କ କୌଶଳ ପ୍ରଦର୍ଶନ

ବର୍ଲିନ୍‌ରେ ଆୟୋଜିତ ' ଆଇଏଫଏ ୨୦୨୬ ' ଟେକ୍ନୋଲୋଜି ଶୋ'ରେ ରୋବୋଟ୍‌ଗୁଡ଼ିକର ଏକ ଅନନ୍ୟ ରୂପ ଦେଖିବାକୁ ମିଳିଛି । ଯେଉଁଠାରେ ହ୍ୟୁମାନଏଡ୍ ରୋବୋଟ୍ ଏବଂ ରୋବୋଟିକ୍ ପୋଷା ପ୍ରାଣୀମାନେ ଘରୋଇ କାର୍ଯ୍ୟ କରିବା ସହ ରନ୍‌ୱେରେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଛନ୍ତି । ଏହି ପ୍ରଦର୍ଶନୀରେ 'ଏଲଜି'ର କ୍ଲୋଇଡ ରୋବୋଟ୍ ଘରୋଇ କାମ ପାଇଁ ପ୍ରଦର୍ଶିତ ହୋଇଥିବା ବେଳେ ' ସ୍ୱିଇଚବଟ 'ର ରୋବୋଟ୍ ପୋଷାକ ଉଠାଇ ୱାସିଂ ମେସିନ୍‌ରେ ରଖି କବାଟ ବନ୍ଦ କରିଥିଲା । ଏଥିସହିତ 'ପୁଡୁ'ର ରୋବୋଟ୍ ସାମଗ୍ରୀ ବୋହିବା ଓ ଦର୍ଶକଙ୍କ ସହ ସେଲ୍ଫି ପାଇଁ ପୋଜ୍ ଦେଇଥିବା ବେଳେ 'ଟିସିଏଲ' ଏବଂ 'ଓଲାଇବୋଟ 'ଲୋକଙ୍କ ସହ କଥାବାର୍ତ୍ତା ଓ ସହାୟତା ପାଇଁ ନିଜର ଛୋଟ ରୋବୋଟ୍‌ଗୁଡ଼ିକୁ ସାମ୍ନାକୁ ଆଣିଥିଲେ । ଅନ୍ୟପଟେ ରନ୍‌ୱେରେ ଓହ୍ଲାଇଥିବା ରୋବୋଟ୍‌ଗୁଡ଼ିକ ନୃତ୍ୟ, ତାଇ ଚି, ବ୍ୟାକ୍‌ଫ୍ଲିପ୍ସ ଏବଂ ସ୍ଲିଟ୍‌ସ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲେ । ଯଦିଓ ପ୍ରଦର୍ଶନ ପରେ କିଛି ରୋବୋଟ୍ ନିଜର ସନ୍ତୁଳନ ହରାଇଥିଲେ ଏବଂ ଗୋଟିଏ ରୋବୋଟିକ୍ କୁକୁର ତଳେ ପଡ଼ିଯାଇଥିଲା, ହେଲେ ରୋବଟ ଗୁଡିକୁ ଖୁବ ପ୍ରଶଂସା ମିଳିଥିଲା ।



## ସଜାନ୍ତୁ ଗଣେଶ ପେଣ୍ଡାଲ



ଗଣେଶ ପୂଜା କେବଳ ମନ୍ଦିର କିମ୍ବା ବାହାରେ ହେଉଥିବା ପେଣ୍ଡାଲରେ ହୋଇନଥାଏ । ଏହି ପୂଜା ଘରେଘରେ ମଧ୍ୟ ହୋଇଥାଏ। ତେବେ ଘରେ ପୂଜା କରିବା ପୂର୍ବରୁ କିଛିଟା ଦିଗ ପ୍ରତି ଧ୍ୟାନ ଦେଲେ ପୂଜା ବେଶ୍ ସୁନ୍ଦର ସହ ଆକର୍ଷଣୀୟ ହୋଇପାରିବ। ଖୁବ ଛୋଟଛୋଟ ଜିନିଷକୁ ସଜାଇ ପାରିଲେ ଏହା ବେଶ୍ ଭଲ ସୁନ୍ଦର ଗଣେଶ ପେଣ୍ଡାଲ ହୋଇପାରିବ । ପୂଜା ଘର ସଜାଇବା ପାଇଁ ବିଭିନ୍ନ ପ୍ରକାରର ଫୁଲର ବ୍ୟବହାର କରନ୍ତୁ । ଏଭଳି ଫୁଲକୁ ତାଲିକାରେ ରଖନ୍ତୁ, ଯାହା ଶୀଘ୍ର ମଉଳି ନଥାଏ। ତେଣୁ ପ୍ରଥମ ପ୍ରାଥମିକତା ଗେଣ୍ଡୁ ଫୁଲକୁ ଦିଅନ୍ତୁ । ଶାସ୍ତ୍ରରେ ବର୍ଣ୍ଣନା ଅନୁସାରେ ଗଣେଶଙ୍କୁ ହଳଦିଆ ରଙ୍ଗ ଭଲ ଲାଗିଥାଏ। ତେଣୁ ପୂଜାଘର ସଜାଇବା ସମୟରେ ହଳିଦିଆ ରଙ୍ଗର ଫୁଲ ବ୍ୟବହାର କଲେ ଭଲ। ସେହିଭଳି ଯଦି ଆପଣ ଇକୋଫ୍ରେଣ୍ଡଲି ଗଣେଶ ପୂଜା ପାଳନ କରିବାକୁ ଚାହୁଁଛନ୍ତି, ତେବେ ପୂଜା ଘରେ ଗଛ ମଧ୍ୟ ସଜାଇପାରିବେ । ଏହି ଗଛରେ ସଜାଇବା ପାଇଁ ଆବଶ୍ୟକ ହେଉଥିବା ଲାଇଟ୍, ବେଲୁନ୍, ଚୁନି ଆଦିକୁ ସଜାଇପାରିବେ । ସେହିଭଳି ଘରର କାନ୍ଥକୁ ଫୁଲ ମାଳ, ବେଲୁନ୍, ରଙ୍ଗବେରଙ୍ଗ ଲାଇଟ୍, ଚୁନି, ଝାଲର ଆଦିରେ ସଜାଇପାରିବେ । ସେହିଭଳି କିଛି ବି ପର୍ବ ବିନା ରଙ୍ଗୋଲିରେ ଅଧୁରା ଲାଗିଥାଏ । ତେଣୁ ବିଭିନ୍ନ ରଙ୍ଗର ମୁରୁଜ ବ୍ୟବହାର କରି ସୁନ୍ଦର ରଙ୍ଗୋଲି କରନ୍ତୁ, ଯାହା ପୂଜାଘରକୁ ବେଶ୍ ଆକର୍ଷଣୀୟ କରିବ । ଏହି ରଙ୍ଗୋଲିରେ ଦୀପ ଥୋଇପାରିବେ ।

## ଇତିହାସ


୧୮୪୫- ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ ହେନେରୀ କଟନ୍‌ଙ୍କ ଜନ୍ମ ।
୧୯୨୬- ଭାରତର ମହିଳା କ୍ରାନ୍ତିକାରୀ ନଗେନ୍ଦ୍ର ବାଲାଙ୍କ ଜନ୍ମ ।
୧୯୨୯- ଲାହୋର ଜେଲ୍‌ରେ ୬୩ ଦିନ ଅନସନ କରିବା ପରେ ପ୍ରସିଦ୍ଧ ଭାରତୀୟ କ୍ରାନ୍ତିକାରୀ ଜତିନ୍ଦ୍ରନାଥ ଦାସଙ୍କ ଦେହାନ୍ତ ।
୧୯୪୬- ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ମେଜର ରାମାସ୍ୱାମୀ ପରମେଶ୍ୱରନଙ୍କ ଜନ୍ମ ।
୧୯୪୭- ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁ ୪୦ ଲକ୍ଷ ହିନ୍ଦୁ ତଥା ମୁସଲିମଙ୍କ ପାରସ୍ପରିକ ସ୍ଥାନାନ୍ତରଣ ପାଇଁ ପ୍ରସ୍ତାବ ରଖିଲେ ।
୧୯୪୮ - ତତ୍କାଳୀନ ଉପପ୍ରଧାନମନ୍ତ୍ରୀ ବଲ୍ଲଭ ଭାଇ ପଟେଲ ହାଇଦ୍ରାବାଦରେ ପଶି କାର୍ଯ୍ୟାନୁଷ୍ଠାନ ନେବାକୁ ସେନାମାନଙ୍କୁ ଆଦେଶ ଦେଲେ ।
୨୦୦୦- ଭାରତର ବିଶ୍ୱନାଥନ ଆନନ୍ଦ ପ୍ରଥମକରି ଏଫ୍‌ଆଇଡିଇ ଚେସ୍ ବିଶ୍ୱ କପ୍ ବିଜୟୀ ଘୋଷିତ ।
୨୦୦୮- ଦିଲ୍ଲୀରେ ପୃଥକ୍ ସ୍ଥାନରେ ୪ଟି ବୋମା ବିସ୍ଫୋରଣରେ ୧୯ ଲୋକଙ୍କ ମୃତ୍ୟୁ ଏବଂ ୯୦ରୁ ଅଧିକ ଆହତ ।

## ପିରାମିଡ଼ରେ ଲୁଚିଛି ଗାଣିତିକ ସଙ୍କେତ

ଇଜିପ୍ଟର ପ୍ରସିଦ୍ଧ 'ଗ୍ରେଟ୍ ପିରାମିଡ୍ ଅଫ୍ ଗିଜା' ମଧ୍ୟରେ ଚନ୍ଦ୍ର, ତାରା ଏବଂ ଗ୍ରହଗୁଡ଼ିକ ସହ ଜଡ଼ିତ ଏକ ଗୁପ୍ତ ଗାଣିତିକ ସଙ୍କେତ ଲୁଚି ରହିଥିବା ନେଇ ଗବେଷକମାନେ ସୂଚନା ଦେଇଛନ୍ତି। ରିପୋର୍ଟ ଅନୁସାରେ ପ୍ରାଚୀନ ଇଜିପ୍ଟୀୟ ଗାଣିତିକ ପଦ୍ଧତି ପ୍ରୟୋଗ କରି ପିରାମିଡର ଉଚ୍ଚତା, ଭୂମି ଏବଂ ଗଡ଼ାଣିଆ ପାର୍ଶ୍ୱର ମାପକୁ ହିସାବ କଲେ କିଛି ନିର୍ଦ୍ଦିଷ୍ଟ ସଂଖ୍ୟା ମିଳୁଛି । ଯାହା ମହାଜାଗତିକ ଚକ୍ର ଏବଂ 'ପାଇ' ଓ 'ଗୋଲ୍ଡେନ୍ ରେସିଓ' ଭଳି ଗାଣିତିକ ସ୍ଥିରାଙ୍କ ସହ ପ୍ରାୟ ସମାନ । ଏତଦ୍‌ବ୍ୟତୀତ ବୃହସ୍ପତି, ଶନି, ଶୁକ୍ର ଓ ମଙ୍ଗଳ ଗ୍ରହର ଗତିବିଧି ସହ ଏହାର ସମ୍ପର୍କ ଥିବା ଦାବି କରାଯାଇଛି । ଏହି ସାଦୃଶ୍ୟ ଆକସ୍ମିକ କି ନୁହେଁ ତାହା ପରୀକ୍ଷା କରିବାକୁ ଲେଭି କମ୍ପ୍ୟୁଟର ଦ୍ୱାରା ୧,୦୦,୦୦୦ ମଡେଲ୍ ସୃଷ୍ଟି କରିଥିବା ବେଳେ ମାତ୍ର ୨.୪ ପ୍ରତିଶତ ମଡେଲରେ ଏପରି ନମୁନା ଦେଖିବାକୁ ମିଳିଥିଲା, ଯାହା ଏହାକୁ ଏକ ଯୋଜନାବଦ୍ଧ ସଂରଚନା ବୋଲି ସଙ୍କେତ ଦେଉଛି । ପ୍ରାୟ ୪,୫୦୦ ବର୍ଷ ପୂର୍ବେ ଫାରୋ ଖୁଫୁଙ୍କ ଶାସନକାଳରେ ନିର୍ମିତ ଏହି ପିରାମିଡକୁ ସାଧାରଣତଃ ଏକ ସମାଧିସ୍ଥଳ ଭାବେ ଗ୍ରହଣ କରାଯାଉଥିବା ବେଳେ, ଗବେଷକମାନେ ଏହାକୁ କେବଳ ଏକ ସମାଧି ନୁହେଁ ବରଂ ପ୍ରାଚୀନ ଜ୍ଞାନର ଏକ ସ୍ଥାୟୀ ନଥିପତ୍ର ଏବଂ ପୌରାଣିକ 'ବେନ୍‌ବେନ୍' ସହ ଜଡ଼ିତ ସଂରଚନା ବୋଲି ଦର୍ଶାଇଛନ୍ତି। ତେବେ ଏହି ଗବେଷଣାଟିର କୌଣସି ସ୍ୱତନ୍ତ୍ର ପ୍ରମାଣ ନଥିବାରୁ ଏହାକୁ ,ସ୍ୱୀକୃତି ମିଳିନାହିଁ ।



## ବିଏମଡବ୍ଲ୍ୟୁର ବ୍ରାଣ୍ଡ ଆମ୍ବାସଡ଼ର ରଣବୀର



ଜର୍ମାନ ବିଳାସପୂର୍ଣ୍ଣ କାର୍ ନିର୍ମାତା ବିଏମଡବ୍ଲ୍ୟୁ ଇଣ୍ଡିଆ ଶୁକ୍ରବାର ନୂଆଦିଲ୍ଲୀରେ ନିଜର ନୂତନ ବିଏମଡବ୍ଲ୍ୟୁ ୭ ସିରିଜ୍ ରେଞ୍ଜ ଉନ୍ମୋଚନ କରିଛି । ଏହାସହ କମ୍ପାନୀ ବଲିଉଡ୍ ତାରକା ରଣବୀର ସିଂହଙ୍କୁ କମ୍ପାନୀର ନୂଆ ବ୍ରାଣ୍ଡ ଆମ୍ବାସାଡର ଭାବେ ମଧ୍ୟ ଘୋଷଣା କରିଛି । ଏହି ଭବ୍ୟ କାର୍ଯ୍ୟକ୍ରମରେ ରଣବୀର ୭ ସିରିଜ୍‌ର ନୂଆ କାର୍‌ଗୁଡ଼ିକର ଅନାବରଣ କରିଥିବା ଦେଖିବାକୁ ମିଳିଥିଲା । ଭାରତରେ ଏହି ସିରିଜ୍ ପେଟ୍ରୋଲ୍ ଏବଂ ସମ୍ପୂର୍ଣ୍ଣ ବୈଦ୍ୟୁତିକ ପାୱାରଟ୍ରେନ୍ ବିକଳ୍ପ ସହ ଉପଲବ୍ଧ ହେବ । ଯେଉଁଥିରେ ସବୁଠାରୁ ଭଲ ମୋଡେଲ୍ ବିଏମଡବ୍ଲ୍ୟୁ ଆଇ ୭ ଏମ୭୦ ମଧ୍ୟ ସାମିଲ ରହିଛି । ବିଏମଡବ୍ଲ୍ୟୁ ଡିଲରସିପ୍‌ଗୁଡ଼ିକରେ ଏବେ ବୁକିଂ ଆରମ୍ଭ ହୋଇସାରିଥିବା ବେଳେ ଅକ୍ଟୋବର ୨୦୨୬ରୁ ଗାଡ଼ି ଯୋଗାଣ ଆରମ୍ଭ ହେବ । ଉଲ୍ଲେଖଯୋଗ୍ୟ ଯେ, ନିଜର ବିଳାସପୂର୍ଣ୍ଣ ଗାଡ଼ି ସଉକ ପାଇଁ ଜଣାଶୁଣା ରଣବୀର ସିଂହ ଏହା ପୂର୍ବରୁ ସ୍କୋଡା ଅଟୋ ଇଣ୍ଡିଆର 'ବ୍ରାଣ୍ଡ ସୁପରଷ୍ଟାର୍' ଏବଂ ୨୦୧୪ରୁ ମାରୁତି ସୁଜୁକି ନେକ୍ସା ସିଆଜ୍ର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରିସାରିଛନ୍ତି । ସେହିଭଳି ବଲିଉଡରେ ଶାହରୁଖ ଖାନ୍ ହ୍ୟୁଣ୍ଡାଇ, ଭିକ୍କି କୌଶଲ ଟାଟା ଇଭି, କାର୍ତ୍ତିକ ଆରିଅନ ମାରୁତି ବ୍ରେଜା, ରଣବୀର କପୁର ରେନୋ ଇଣ୍ଡିଆ ଏବଂ ଆୟୁଷ୍ମାନ ଖୁରାନା ଟୋୟୋଟା ଇଣ୍ଡିଆଙ୍କ ପରି ଅନେକ ପ୍ରମୁଖ ତାରକା ମଧ୍ୟ ବିଭିନ୍ନ ଅଟୋମୋବାଇଲ୍ ବ୍ରାଣ୍ଡ ସହ ଜଡ଼ିତ ରହିଛନ୍ତି ।

## ମେଷ



**ମେଷ:** ଦେବ କାର୍ଯ୍ୟରେ ବିଳମ୍ବ, ପାରିବାରିକ ଖୁସି, ଲୋକସମ୍ପର୍କ ବୃଦ୍ଧି, ସୁସମାଚାର, ଗୃହେ ଜଞ୍ଜାଳ ବୃଦ୍ଧି, ସନ୍ତାନ ସମସ୍ୟା। ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୯, ଆରାଧନା- ମା' ଅନ୍ନପୂର୍ଣ୍ଣା।

**ବୃଷ:** ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଲାଭ, ବିଶିଷ୍ଟ କାର୍ଯ୍ୟରେ ଅପମାନ, ମାନସିକ ଅବସାଦ, ଅର୍ଥ ଲାଭ, ଦେବଦର୍ଶନ, ଅଳ୍ପ ସମସ୍ୟା ସମାଧାନ। କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ମା' ଭଗବତୀ।

**ମିଥୁନ:** କାର୍ଯ୍ୟରେ ପ୍ରଶଂସା, ଦୂରଯାତ୍ରା ସଫଳ, ଅର୍ଥ ଲାଭ, ମାନସିକ ଶାନ୍ତି, ଈଶ୍ୱର ଭକ୍ତି, ଶାରୀରିକ ସୁସ୍ଥ, ବନ୍ଧୁ ଲାଭ, ଶୁଭ ଖବର, ସମ୍ପତ୍ତି ଲାଭ, ବାକି ଧନ ପ୍ରାପ୍ତି। ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଲାଲ, ସଂଖ୍ୟା-୧୧, ଆରାଧନା- ପ୍ରଭୁ ଲିଙ୍ଗରାଜ।

**କର୍କଟ:** ଚିନ୍ତାରୁ ମୁକ୍ତି, ସମସ୍ୟା ସମାଧାନ, ବିଶିଷ୍ଟ କାର୍ଯ୍ୟରୁ ଲାଭ, ଶାରୀରିକ ସୁସ୍ଥ, ଶୁଭ ଆଲୋଚନା, ସମ୍ମାନ ଲାଭ, କର୍ମକ୍ଷେତ୍ରରୁ ପ୍ରଶଂସା, ବିପଦମୁକ୍ତ, ନୂତନ କର୍ମ ଆରମ୍ଭ, ଅର୍ଥ ଲାଭ। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୧୦, ଆରାଧନା- ମା' ଛିନ୍ନମସ୍ତା।

**ସିଂହ:** ଯାତ୍ରାରେ ସଫଳ, ଶୁଭ ଖବର, ଭୂସମ୍ପତ୍ତି ଲାଭ, ବିବାଦ ସମାଧାନ, ଶାରୀରିକ ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ଅର୍ଥ ସମସ୍ୟା ସମାଧାନ, ସମ୍ମାନ ଲାଭ, ଦ୍ରବ୍ୟ ପ୍ରାପ୍ତି। ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା-ମା' କୋଚିଲାଇ।

**କନ୍ୟା:** ମାନସମ୍ମାନ ପ୍ରାପ୍ତି, ଶୁଭ ଖବର, ଦାମ୍ପତ୍ୟ ସୁଖ, ବିଦେଶ ଭ୍ରମଣ, ଅର୍ଥ ଲାଭ, ଶତ୍ରୁ ପରାଜିତ, କର୍ମକ୍ଷେତ୍ରରେ ପ୍ରଶଂସା, ପାରିବାରିକ ସୁଖ, ସନ୍ତାନ ଲାଭ। ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଇସତ୍ ଲାଲ, ସଂଖ୍ୟା-୧୨, ଆରାଧନା- ଶଙ୍କର ଭଗବାନ।

**ତୁଳା:** ଆୟ ଅପେକ୍ଷା ବ୍ୟୟ ଅଧିକ, ମାନସିକ ଶାନ୍ତ, ସମସ୍ୟା ସମାଧାନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ବିଦ୍ରୋହ, ପାରିବାରିକ ଶାନ୍ତି, ଦାମ୍ପତ୍ୟ କଳହ। ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଗ୍ରାମଦେବତୀ।

**ବିଛା:** ମାନସିକ ଶାନ୍ତି, ଅର୍ଥ ପ୍ରାପ୍ତି, ସମ୍ପତ୍ତି ବୃଦ୍ଧି, ପାରିବାରିକ ଖୁସି, ଅଯଥା ଖର୍ଚ୍ଚ, ପିଲାଙ୍କ ଖୁସି, ବନ୍ଧୁ ଲାଭ, ଦ୍ରବ୍ୟ କ୍ରୟ, ଅନୁଷ୍ଠାନରୁ ଲାଭ। ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ମା' ମାଣିକେଶ୍ୱରୀ।

**ଧନୁ:** ସ୍ୱଜନ ବିରୋଧୀ, ସ୍ୱଳ୍ପ ଅର୍ଥ ଲାଭ, ଲାଭ କମ ମିଳିବ, ବିଶିଷ୍ଟ କାର୍ଯ୍ୟରେ ସନ୍ତୋଷ, ପାରିବାରିକ ଖୁସି, ଦାମ୍ପତ୍ୟ କଳହ, ଶୁଭ ଆଲୋଚନା। ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୬, ଆରାଧନା- ମାତାପିତାଙ୍କ ସେବା।

**ମକର:** ଦୂର ଯାତ୍ରାରେ ସତର୍କ, ବିଦ୍ୟାରେ ଉନ୍ନତି, ପାରିବାରିକ ଶୁଭ, ଶାରୀରିକ ଅସୁସ୍ଥ, ଈଶ୍ୱର ଭକ୍ତି, ବହୁ କାର୍ଯ୍ୟରେ ଅର୍ଥ ଲାଭ, ଅନୁଷ୍ଠାନରୁ ଲାଭ, ନୂତନ କର୍ମାରମ୍ଭ। ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୮, ଆରାଧନା- ମା' ଦକ୍ଷିଣକାଳୀ।

**କୁମ୍ଭ:** ବିଶିଷ୍ଟ କାର୍ଯ୍ୟରେ ପ୍ରଶଂସା, ଆଶାରେ ସଫଳତା, ସମସ୍ୟା ସମାଧାନ, ବନ୍ଧୁଗୃହେ ଯାତ୍ରା, ଦ୍ରବ୍ୟ ଲାଭ, ବାକି ଧନ ପ୍ରାପ୍ତି, ବନ୍ଧୁଦର୍ଶନ, ଶାରୀରିକ ସୁସ୍ଥ, ଶୁଭ ଆଲୋଚନା। ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୫, ଆରାଧନା- ପ୍ରଭୁ ଶଙ୍କର।

**ମୀନ:** କାର୍ଯ୍ୟରେ ସଫଳତା, ମାନସିକ ଶାନ୍ତି, ଅଯଥା ଅପବାଦ, ଖୁସି ଖବର, ବନ୍ଧୁ ସାହାଯ୍ୟ, ଶୁଭ ଆଲୋଚନା, ଶାରୀରିକ ସୁସ୍ଥ, ଗୃହେ ଉତ୍ସବ। ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ମହାଲକ୍ଷ୍ମୀ।

ଭାଦ୍ରବ ଶୁକ୍ଳ ପକ୍ଷ ଦ୍ୱିତୀୟା
୧୩. ୯ .୨୦୨୬, ରବିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ବେଆଇନ କଳା କାଚ ଓ ମଲ୍ଟି-ଟୋନ୍ ହର୍ଣ୍ଣ ବ୍ୟବହାର

# ଦଣ୍ଡ ଗଣିଲେ ୧୨ ଚାଳକ

କଟକ,(ସବ୍ରୁ): ସରକାରୀ ଆଇନ ଓ କଟକଣାକୁ ଫୁ-କରି ରାଜପଥରେ ଗଡୁଛି ବେଆଇନ କଳା କାଚ (ବ୍ଲାକ୍ ଫିଲ୍ମ) ଓ ବ୍ୟାନ ହୋଇଥିବା ମଲ୍ଟି-ଟୋନ୍ ହର୍ଣ୍ଣ ଲଗାଯାଇଥିବା ଗାଡ଼ି। ଏହା ସାଧାରଣ ଜନତାଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବା ସହ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟୁଛି। ଏହାକୁ ଗମ୍ଭୀରତାର ସହ ନେଇ କଟକ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଆଜି କଟକ କାଠଯୋଡି ବେଲଭିଉ ଛକରେ କଡାକଡି ଯାଞ୍ଚ ଅଭିଯାନ କରାଯାଇଥିଲା। ଏହି କ୍ରମରେ ମୋଟ୩୬ଟି ଗାଡି ଯାଞ୍ଚ କରାଯାଇଥିବା ବେଳେ ୧୨ଟି ଗାଡିରେ କଳାକାଚ ଲାଗିଥିବା ଜଣାପଡିଥିଲା । ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ଏହି ଗାଡି ଗୁଡିକର କଳା ଫିଲ୍ମକୁ କଢାଯିବା ସହ ପ୍ରତି ଗାଡିକୁ ୨୫୦୦ଟଙ୍କା ଲେଖାଏଁ ଜରିମାନା କରାଯାଇଛି । ଏଥିପାଇଁ ମୋଟ ୪୦ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ସେହିଭଳି ୬ଜଣ ନାବାଳକ ଦୁଇଚକିଆ ଗାଡି ଚଳାଇବା ବେଳେ ଧରାପଡିଛନ୍ତି । ଏହି ଗାଡି ଗୁଡିକୁ ଜବତ କରାଯାଇଛି । ନିୟମାନୁସାରେ ଚାରିଚକିଆ ଯାନର ସମ୍ମୁଖ ଓ ପଛ କାଚ (ୱିଣ୍ଡସ୍କ୍ରିନ୍) ଦେଇ ଅତିକମରେ ୭୦ ପ୍ରତିଶତ ଦୃଶ୍ୟମାନ ଆଲୋକ ଅତିକ୍ରମ କରିବା ଆବଶ୍ୟକ। ସେହିପରି ଗାଡ଼ିର ଦୁଇ ପାଖ କାଚରେ ଅତିକମରେ ୫୦ ପ୍ରତିଶତ ଆଲୋକ ଚଳାଚଳ କରିପାରୁଥିବା ଦରକାର। ଗାଡ଼ି ଗୁଡ଼ିକରେ ବ୍ଲାକ୍ ଫିଲ୍ମ, ସାଇରନ୍ ଏବଂ ମଲ୍ଟି-ଟୋନ୍/ ମ୍ୟୁଜିକାଲ୍ ହର୍ଣ୍ଣ ବ୍ୟବହାର କରୁଥିବା ଅମାନିଆଙ୍କ ବିରୋଧରେ ଏକ ବିଶେଷ ଯାଞ୍ଚ ଅଭିଯାନ ଆରମ୍ଭ କରାଯିବ। ନିୟମ ଉଲ୍ଲଂଘନକାରୀଙ୍କୁ ଆଇନ ଅନୁଯାୟୀ ମୋଟା ଅଙ୍କର ଜୋରିମାନା ଦେବାକୁ ପଡ଼ିବ। ତେଣୁ ଜରିମାନାରୁ ବର୍ତ୍ତିବା ପାଇଁ ଆଇନଗତ ପ୍ରାବଧାନକୁ ମାନିବା ସହ କଟକଣା ତାରିଖ ପୂର୍ବରୁ ଗାଡ଼ିରୁ ନିଜ ଆଡୁ ବ୍ଲାକ୍ ଫିଲ୍ମ ଓ ମଲ୍ଟି-ଟୋନ୍ ହର୍ଣ୍ଣ ଆଦି ହଟାଇ ନେବାକୁ ପରିବହନ ବିଭାଗ ପରାମର୍ଶ ଦେଇଛି। ୨୦୧୨ ମସିହାରେ ସୁପ୍ରିମକୋର୍ଟ ଗାଡ଼ି କାଚରେ ବାହାରୁ ଲଗାଯାଉଥିବା ସନ୍ ଫିଲ୍ମ/ବ୍ଲାକ୍ ଫିଲ୍ମ ଉପରେ ସମ୍ପୂର୍ଣ୍ଣ ବ୍ୟାନ ଲଗାଇଥିଲେ। ବର୍ତ୍ତମାନ ଭାରତରେ ଗାଡ଼ିର କାଚ ଟିଣ୍ଟିଂ ନିୟମାବଳୀ 'ସେଣ୍ଟ୍ରାଲ ମୋଟର ଭେହିକିଲସ ରୁଲ୍ସ (ସିଏମଭିଆର), ୧୯୮୯' ର ରୁଲ୍ ୧୦୦ ଏବଂ 'ମୋଟର ଭେହିକିଲସ ଆକ୍ଟ, ୧୯୮୮' ଅଧୀନରେ ପରିଚାଳିତ ହେଉଛି। ଏହି ନିୟମର ଉଲ୍ଲଂଘନ କଲେ କେବଳ ଜରିମାନା କିମ୍ବା ବଳପୂର୍ବକ ଫିଲ୍ମ କାଢ଼ିଦିଆଯିବ ନାହିଁ, ବରଂ ବାରମ୍ବାର ଭୁଲ୍ କଲେ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ରଦ୍ଦ ହୋଇପାରେ।

### ନନ୍ଦନକାନନରେ ଗାଡ଼ଭାଲୁ ମୃତ

ବାରଙ୍ଗ ,(ସବ୍ୟୁ): ନନ୍ଦନକାନନରେ ଜନ୍ମ ହେବାର ତିନି ଦିନ ପରେ ସିଂହ ଛୁଆ ମୃତ୍ୟୁ ହୋଇଥିବା ବେଳେ ଏଥର ବିରଳ ଗାଡ ଭାଲୁ (ରାଟେଲ) ର ମୃତ୍ୟୁ ହୋଇଛି । କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ, ଏକ ପୁରୁଷ ଗାଡ଼ ଭାଲୁ ('ରାଟେଲ' ) କୁ ଉଭୟ ଜଙ୍ଘ ଓ ସମସ୍ତ ଅଙ୍ଗପ୍ରତ୍ୟଙ୍ଗରେ ଏବଂ ମୁହଁରେ ମଧ୍ୟ ଏକାଧିକ ଆଘାତ ଲାଗିଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ତାକୁ ପୃଥକ ଓ୍ୱାର୍ଡକୁ ଅଣାଯାଇ ଚିକିତ୍ସା ଯୋଗାଇ ଦିଆଯାଇଥିଲେ ମଧ୍ୟ ତା'ର ମୃତ୍ୟୁ ଘଟିଥିଲା ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।ଏହା ପୂର୍ବରୁ ଏକ ସିଂହ ଛୁଆ ଜନ୍ମର ତିନି ଦିନରେ ମୃତ୍ୟୁ ବରଣ କରିଛି । ତିନି ଦିନର ଛୁଆ ମରିବା ନବଜାତ ଯନିର ସମ୍ପୂର୍ଣ୍ଣ ବିଫଳତା ନୁହେଁ କି ବୋଲି ଅଭିଯୋଗ ହେଉଛି । ଏବେ ପୁଣି ବାର୍ଦ୍ଧକ୍ୟରେ କଲରାପତରିଆ ବାଘ ମଞ୍ଜୁ, ଅନିତା ଓ ସିଂହ ନରସିଂମ୍ହା ଅସୁସ୍ଥ ଅଛନ୍ତି । ବାର୍ଦ୍ଧକ୍ୟ ହେଲେ ଅସୁସ୍ଥ ହେବେ, କିନ୍ତୁ ସେମାନଙ୍କୁ ବଞ୍ଚାଇ ରଖିବାକୁ ସ୍ୱତନ୍ତ୍ର ଯନି କେଉଁଠି ବୋଲି ପଶୁପ୍ରେମୀ ମହଲରେ ଚର୍ଚ୍ଚା ହେଉଛି ।

## ଓଡ଼ିଶା ବରିଷ୍ଠ ଜନସ୍ୱାସ୍ଥ୍ୟ ଇଞ୍ଜିନିୟର୍ସ ସଂଘର ସପ୍ତମ ସମ୍ମିଳନୀ




ଭୁବନେଶ୍ୱର,(ସବ୍ୟୁ) : ଚଳିତମାସ ୯ ତାରିଖରେ ଓଡ଼ିଶା ବରିଷ୍ଠ ଜନସ୍ୱାସ୍ଥ୍ୟ ଇଞ୍ଜିନିୟର୍ସ ସଂଘର ଧଉଳି ନିକଟସ୍ଥ ହୋଟେଲ୍ ପୁଷ୍ପକ ଠାରେ ସପ୍ତମ ସମ୍ମିଳନୀ ତଥା ଚତୁର୍ଥ ସାଧାରଣ ସମୂହ ବୈଠକ ଆୟୋଜିତ ହୋଇଯାଇଛି । ଉତ୍ସବର ପ୍ରାରମ୍ଭରେ ଅତି ବରିଷ୍ଠ ନାଗରିକ ସଦସ୍ୟମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯିବା ପରେ 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଏହାପରେ ଏକ କୋରସ୍ ପ୍ରାର୍ଥନା ସଙ୍ଗୀତ ପରିବେଷଣ ପରେ ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସଂଘର ସଭାପତି ଇଂ. ବିବେକାନନ୍ଦ ମହାପାତ୍ର ଉତ୍ସବରେ ଯୋଗଦେଇଥିବା ସମସ୍ତ ଦମ୍ପତିଙ୍କୁ ସ୍ୱାଗତ କରିବା ସହ ସଂଘର କାର୍ଯ୍ୟକଳାପ ବିଷୟରେ ଆଲୋକପାତ କରିଥିଲେ । ସଂଘର ସାଧାରଣ ସମ୍ପାଦକ ଇଂ. ଶିରିଶ ଚନ୍ଦ୍ର ଦାସ ବାର୍ଷିକ ବିବରଣୀ ପାଠ କରିବା ସହିତ ସଂଘ ଦ୍ୱାରା ଆୟୋଜିତ ସାମାଜିକ, ସାଂସ୍କୃତିକ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଏହି ସମ୍ମିଳନୀରେ ନୂତନ ଭାବେ ଯୋଗଦେଇଥିବା ସମସ୍ତ ସଭ୍ୟ ଏବଂ ସେମାନଙ୍କ ଧର୍ମପତ୍ନୀଙ୍କୁ ସଂଘର ଉପସଭାପତି ଇଂ. ଚିତ୍ତରଞ୍ଜନ ଜେନା ଓ ସଦସ୍ୟା ଇଂ. କୀର୍ତ୍ତି କୋହଲି ପାଠକଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଏହାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା, ନିଜସ୍ୱ କବିତା ପାଠ, ଦେଶାତ୍ମବୋଧକ ଗୀତ ଓ ନାଚ, ଭଜନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଫଟୋ ଦେଖି ଶରୀର ଗଠନର ଆକଳନ, ଉନ୍ନତ ମାଛଚାଷ ପ୍ରଣାଳୀ ଇତ୍ୟାଦି ସଭ୍ୟଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ସଂଘର ସାଧାରଣ ବୈଠକ ପରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ସାଇବର ସୁରକ୍ଷା ଅଧିବେଶନର ମଧ୍ୟ ଆୟୋଜନ କରାଯାଇଥିଲା । ପରିଶେଷରେ ସଂଘର ଯୁଗ୍ମ ସମ୍ପାଦକ ଇଂ. ଦେବସୁନ୍ଦର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଖୋର୍ଦ୍ଧାରେ କୋଡିନ କଫ୍ ସିରପ୍ ର ବେଆଇନ କାରବାର

# ୩୪୦ ବୋତଲ ଜବତ, ଜଣେ ଗିରଫ : ୨ ଫେରାର

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସହରରେ କୋଡିନ ମିଶ୍ରିତ କଫ ସିରପର ବେଆଇନ ବିକ୍ରି ଓ ଯୋଗାଣକୁ ନେଇ ଚାଲିଥିବା କାରବାର ଉପରେ ପୁଲିସର ଚଢ଼ଉ ବେଳେ ବଡ଼ ସଫଳତା ମିଳିଛି। ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ବିଡିଏ କଲ୍ୟାଣ ମଣ୍ଡପ ନିକଟରେ ଚଢ଼ଉ କରି ୩୪୦ ବୋତଲ, ପ୍ରାୟ ୩୪ ଲିଟର କୋଡିନ୍ ମିଶ୍ରିତ କଫ ସିରପ ଜବତ କରିଛି। ଜବତ କଫ ସିରପର ଆନୁମାନିକ ମୂଲ୍ୟ ୫୧ ହଜାର ଟଙ୍କା ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ବିଶ୍ୱସନୀୟ ସୂଚନାକୁ ଆଧାର କରି ଗତ ୧୧ ତାରିଖରେ ଆଦର୍ଶ ଥାନାର ଏକ ଟିମ୍ ବିଡିଏ କଲ୍ୟାଣ ମଣ୍ଡପ ନିକଟରେ ଅଚାନକ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ବହୁ ପରିମାଣର କଫ ସିରପ ଠାବ ହେବା ସହ ଘଟଣାସ୍ଥଳରୁ ଗୋଟିଏ ଟାଟା ଇଣ୍ଡିଗୋ କାର ଏବଂ ପଲସର ଓ ଗ୍ଲାମର ମୋଟରସାଇକେଲ ଜବତ କରାଯାଇଥିଲା। ଘଟଣାରେ ପୁଲିସ ଚକ୍ରଧର ସାମନ୍ତରାୟ (୫୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି କାରବାରରେ ଆଉ ଦୁଇଜଣଙ୍କ ସମ୍ପୃକ୍ତି ଥିବା ପୁଲିସ ସୂଚନା ଦେଇଛି। ସେମାନେ ଘଟଣା ପରେ ଫେରାର ହୋଇଯାଇଥିବା ବେଳେ ଫେରାର ଅଭିଯୁକ୍ତଙ୍କ ମଧ୍ୟରେ ଗିରଫ ଚକ୍ରଧରଙ୍କ ପୁଅ ମଧ୍ୟ ଥିବା ଜଣାପଡ଼ିଛି ସେମାନଙ୍କୁ ଧରିବା ପାଇଁ ପୁଲିସ ତଲାସି ଜାରି ରଖିଛି।



୩୪୦ ବୋତଲ କଫ ସିରପ ସହ ଗୋଟିଏ କାର ଓ ଦୁଇଟି ବାଇକ୍ ଜବତ ହେବା ଘଟଣାକୁ ଅଧିକ ଗୁରୁତ୍ୱ ଦେଇଛି। ଏତେ ପରିମାଣର କଫ ସିରପ କେବଳ ସ୍ଥାନୀୟ ଭାବେ ବିକ୍ରି ପାଇଁ ଅଣାଯାଇଥିଲା ନା ଏହା ପଛରେ ଅନ୍ୟ ଅଂଚଳକୁ ବ୍ୟାପିଥିବା ଏକ ବଡ଼ ଯୋଗାଣ ନେଟୱର୍କ ରହିଛି, ତାହା ଏବେ ତଦନ୍ତର ମୁଖ୍ୟ ବିଷୟ ପାଲଟିଛି। ଜବତ କଫ ସିରପ କେଉଁଠାରୁ ଆସିଥିଲା, କିଏ ଏହାକୁ ଖୋର୍ଦ୍ଧାକୁ ଆଣିଥିଲା, କାହା ନିକଟକୁ ଏହା ପଠାଯିବାର ଯୋଜନା ଥିଲା ଏବଂ ଏହି କାରବାରରେ ଆଉ କେଉଁମାନେ ସମ୍ପୃକ୍ତ ଏସବୁ ଦିଗରେ ପୁଲିସ ତଦନ୍ତ କରୁଛି। ଏହାସହ ଜବତ ହୋଇଥିବା କାର ଓ ଦୁଇଟି ବାଇକ୍ ର ମାଲିକାନା ଏବଂ ଏଗୁଡ଼ିକ କଫ୍‌ସିରପ ପରିବହନ କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହୃତ ହେଉଥିଲା କି ନାହିଁ, ପୁଲିସ ତାହା ଯାଂଚ କରୁଛି। ଅଭିଯୁକ୍ତମାନଙ୍କର ପୂର୍ବରୁ ଏଭଳି କାରବାର ସହ ସମ୍ପୃକ୍ତି ଥିଲା କି ନାହିଁ ଏବଂ ଅନ୍ୟ ଅଂଚଳର ଯୋଗାଣକାରୀଙ୍କ ସହ ସେମାନଙ୍କର ଯୋଗାଯୋଗ ରହିଛି କି ନାହିଁ, ସେନେଇ ମଧ୍ୟ ତଦନ୍ତ ଚାଲିଛି। ଏ ସମ୍ପର୍କରେ ଖୋର୍ଦ୍ଧା ଆଦର୍ଶ ଥାନାରେ କେସ୍ ନମ୍ବର ୫୬୨/୨୦୨୬ରେ ମାମଲା ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୨୭୪, ୨୭୬, ୨୭୭ ଓ ୩(୫) ସହ ଓଡ଼ିଶା ଅବକାରୀ ଆଇନର ଧାରା ୫୨(ଏ) ଅନୁଯାୟୀ ମାମଲା ରୁଜୁ ହୋଇଥିବା ପୁଲିସ କହିଛି।

### ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୯ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ,(ସବ୍ୟୁ): ହାଇକୋର୍ଟରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ, ହାଇକୋର୍ଟ ଆଇନସେବା କମିଟି ଅଧ୍ୟକ୍ଷ ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ଆଇନସେବା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ୧୭୫ଟି ମାମଲାର ଆପୋଷ ବୁଝାମଣାରେ ଫଏସଲା କରାଯାଇଛି। ସେହିଭଳି କ୍ଷତିପୂରଣ ବାବଦରେ ୧୯ କୋଟି ୬୫ ଲକ୍ଷ ୭୫ ହଜାର ୩୩୮ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜଷ୍ଟିସ ବି.ପି. ରାଉତରାୟ, ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ବି.ପି. ଶତପଥୀ, ଜଷ୍ଟିସ ଏମ୍.ଏସ. ରମଣ, ଜଷ୍ଟିସ ଏସ.କେ.ମିଶ୍ର, ଜଷ୍ଟିସ ଗୌରୀଶଙ୍କର ଶତପଥୀ, ଜଷ୍ଟିସ ଚିତ୍ତରଞ୍ଜନ ଦାଶ, ଜଷ୍ଟିସ ଶିବଶଙ୍କର ମିଶ୍ର ଏହି ଲୋକ ଅଦାଲତରେ ମାମଲା ଗୁଡିକର ଫଏସଲା କରିଥିଲେ। ବୀମା କ୍ଷତିପୂରଣ, ଚାକିରି ସଂପର୍କିତ, ବୈବାହିକ ବିବାଦ ମାମଲା, ଏନ.ଆଇ. ଆକ୍ଟ ମାମଲା, ବ୍ୟାଙ୍କ ରିକଭରି ଆଦି ୧୭୫ଟି ମାମଲା ଫଏସଲା କରାଯାଇଥିଲା। ଏହି ଲୋକ ଅଦାଲତରେ ସାଧାରଣ ବୀମା କମ୍ପାନି ,ନ୍ୟାସନାଲ ଇନସ୍ୟୁରାନ୍ସ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ, ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନି ଓ କେତେକ ଘରୋଇ ବୀମା କମ୍ପାନି, ବ୍ୟାଙ୍କ ଅଂଶ ଗ୍ରହଣ କରିଥିଲେ।




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ପୂଜା ଓ ପର୍ବପର୍ବାଣୀ ଉପଲକ୍ଷେ
ବିଦ୍ୟୁତ୍ ସତର୍କତା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ପୂଜା ମଣ୍ଡପ ନିର୍ମାଣ ଏବଂ ଭସାଣି ଉତ୍ସବ ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଅନୁମତି ନିଅନ୍ତୁ
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ
- ସମସ୍ତ ବିଦ୍ୟୁତ୍ ଉପକରଣରେ ଉପଯୁକ୍ତ କ୍ଷମତାର ତାର, ସର୍କିଟ୍ ବ୍ରେକର/ ଫ୍ୟୁଜ୍, ମେନ୍ ସୁଇଚ୍, ଚେଞ୍ଜଓଭର ଇତ୍ୟାଦି ବ୍ୟବହାର କରନ୍ତୁ ଏବଂ ଆବଶ୍ୟକ ମୁତାବକ ଆର୍ଥିଙ୍ଗ୍ କରାନ୍ତୁ
- ବୈଦ୍ୟୁତିକ କାର୍ଯ୍ୟ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର କରନ୍ତୁ ଏବଂ ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କରାନ୍ତୁ
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର୍. ସି. ସି. ବି (RCCB) ବ୍ୟବହାର କରନ୍ତୁ
- ବୈଦ୍ୟୁତିକ ଅଗ୍ନିକାଣ୍ଡରୁ ସୁରକ୍ଷା ପାଇଁ $CO_2$ କିମ୍ବା ABC ଅଗ୍ନି ନିର୍ବାପକ ବ୍ୟବସ୍ଥା କରନ୍ତୁ

OIPR 4001/4066/2/26-27/0006 4001/321/3221/2627

" ସଚେତନ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ "

ଶକ୍ତି ବିଭାଗ, ଓଡ଼ିଶା ସରକାର

## ସେବା ସଂକଳ୍ପ ଅଭିଯାନ

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଯୁବମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ହେବ ମେଗା ରକ୍ତଦାନ ଶିବିର : ଅଭିଲାଷ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ, ନିରନ୍ତର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ପ୍ରେରଣା ଭାବେ ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆୟୋଜନ କରାଯାଉଛି। ଆସନ୍ତା ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଏକ ମାସ ଧରି ଅନୁଷ୍ଠିତ ହେବାକୁ ଥିବା "ସେବା ସଂକଳ୍ପ ଅଭିଯାନ" ଅନ୍ତର୍ଗତ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

ନରେନ୍ଦ୍ର ମୋଦି କେବଳ ସର୍ବାଧିକ ସମୟ ଶାସନ ବ୍ୟବସ୍ଥା ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିନାହାନ୍ତି, ସେ ସର୍ବାଧିକ ଜନସାଧାରଣଙ୍କର ହୃଦୟରେ ସ୍ୱତନ୍ତ୍ର ଘର ତୋଳି ପାରିଛନ୍ତି। ବିଶେଷ ଭାବେ ଯୁବବର୍ଗଙ୍କ ଆକାଂକ୍ଷାକୁ ପୁରଣ କରୁଥିବା ବିଭିନ୍ନ ଯୋଜନାର ସଫଳ କ୍ରିୟାନ୍ୱୟନ କରି ଦେଶର ଯୁବକମାନଙ୍କ ପାଇଁ ନୂତନ ଆଶା ସଂଚାର କରିବା ସହିତ ଭାରତବର୍ଷର ବିକାଶର ସାରଥୀ ଭାବେ ନିଜ ନିଜ କ୍ଷେତ୍ରରେ କାମ କରିବା ସକାଶେ ପ୍ରଧାନମନ୍ତ୍ରୀ ମୋଦିଜୀ ପ୍ରେରଣା ଯୋଗାଇଛନ୍ତି। ଏହା ସହ ତାଙ୍କର ଲମ୍ବା ସମୟର ଜନକଲ୍ୟାଣକାରୀ ନୀତି, ଓଡିଶା ପ୍ରତି ତାଙ୍କ ଭଲ ପାଇବା ତଥା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ତାଙ୍କର ଆବେଗପୂର୍ଣ୍ଣ ଭକ୍ତି ପାଇଁ ତାଙ୍କ ଜନ୍ମଦିନକୁ କୃତଜ୍ଞତା ଜ୍ଞାପନ କରିବାର ଅବସର ଭାବେ ଗ୍ରହଣ କରି ଆସନ୍ତା ୧୭ ତାରିଖ ଦିନ "ଦୀର୍ଘାୟୁ ଭବ" ନାମରେ ଯୁବମୋର୍ଚ୍ଚା ତରଫରୁ ଏକ ଶୁଭେଚ୍ଛା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ଦିନ ଯୁବମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡିଆ ଠାରେ ସକାଳ ୭ ଘଟିକା ଠାରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥି ସହ ମୋଦିଜୀଙ୍କ ଜିବନୀ ଉପରେ ଆଧାରିତ ପ୍ରାମାଣିକ ଚଳଚିତ୍ର, ନୁକଡ ନାଟକ, ଯୁବାଭିମୁଖି ଯୋଜନା ଓ ଯୁବ ଆକାଂକ୍ଷା ଆଧାରିତ ପ୍ରଦର୍ଶନୀ, ସେଲ୍ଫି କର୍ଣ୍ଣର ଆଦି ମଧ୍ୟ ପ୍ରଦର୍ଶିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ମାର୍ଗଦର୍ଶନ ତଥା ପ୍ରେରଣାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବକମାନଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଯୁବମୋର୍ଚ୍ଚା ପକ୍ଷରୁ ଆହ୍ୱାନ ଦିଆଯାଇଛି। ଅଦ୍ୟାବଧି ଗୋଟିଏ ସଂଗଠନ ଦ୍ୱାରା ଗୋଟିଏ ସ୍ଥାନ, ଗୋଟିଏ ଦିନ ଏବଂ ଗୋଟିଏ କ୍ୟାମ୍ପରେ ସର୍ବାଧିକ ରକ୍ତ ସଂଗ୍ରହ କରାଯାଇ ନୂତନ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିବାର ପ୍ରୟାସ କରାଯିବ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା କହିଛନ୍ତି।



ଆଜିର ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ସେବା 'ସଂକଳ୍ପ ଅଭିଯାନ'ର ରାଜ୍ୟ ସଂଯୋଜକ ତଥା ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ସେବା ଓ ସଂକଳ୍ପର ଭାବାନାକୁ ନେଇ ଭାରତର ଅଦ୍ୱିତୀୟ ନେତା ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ନିରନ୍ତର ଭାବେ ଗତ ୨୫ ବର୍ଷ ଧରି ସୁଶାସନ ଦେଇ ଆସୁଛନ୍ତି। ସେପ୍ଟେମ୍ବର ୧୭ରୁ ଏକ ମାସ ଧରି ଅନୁଷ୍ଠିତ ହେବାକୁ ଥିବା "ସେବା ସଂକଳ୍ପ ଅଭିଯାନ" ରେ ଓଡ଼ିଶାରେ ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତା ସାମିଲ ହେବେ। ଓଡ଼ିଶାରେ ବିଜେପି ସରକାର ଜନସେବା ଓ ବିକାଶକୁ ପ୍ରାଥମିକତା ଦେଇ ଆଗକୁ ବଢ଼ୁଛି। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ରାଜ୍ୟ ସରକାରଙ୍କ ବିକାଶମୂଳକ ପଦକ୍ଷେପର ଲାଭ ଯେପରି ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଁଚିବ, ଏଥିପାଇଁ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଜନସମ୍ପର୍କ ଓ ସେବା କାର୍ଯ୍ୟକୁ ଆହୁରି ଗତିଶୀଳ କରିବେ। ସେବା ସଂକଳ୍ପର ବାର୍ତ୍ତାକୁ ତଳ ସ୍ତରରେ ପହଂଚାଇବା ଓ ମୋଦିଜୀଙ୍କ ଭଳି ଆମେ ମାନେ ମଧ୍ୟ ନିଜକୁ ଦେଶସେବାରେ ସମର୍ପିତ କରିବା ପାଇଁ ସଂକଳ୍ପ ନେବାକୁ ମନ୍ତ୍ରୀ ଡା.ମହାପାତ୍ର ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ରାଜ୍ୟକାର୍ଯ୍ୟାଳୟଠାରେ ଯୁବକମାନଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ପ୍ରେରିତ କରିବାକୁ ଯୁବମୋର୍ଚ୍ଚା ପକ୍ଷରୁ ଏକ ଗୀତ 'ରକ୍ତଦାନ ମହାପୂଣ୍ୟ' ର ଅନାବରଣ କରାଯାଇଥିଲା। ସେହିପରି ସ୍ୱେଚ୍ଛାକୃତ ରକ୍ତଦାନ ପଞ୍ଜୀକରଣ ପାଇଁ "କ୍ୟୁଆର କୋର୍ଡ"କୁ ଲୋକାର୍ପିତ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀ ଅବସରରେ 'ସେବା ସଂକଳ୍ପ ଅଭିଯାନ'ର ରାଜ୍ୟ ସହ ସଂଯୋଜକ ତଥା ବିଧାୟକ ଇରାଶିଶ୍ ଆଚାର୍ଯ୍ୟ, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ମାନସ ସାହୁ, ଶକ୍ତିରଞ୍ଜନ ଶତପଥୀ ଏବଂ ରତନ ବଣିକ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଲିସକୁ ଛୁରିରେ ଆକ୍ରମଣ ଅଭିଯୋଗ, ଯୁବକ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ତଦନ୍ତ କାର୍ଯ୍ୟରେ ଯାଇଥିବା ପୁଲିସ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଜୀବନରେ ମାରିଦେବାକୁ ଧମକ ଏବଂ ଛୁରିରେ ଆକ୍ରମଣ ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ୧୨ ତାରିଖ ଅପରାହ୍ନ ପ୍ରାୟ ୧ଟା ୪୦ରେ ଖୋର୍ଦ୍ଧା ସଦର ଥାନା କେସ୍ ନଂ ୪୩୯/୨୦୨୬ର ତଦନ୍ତ ସମ୍ପର୍କରେ ପୁଲିସ କର୍ମଚାରୀମାନେ ଯାଉଥିବା ବେଳେ ବାଜପୁର ଗ୍ରାମର ନାଲିଆ ଓରଫ ଦୀପକ ମାଝୀ (୨୩) ଘରୁ ବାହାରି ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ, ଦୀପକ ଘରୁ ଏକ ଛୁରି ଆଣି କନଷ୍ଟେବଳ ସୁଶାନ୍ତ ସୁନ୍ଦରାୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ହାତରେ ରକ୍ତାକ୍ତ ଆଘାତ ଲାଗିଥିବା ପୁଲିସ ପକ୍ଷରୁ କୁହାଯାଇଛି। ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର



ହୋଇଯାଇଥିଲେ। ଏହି ଘଟଣାକୁ ନେଇ ଚନ୍ଦ୍ରମଣି ସାହୁଙ୍କ ଲିଖିତ ଅଭିଯୋଗ ଆଧାରରେ ଖୋର୍ଦ୍ଧା ସଦର ଥାନାରେ ୧୨ ତାରିଖରେ କେସ୍ ନଂ ୪୪୧/୨୦୨୬ ରୁଜୁ କରାଯାଇଛି। ମାମଲାରେ ବିଏନ୍ଏସ୍‌ର ଧାରା ୧୩୨/୨୨୧/୨୨୨/୨୯୬/୧୦୯(୧)/୧୧୮(୧)/୩୫୧(୨) ଲାଗୁ କରାଯାଇଛି।

ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରି ଅପରାହ୍ନ ପ୍ରାୟ ୩ଟା ୧୫ରେ ଅଭିଯୁକ୍ତ ଦୀପକ ମାଝୀଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଅଭିଯୋଗରେ ବ୍ୟବହୃତ ଏକ ଛୁରି ଜବତ କରାଯାଇଛି। ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ ଅଦାଲତକୁ ପଠାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ସୂଚନା ଦେଇଛି। ପ୍ରକାଶ ଥାଉକି, ନାଲିଆ ମଧ୍ୟ ପୂର୍ବରୁ ପୋଲିସ କୁ ଆକ୍ରମଣ କରିବାକୁ ଉଦ୍ୟମ କରି ୪୩୯/୨୬ ନଂ ମାମଲାରେ ଗିରଫ ହୋଇଥିଲେ।

# ଜିନ୍ଦଲ ଷ୍ଟିଲର ନୂଆ କୀର୍ତ୍ତିମାନ, ବିଶ୍ୱର ଦୀର୍ଘତମ ଷ୍ଟିଲ ସ୍ଲାଗ ସଡ଼କ ନିର୍ମାଣ କରି ଗିନିଜ ରେକର୍ଡ

ଭୁବନେଶ୍ୱର (ସବ୍ୟୁ): ଛତିଶଗଡ ରାୟଗଡରେ ଜିନ୍ଦଲ ଷ୍ଟିଲ୍, ଦେଶର ବୈଜ୍ଞାନିକମାନଙ୍କ ସହଯୋଗରେ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି। କମ୍ପାନୀ ପକ୍ଷରୁ କାରଖାନାରୁ ନିର୍ଗତ ହେଉଥିବା ଷ୍ଟିଲ୍ ସ୍ଲାଗ୍‌ର ଶତ ପ୍ରତିଶତ ଉପଯୋଗ କରାଯାଇ ୧.୮୫ କିଲୋମିଟର ଦୀର୍ଘ ୪-ଲେନ୍ ବିଶିଷ୍ଟ ସଡ଼କ ନିର୍ମାଣ କରାଯାଇଛି। ସମ୍ପୂର୍ଣ୍ଣ ପ୍ରକ୍ରିୟାକରଣ ପରେ ଷ୍ଟିଲ୍ ସ୍ଲାଗ୍‌ରେ ନିର୍ମିତ ଏହି ସଡ଼କ, ବିଶ୍ୱର ଦୀର୍ଘତମ ଷ୍ଟିଲ୍ ସ୍ଲାଗ୍ ସଡକ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସରେ ସ୍ଥାନ ଅଧିକାର କରିଛି। ଏହି ସଡ଼କ ନିର୍ମାଣରେ ପ୍ରାୟ ୨ ଲକ୍ଷ ଟନ୍ ପ୍ରକ୍ରିୟାକୃତ ଷ୍ଟିଲ୍ ସ୍ଲାଗ୍ ବ୍ୟବହାର କରାଯାଇଛି। ପ୍ରାକୃତିକ ପଥର ପାଇଁ ଖଣି ଖନନ ଏବଂ ଉତ୍ତୋଳନ ଆଦୌ କରାଯାଇନାହିଁ। ଏହି ସଡକ କେବଳ ଏକ ପ୍ରଦର୍ଶନୀ ପ୍ରକଳ୍ପ ନୁହେଁ ବରଂ ଭାରୀ ବାଣିଜ୍ୟିକ ଯାନ, ଯଥା ଟ୍ରକ୍ ଆଦିର ନିୟମିତ ଯାତାୟାତକୁ ନଜରରେ ରଖି ଅତ୍ୟନ୍ତ ମଜଭୁତ ଭାବେ ନିର୍ମାଣ କରାଯାଇଛି। ଏହା ଦ୍ୱାରା ଅର୍ଥ ଓ ପ୍ରାକୃତିକ ସମ୍ପଦର ସଞ୍ଚୟ ସମ୍ଭବ ହୋଇପାରିଛି। ପାରମ୍ପରିକ ସଡକ ତୁଳନାରେ ଏହି ସଡକ ପ୍ରାୟ ୩୫ ପ୍ରତିଶତ (ପତଳା) ହୋଇଥିବା ବେଳେ, ନିର୍ମାଣ ଖର୍ଚ୍ଚରେ ପ୍ରାୟ ୪୦ ପ୍ରତିଶତ ଅର୍ଥ ସଞ୍ଚୟ ହୋଇପାରିଛି।

ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ସିଏସ୍ଆଇଆର୍ (ଉଝଓଜ) ଏବଂ ସେଣ୍ଟ୍ରାଲ୍ ରୋଡ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଉଜଜଓ) ସହଯୋଗରେ ବୈଜ୍ଞାନିକ ପ୍ରକ୍ରିୟା ମାଧ୍ୟମରେ ଷ୍ଟିଲ୍ ସ୍ଲାଗ୍‌କୁ ସଡ଼କ ନିର୍ମାଣ ଉପଯୋଗୀ କରାଯାଇଛି। ଏଥିରେ ସ୍ଲାଗ୍‌ର କ୍ରସିଂ, ମେଟାଲକୁ ଅଲଗା କରିବା ଏବଂ ଗ୍ରେଡିଂ ଭଳି ପ୍ରକ୍ରିୟା ସାମିଲ ରହିଛି। ସଡକର ସବୁଠାରୁ ତଳ ସ୍ତରଠାରୁ ଆରମ୍ଭ କରି ଉପରିସ୍ଥ ବିଟୁମିନ୍ ସ୍ତର ପର୍ଯ୍ୟନ୍ତ ଏହି ପ୍ରକ୍ରିୟାକୃତ ସ୍ଲାଗ୍‌ର ବ୍ୟବହାର କରାଯାଇଛି। ସମସ୍ତ ଆବଶ୍ୟକୀୟ ପରିବେଶୀୟ ପରୀକ୍ଷଣ ପରେ ଏହି ନୂତନ ପ୍ରଯୁକ୍ତିକୁ ଅନୁମୋଦନ ମିଳିଛି। ଏହି ଅବସରରେ ଜିନ୍ଦଲ ଷ୍ଟିଲ୍‌ର ଚେୟାରମ୍ୟାନ୍ ଶ୍ରୀ ନବୀନ ଜିନ୍ଦଲ କହିଛନ୍ତି ଯେ, "ଭାରତର ଉନ୍ନତି ଏଭଳି ନୂତନ ପ୍ରଯୁକ୍ତି ମାଧ୍ୟମରେ ହେବା ଆବଶ୍ୟକ। ଯାହାଦ୍ୱାରା ପରିବେଶର ସୁରକ୍ଷା ସହିତ ଦେଶର ବିକାଶ ହୋଇପାରିବ।

# ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ; କଟକ ପାନ୍ଥର୍ସ ପ୍ରସ୍ତୁତ

କଟକ,(ସବ୍ୟୁ) : ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଚଳିତ ସେପ୍ଟେମ୍ବର ୨୦ରୁ ୨୯ ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡ଼ିୟମରେ ଓଡ଼ିଶା ଟି୨୦ ଲିଗ୍ ସିଏମ୍ ଟ୍ରଫି ଖେଳାଯିବ। ଏଥିପାଇଁ ଡିଫେଣ୍ଡିଂ ଚମ୍ପିଆନ କଟକ ପାନ୍ଥର୍ସ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଭାରତ ମସଲା ଭିତ୍ତିକ ଫ୍ରାଞ୍ଚାଇଜ୍ କଟକ ପାନ୍ଥର୍ସ ପକ୍ଷରୁ ଶନିବାର ନରାଜସ୍ଥିତି କମ୍ପାନୀ ପରିସରରେ ଖେଳାଳିଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ଅଧିନାୟକ ବିପ୍ଲବ ସାମନ୍ତରାୟ, ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକଙ୍କ ସମେତ ଭାରତ ମସଲାର ଚେୟାରମ୍ୟାନ ସୁରେନ୍ଦ୍ର ନାଥ ପଣ୍ଡା ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ ପଣ୍ଡା, ଦିଗନ୍ତ ପଣ୍ଡା, ଆଶୁତୋଷ ପଣ୍ଡା, ଏସ୍ ଏନ୍ ମିଲେନିୟମ, ମୁଖ୍ୟ ପରିଚାଳକ ବିପିନ ରାଉତ, ମୁଖ୍ୟ ପରିଚାଳକ( ଅପରେଶନ) ଅରୁଣ ନାୟକ, ମୁଖ୍ୟ ପରିଚାଳକ (ପ୍ରଡକ୍ସନ) ନବକୃଷ୍ଣ ପ୍ରଧାନ ପ୍ରମୁଖଙ୍କ ସମେତ କମ୍ପାନୀର ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।

ଓଡ଼ିଶା ଟି୨୦ ଲିଗ ସିଏକ୍ ଟ୍ରଫିରେ କଟକ ପାନ୍ଥର୍ସ ଗତବର୍ଷ ଚମ୍ପିଆନ ହୋଇଥିଲା। ଡିଫେଣ୍ଡିଂ ଚମ୍ପିଆନ ଭାବେ ଆମେ ଚଳିତ ଥର ପଡ଼ିଆକୁ ଓହ୍ଲାଇବୁ। ଦଳର ପ୍ରତ୍ୟେକ ଖେଳାଳି ଉତ୍ସାହିତ ଅଛନ୍ତି। ଗତବର୍ଷର ଅଭିଜ୍ଞତା ଓ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକଙ୍କ ପ୍ରଶିକ୍ଷଣରେ ଦଳ ଭଲ ପ୍ରଦର୍ଶନ ନେଇ ଦୃଢ଼ ଆଶାବାଦୀ ରହିଛି। ଭାରତ ମସଲା କମ୍ପାନୀ କ୍ରୀଡ଼ାକୁ ଯେଉଁଭଳି ଖେଳାଳିଙ୍କୁ ପ୍ରୋତ୍ସାହିତ କରୁଛି ତାହା ରାଜ୍ୟର କ୍ରୀଡ଼ାବିତ୍‌ମାନଙ୍କ ପାଇଁ ବହୁତ ଭଲ ଖବର। କ୍ରିକେଟରେ ପ୍ରଥମ ଥର ପାଇଁ ଭାରତ ମସଲା ସାମିଲ ହୋଇଛି। ଓଡ଼ିଶା ଟି୨୦ ଲିଗ୍ ସିଏମ୍ ଟ୍ରଫି ଯୁବ ଖେଳାଳିଙ୍କ ପାଇଁ ବଡ଼ ପ୍ଲାଟଫର୍ମ। ଯୁବ ଖେଳାଳିମାନେ ଦକ୍ଷଦା ପ୍ରଦର୍ଶନ ସହ ଆଇପିଏଲରେ ଖେଳିବାର ସୁଯୋଗ ପାଇପାରିବେ। ଭାରତ ମସଲା ଉକ୍ତ କ୍ରିକେଟ ଲିଗ୍‌ରେ ସାମିଲ ହେବା ରାଜ୍ୟ କ୍ରିକେଟ ପାଇଁ ଶୁଭଙ୍କର। କଟକ ପୁନ୍ଥର୍ସରେ ଯୁବ ଓ ଅଭିଜ୍ଞ ଖେଳାଳି ରହିଛନ୍ତି। ଲିଗ୍‌ରେ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ବୋଲି ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକ କହିଛନ୍ତି। କ୍ରିକେଟ୍‌କୁ ପ୍ରୋତ୍ସାହିତ କରିବା ଓ ଯୁବ ପ୍ରତିଭାଙ୍କୁ ଆଗକୁ ଆଣିବା ଲାଗି ମସଲା କମ୍ପାନୀ ଓଡ଼ିଶା ଟି୨୦ ଲିଗ୍ ସିଏମ୍ ଟ୍ରଫିରେ ସାମିଲ ହୋଇଛି। ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିବେ। ଏଥିରୁ ଗୋଟିଏ ଦଳ ବିଜେତା ହେବ। କିନ୍ତୁ ପଡ଼ିଆରେ ପୂର୍ଣ୍ଣ ଆତ୍ମବିଶ୍ୱାସ ସହକାରେ ବିଜେତାଙ୍କ ଭଳି ଖେଳିବାକୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି।

### ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ ୨୦୨୬ରେ ଏନ୍ ବି ବି ଏଲ୍‌ର ବ୍ୟାଙ୍କିଂ କନେକ୍ଟ ନୂତନ ସୁବିଧା ଆରମ୍ଭ କଲା

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଜାତୀୟ ପେମେଣ୍ଟ ନିଗମ ର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ ଏନପିସିଆଇ ଭାରତ ବିଲପେ ଲିମିଟେଡ୍ ବ୍ୟାଙ୍କିଂ କନେକ୍ଟରେ ମ୍ୟାଣ୍ଡେଟ୍ ଏବଂ ଲିଏନ୍ ମାର୍କିଂ ସହିତ ଆକାଉଣ୍ଟ ଭେରିଫିକେସନ୍, ଯାହାକୁ ଥାର୍ଡ-ପାର୍ଟି ଭ୍ୟାଲିଡେସନ୍ ମଧ୍ୟ କୁହାଯାଏ, ଆରମ୍ଭ କରିବା ନେଇ ଘୋଷଣା କରିଛି। ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ ୨୦୨୬ରେ ଏହି ଶୁଭାରମ୍ଭ କରାଯାଇଥିଲା, ଯାହାଦ୍ୱାରା ବର୍ତ୍ତମାନର ବ୍ୟାଙ୍କିଂ କନେକ୍ଟ ପ୍ଲାଟଫର୍ମର କ୍ଷମତାକୁ ଆହୁରି ବିସ୍ତାର କରାଯାଇଛି। ବ୍ୟାଙ୍କିଂ କନେକ୍ଟରେ ମ୍ୟାଣ୍ଡେଟ୍ ବ୍ୟାଙ୍କିଂ କନେକ୍ଟରେ ମ୍ୟାଣ୍ଡେଟ୍ ସୁବିଧା ଗ୍ରାହକମାନଙ୍କୁ ସହମତ ହୋଇଥିବା ସର୍ତ୍ତ ଅନୁଯାୟୀ ଜଣେ ମର୍ଚ୍ଚାଣ୍ଟଙ୍କୁ ପେମେଣ୍ଟ କରିବା ପାଇଁ ନିଜ ବ୍ୟାଙ୍କକୁ ସ୍ଥାୟୀ ନିର୍ଦ୍ଦେଶ ଦେବାର ସୁବିଧା ପ୍ରଦାନ କରିବ। ଗ୍ରାହକମାନେ କିମ୍ବା ବାୟୋମେଟ୍ରିକ୍ସ ଭଳି ସମର୍ଥିତ ପ୍ରମାଣୀକରଣ ପ୍ରଣାଳୀ ବ୍ୟବହାର କରି ନିଜ ବ୍ୟାଙ୍କର ଆପ୍ କିମ୍ବା ୱେବସାଇଟ୍ ମାଧ୍ୟମରେ ଥରେ ମ୍ୟାଣ୍ଡେଟ୍‌କୁ ଅନୁମୋଦନ କରିବେ। ଏହାପରେ ଜାରିକର୍ତ୍ତା ବ୍ୟାଙ୍କ ଏକ ୟୁନିକ୍ ମ୍ୟାଣ୍ଡେଟ୍ ନମ୍ବର ସୃଷ୍ଟି କରିବ।

# ଖୋର୍ଦ୍ଧା ରୋଡ୍‌ରେ ବିଭାଗୀୟ ସାଂସ୍କୃତିକ ପ୍ରତିଯୋଗିତା-୨୦୨୬

ଜଟଣୀ, (ସବ୍ୟୁ) : ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ୍ ମଣ୍ଡଳ ପକ୍ଷରୁ 'ବିଭାଗୀୟ ସାଂସ୍କୃତିକ ପ୍ରତିଯୋଗିତା-୨୦୨୬' ଖୋର୍ଦ୍ଧାରୋଡ ସ୍ଥିତ ରେଳବାଇ କଲ୍ୟାଣ ମଣ୍ଡପରେ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଦୁଇ ଦିନିଆ ସାଂସ୍କୃତିକ ଉତ୍ସବରେ ରେଳ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଉତ୍ସାହର ସହ ଅଂଶଗ୍ରହଣ କରି ନିଜର କଳାତ୍ମକ ପ୍ରତିଭା ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ।

ଖୋର୍ଦ୍ଧାରୋଡ ମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ ତଥା ମଣ୍ଡଳ ସାଂସ୍କୃତିକ ସଂଘର କାର୍ଯ୍ୟନିର୍ବାହୀ ସମ୍ପାଦକ ଅମରେନ୍ଦ୍ରନାଥ ମିଶ୍ର ଏବଂ ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ଶୌମିକ ଘୋଷଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା।ପ୍ରତିଯୋଗିତାରେ ଶାସ୍ତ୍ରୀୟ ସଙ୍ଗୀତ (ଏକକ), ସୁଗମ ସଙ୍ଗୀତ (ଏକକ), ଶାସ୍ତ୍ରୀୟ ବାଦ୍ୟ (ଏକକ), ସୁଗମ ବାଦ୍ୟ (ଏକକ), ଶାସ୍ତ୍ରୀୟ ନୃତ୍ୟ (ଏକକ), ସମୂହ ନୃତ୍ୟ ଓ ନାଟକ ଭଳି ବିଭିନ୍ନ ବିଭାଗରେ ବହୁ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶାସ୍ତ୍ରୀୟ ସଙ୍ଗୀତରେ ୬ ଜଣ, ସୁଗମ ସଙ୍ଗୀତରେ ୨୫ ଜଣ, ଶାସ୍ତ୍ରୀୟ ବାଦ୍ୟରେ ୬ ଜଣ, ସୁଗମ ବାଦ୍ୟରେ ୫ ଜଣ, ଶାସ୍ତ୍ରୀୟ ନୃତ୍ୟରେ ୯ ଜଣ, ସମୂହ ନୃତ୍ୟରେ ୩ଟି ଦଳ ଏବଂ ନାଟକରେ ୨ଟି ଦଳ ଅଂଶଗ୍ରହଣ କରିଥିଲେ।

ଖୋର୍ଦ୍ଧାରୋଡ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ.




ବେହେରା ଅନ୍ୟାନ୍ୟ ଶାଖା ଅଧିକାରୀଙ୍କ ସହ ନାଟକ ପ୍ରତିଯୋଗିତା ଉପଭୋଗ କରିବା ସହ ଅଂଶଗ୍ରହଣକାରୀ ଦଳଗୁଡ଼ିକର ଉତ୍କୃଷ୍ଟ ଅଭିନୟକୁ ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କର ଉପସ୍ଥିତି ଓ ଉତ୍ସାହବର୍ଦ୍ଧକ ବାକ୍ୟ ପ୍ରତିଯୋଗୀମାନଙ୍କ ମନୋବଳ ବୃଦ୍ଧି କରିଥିଲା।ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ଶୌମିକ ଘୋଷ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ।ପ୍ରତ୍ୟେକ ବିଭାଗର ପ୍ରଥମ ପୁରସ୍କାର ବିଜେତାମାନେ ଚଳିତ ମାସ ଶେଷରେ ମଞ୍ଚେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା 'ଆନ୍ତଃ-ମଣ୍ଡଳୀୟ ସାଂସ୍କୃତିକ ପ୍ରତିଯୋଗିତା-୨୦୨୬'ରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ପ୍ରତିନିଧିତ୍ୱ କରିବେ। ମନୋନୀତ ପ୍ରତିଯୋଗୀମାନେ ଅନ୍ତଃ-ମଣ୍ଡଳୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରି ଖୋର୍ଦ୍ଧା ରୋଡ୍ ମଣ୍ଡଳ ପାଇଁ ଗୌରବ ଆଣିବାର ସୁଯୋଗ ପାଇବେ।

## ଓରାଙ୍ଗଉଟାନ ଉଦ୍ଧାର ଘଟଣା

# ସିବିଆଇ ବା ଏନ୍‌ଆଇଏ ଦ୍ୱାରା ତଦନ୍ତ ଦାବି କଲେ ବିଧାୟକ ଗୌତମବୁଦ୍ଧ ଦାସ

ଭୁବନେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳରୁ ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନ ମାମଲାରେ ଆନ୍ତର୍ଜାତୀୟ ତସ୍କରୀ ଗ୍ୟାଙ୍ଗର ହାତ ରହିଛି ବୋଲି ସନ୍ଦେହ ପ୍ରକାଶ ପାଇଥିବା ବେଳେ, ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କହିଛନ୍ତି ବିଧାୟକ ଗୌତମବୁଦ୍ଧ ଦାସ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଚାଲିଥିବା ବେଳେ, ଏହା ଦେଶର ସୁରକ୍ଷା ବ୍ୟବସ୍ଥା ସହିତ ଜଡିତ ଥିବାରୁ, ଏହି ମାମଲାର ତଦନ୍ତ ସିବିଆଇ ବା ଏନଆଇଏ ଦ୍ୱାରା କରାଯାଉ ବୋଲି ବିଧାୟକ ଶ୍ରୀ ଗୌତମବୁଦ୍ଧ ଦାସ ଦାବି କରିଛନ୍ତି।

ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଗରାଇ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ, ଭୋଗରାଇ ଅଞ୍ଚଳରୁ ୫ଟି ଓରାଙ୍ଗଉଟାନ ଉଦ୍ଧାର ହେବାକୁ ନେଇ ଜନସାଧାରଣଙ୍କ ମନରେ କୌତୁହଳ ସୃଷ୍ଟି ହୋଇଛି । ଓରାଙ୍ଗଉଟାନ ମୁଖ୍ୟତଃ ଇଣ୍ଡୋନେସିଆ ଓ ମାଲେସିଆ ଭଳି ଦେଶ ମାନଙ୍କରେ ଦେଖିବାକୁ ମିଳନ୍ତି ।ଏହା ଏକ ବିରଳ ପ୍ରଜାତିର ପ୍ରାଣୀ ହୋଇଥିବା ବେଳେ କିଭଳି ଭାବେ ସୁଦୂର ଇଣ୍ଡୋନେସିଆ ବା ମାଲେସିଆରୁ ଭୋଗରାଇ ପର୍ଯ୍ୟନ୍ତ ଆସିପାରିଲା ? ଏହି ପ୍ରାଣୀ ମାନଙ୍କ ଚାଲାଣ ଆନ୍ତର୍ଜାତୀୟ ବନ୍ୟଜନ୍ତୁ ତସ୍କରୀ ଗ୍ରୁପ ଦ୍ୱାରା କରାଯାଇଛି ବୋଲି ସନ୍ଦେହ କରାଯାଉଛି । ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ଏହି ତସ୍କରୀ ଗ୍ରୁପ ବିରଳ ପ୍ରାଣୀଙ୍କୁ ଏତେ ଦୂର ଆଣିପାରିଲା, ତାହେଲେ ଏହି ପଥ ଦେଇ ଦେଶର ଶତ୍ରୁ ମାନେ ମଧ୍ୟ ପ୍ରବେଶ କରିପାରନ୍ତି । ପାଞ୍ଚ ପାଞ୍ଚଟି ଓରାଙ୍ଗଉଟାନ ଏଠାରେ ପହଞ୍ଚିବାକୁ ନେଇ ଅନେକ ଅସମାହିତ ପ୍ରଶ୍ନ ଘୁରି ବୁଲୁଛି । କୌଣସି ସୁରକ୍ଷା ଅଧିକାରୀଙ୍କ ନଜରରେ ଏମାନେ ଆସି ନଥିଲେ । ଶ୍ରୀ ଦାସ ଆହୁରି କହିଥିଲେ, ଚିନ୍ତାର ବିଷୟ ଯେ, ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଠାରେ ଗୋଳାବାରୁଦ ପରୀକ୍ଷା କେନ୍ଦ୍ର ରହିଛି ଓ ଏପିଜେ ଅବଦୁଲ କଲାମ ଦ୍ୱିପରେ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ର ରହିଛି ।ଅପରାଧୀ ମାନେ ସଫଳତାର ସହିତ ଯଦି ଭୋଗରାଇ ପର୍ଯ୍ୟନ୍ତ ପହଞ୍ଚି ପାରୁଛନ୍ତି ତାହେଲେ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ କଷ୍ଟକର ହେବ ନାହିଁ ।ଯେହେତୁ ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି, ଏହାର ତଦନ୍ତ ସିବିଆଇ କିମ୍ବା ଏନଆଇଏ ଦ୍ୱାରା କରାଯାଉ ।

## ତ୍ରିଲୋଚନ କାନୁନଗୋ ଦ୍ୱିତୀୟ ସ୍ମାରକୀ ବକ୍ତୃତା

# ଗଣତନ୍ତ୍ରର ସୁରକ୍ଷା ପାଇଁ ତ୍ରିଲୋଚନ କାନୁନଗୋଙ୍କ ଭଳି ସଂକଳ୍ପ ବୋଧ ହେବାକୁ ଆହ୍ୱାନ

ଭୁବନେଶ୍ୱର (ସବ୍ୟୁ): କଟକ ମୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ପୂର୍ବତନ ସାଂସଦ ଓ ବିଧାୟକ ଜନନେତା ତ୍ରିଲୋଚନ କାନୁନଗୋଙ୍କ ୮୬ ତମ ଜନ୍ମ ଜୟନ୍ତୀ ଅବସରରେ ତ୍ରିଲୋଚନ କାନୁନଗୋ ସ୍ମୃତି କମିଟି ପକ୍ଷରୁ ଦ୍ୱିତୀୟ ତ୍ରିଲୋଚନ କାନୁନଗୋ ସ୍ମାରକୀ ବ୍ୟକ୍ତୃତା ଭୁବନେଶ୍ୱର ଜୟଦେବ ଭବନ ଥରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବ୍ୟକ୍ତୃତା ମାଳାର "ଭାରତୀୟ ଗଣତନ୍ତ୍ର ସଂମ୍ମୁଖରେ ଆହ୍ୱାନ" ଶୀଷକ ବିଷୟ ବସ୍ତୁ ଉପରେ ରାଜ୍ୟ ସଭା ସାଂସଦ ପ୍ରଫେସର ମନୋଜ କୁମାର ଝା ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆମ ସମ୍ବିଧାନ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ନାଗରିକ ମାନଙ୍କୁ ସମାନତା ସ୍ୱାଧୀନତା ଓ ନ୍ୟାୟ ର ଅଧିକାର ଦେଇଛି। ଗଣତନ୍ତ୍ର ବ୍ୟବସ୍ଥା ଅଧିକ ସୁଦୃଢ଼ ଓ କ୍ରିୟାଶିଳ ହେଲେ ଭାରତ ବର୍ଷର ଜନଗଣଙ୍କ ମଧ୍ୟରେ ସାମାଜିକ ସମାନତା ପ୍ରତିଷ୍ଠା କରାଯାଇପାରିବ। ଭାରତୀୟ ଗଣତନ୍ତ୍ର ଓ ସାମ୍ବିଧାନିକ ଢାଞ୍ଚା ଭୁଶୁଡିବାରେ ଲାଗିଛି। ଜନଗଣଙ୍କ ଗଣତାନ୍ତ୍ରିକ ଅଧିକାର ଭୂଲୁଣ୍ଠିତ ହେଉଛି । ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ମୁହ ଧୂଳିସାତ ହେବାକୁ ବସିଲାଣି। ସରକାରୀ କଳ ଜନଗଣଙ୍କ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା କରିବା ପରିବର୍ତ୍ତେ ଶାସକ ଦଳର ଗୋଡାଣିଆ ସାଜିବା ଫଳରେ ଜନ ଗଣଙ୍କୁ ନ୍ୟାୟ ଦେବାରେ ବିଫଳ ହେଉଛି। ଏଭଳି




ସ୍ଥଳେ ତ୍ରିଲୋଚନ କାନୁନଗୋଙ୍କ ଭଳି ଗଣତାନ୍ତ୍ରିକ ବିଚାର ଧାରାକୁ ବଂଚେଇ ରଖିବ ପାଇଁ ଆଜୀବନ ଯେଉଁ ସଂଗ୍ରାମ କରିଥିଲେ ତାହା ଅନୁକରଣୀୟ।

ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଏବଂ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖି ଗଣତନ୍ତ୍ର କେବଳ ଏକ ସରକାର ଗଠନ ପ୍ରଣାଳୀ ନୁହେଁ ବରଂ ଆମ ସମଗ୍ର ବ୍ୟବସ୍ଥାର ଏକ ମୁଖ୍ୟ ଅଂଶ ଆମେ ଯେତବେଳେ ସଚେତନ ନିରପକ୍ଷ ଏବଂ ନିଜ ଅଧିକାର ଓ କର୍ତ୍ତବ୍ୟ ପ୍ରତି ଜାଗ୍ରତ ହେବା ସେତବେଳେ ହିଁ ଗଣତନ୍ତ୍ରର ପ୍ରକୃତ ଅର୍ଥ ସଫଳ ହୋଇପାରିବ। ପୂର୍ବତନ ସାଂସଦ ଓ ବିଧାୟକ ତ୍ରିଲୋଚନ କାନୁନଗୋ ଥିଲେ ଗଣତାନ୍ତ୍ରିକ ବିଚାରଧାରାରେ ବିଶ୍ୱାସ ରଖୁଥିବା ଜଣେ ବେସାଲିସ ଓ ନିଷ୍ଠାପର ରାଜନେତା। ତାଙ୍କ ପଦାନ୍ତ ଅନୁସରଣ କରି ଆମେ ଭାରତ ବର୍ଷର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ରକ୍ଷା କରିବା ପାଇଁ ଅଗ୍ରସର ହେଲେ ଭାରତୀୟ ଗଣତାନ୍ତ୍ରିକ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡିକର ସମାଧାନ କରାଯାଇ ପାରିବ। ଏହି ଅବସରରେ ଶ୍ରେଷ୍ଠ ଜନଦରଦୀ ବିଧାୟକ ଭାବରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଶ୍ରେଷ୍ଠ ସମାଜସେବୀ ଭାବରେ ଶୋଭନୀୟ ଆନ୍ଦୋଳନ ର ନେତ୍ରୀ ଅରୁନ୍ଧତୀ ଦେବୀ ଙ୍କୁ ଜନନେତା ତ୍ରିଲୋଚନ କାନୁନଗୋ ସ୍ମାରକୀ ସମ୍ମାନ -୨୦୨୬ ରେ ସମ୍ମାନିତ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମ ଅବସରରେ ଜନନେତା ତ୍ରିଲୋଚନ କାନୁନଗୋ ସ୍ମୃତି କମିଟିର ସମ୍ପାଦକ ଜ୍ୟୋତି ରଂଜନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୂର୍ବତନ ବିଧାୟକ ରାଧାକାନ୍ତ ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଆଜାଦ ହିନ୍ଦ ବାହିନୀର ସାଥି ମାନଙ୍କ ଦ୍ୱାରା ତ୍ରିଲୋଚନ କାନୁନଗୋଙ୍କ ଜୀବନ ଉପରେ ଆଧାରିତ ଏକ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରାଧାକାନ୍ତ ସେଠି, ସାମାଜିକ କର୍ମୀ ମାନସ କୁମାର ଜେନା, ବିଶ୍ୱପ୍ରିୟ କାନୁନଗୋ, କଟକ ଜିଲ୍ଲା ପରିଷଦ ସଦସ୍ୟ ପିୟୁଷ ମିଶ୍ର, ପ୍ରଭାକର ରାଉତ, ପ୍ରଦୀପ୍ତ ମୋହନ କାନୁନଗୋ,ମିର ଅହମଦ ଅଲ୍ଲୀ, ଲକ୍ଷ୍ମୀ ଦୋରା, ରିଙ୍କି ସାହୁ , ଦିଶା ଆଜାଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କିଟ୍‌ରେ ମାନବ ସମ୍ବଳ ସମ୍ମିଳନୀ ୨୦୨୬

ଭୁବନେଶ୍ୱର (ସବ୍ୟୁ): କିଟ୍ ରେ ମାନବ ସମ୍ବଳ କନକ୍ଲେଭ୍-୨୦୨୬ ଆଜି ଅନୁଷ୍ଠିତ ହୋଇଯାଇଛି। କିଟ୍ ସ୍କୁଲ୍ ଅଫ୍ ରୁରାଲ୍ ମ୍ୟାନେଜମେଣ୍ଟ ପକ୍ଷରୁ ଆୟୋଜିତ ଏହି କନକ୍ଲେଭ୍‌ରେ କୃଷି ବ୍ୟବସାୟ, ମାନବ ସମ୍ବଳ ପରିଚାଳନା ଓ ଭବିଷ୍ୟତର କର୍ମକ୍ଷେତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ମିଳନୀର ବିଷୟବସ୍ତୁ ଥିଲା ପିପଲ ଷ୍ଟ୍ରାଟେଜିଜ ଫର ସଷ୍ଟେନେବଲ ଫ୍ୟୁଚର ଇନ ଆଗ୍ରିବିଜିନେସ ଆଣ୍ଡ ଡେଭେଲେପମେଣ୍ଟ ସେକ୍ଟର। ଏହି ଅବସରରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିସିନ ଲାଇଟ୍ସ ଗ୍ରୁପ୍‌ର ଚେୟାରମ୍ୟାନ୍ କମଲେଶ ଶାହ ଏବଂ କିଟ୍‌ର ଉପକୁଳପତି ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ସଚିନ ଯାଦବ କହିଲେ, କୃଷି ଓ କୃଷି ବ୍ୟବସାୟ କ୍ଷେତ୍ରରେ ଭବିଷ୍ୟତର ଚ୍ୟାଲେଞ୍ଜ ମୁକାବିଲା ପାଇଁ ଛାତ୍ରଛାତ୍ରୀମାନଙ୍କୁ ନିରନ୍ତର ଭାବେ ନିଜ ଦକ୍ଷତା ବୃଦ୍ଧି କରିବାକୁ ହେବ। ନଚେତ୍ ଅନେକ କ୍ଷେତ୍ରରେ ମେସିନ୍ ମଣିଷଙ୍କ ସ୍ଥାନ ନେଇପାରେ। କୃଷି ବ୍ୟବସାୟ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ କେବଳ କ୍ଲାସରୁମ ଶିକ୍ଷା ପର୍ଯ୍ୟାପ୍ତ ନୁହେଁ।

ଇଣ୍ଡଷ୍ଟ୍ରି ଅଭିଜ୍ଞତା ଓ କ୍ଷେତ୍ରସ୍ତରୀୟ ଅଭ୍ୟାସ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଲିସିନ-ଲାଇଟ୍ସ ଗ୍ରୁପ୍‌ର ଚେୟାରମ୍ୟାନ୍ କମଲେଶ ଶାହ କହିଲେ, କୃଷି ବ୍ୟବସାୟ ଓ ବିକାଶ କ୍ଷେତ୍ରରେ ସ୍ଥାୟୀ ନେତୃତ୍ୱ ଗଠନ ଆଜିର ସମୟର ସବୁଠାରୁ ବଡ଼ ଆହ୍ୱାନ। କୌଣସି ସଂସ୍ଥାର ପ୍ରକୃତ ଶକ୍ତି ହେଉଛି ତାହାର ମାନବ ସମ୍ବଳ। ଇଓ ଓ ନୂତନ ପ୍ରଯୁକ୍ତି ଯେତେ ଆଗକୁ ବଢ଼ୁଥିଲେ ମଧ୍ୟ ମଣିଷର ବିକଳ୍ପ ହୋଇପାରିବ ନାହିଁ। ସଫଳତା ପାଇଁ ସଠିକ୍ ପ୍ରତିଭା ଚୟନ, ସେମାନଙ୍କର ବିକାଶ ଓ ଉପଯୁକ୍ତ କାର୍ଯ୍ୟ ପରିବେଶ ସୃଷ୍ଟି ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଓ ବିଶେଷଜ୍ଞମାନଙ୍କୁ ନେଇ ଦିବସ ବ୍ୟାପୀ ପ୍ୟାନେଲ୍ ଆଲୋଚନା ମଧ୍ୟ ହୋଇଥିଲା। ଏଥିରେ ଲୋକ ଓ ସଂସ୍କୃତି, ରଙ୍ଗ ଦେ ର ଉପସଭାପତି ଟ୍ରେସା ଜର୍ଜ; ଲିସିନ ଲାଇଟ୍ସ ଗ୍ରୁପ୍‌ର ଗ୍ରୁପ୍ ମୁଖ୍ୟ ଲୋକ ଅଧିକାରୀ ଅମିତ ରାଓଲ; ସୃଜନର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ନମିତା ପାଣ୍ଡେ; ଟ୍ରୋପଲିଟ୍ ଫୁଡସର ମାନବ ସମ୍ବଳ ମୁଖ୍ୟ ଡ ରଙ୍ଗନାଥ ଆଇ ଭି ଏସ ଓ ଆଇକେଏଫ୍ ଫାଇନାନ୍ସ ମାନବ ସମ୍ବଳ ମୁଖ୍ୟ ରମଣ ଚିଦାମ୍ବରସୁବ୍ରମଣ୍ୟାନଙ୍କୁ ନେଇ କୃଷି ବ୍ୟବସାୟ, ମାନବ ସମ୍ବଳ ପରିଚାଳନା ଓ ଭବିଷ୍ୟତର



କର୍ମକ୍ଷେତ୍ର ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ କିଟ୍ ସ୍କୁଲ୍ ଅଫ୍ ରୁରାଲ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ପ୍ରଫେସର ସର୍ବେଶ୍ୱର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଡିନ ପ୍ରଫେସର ସୁକୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ଧାର ଚୋରି ମୋବାଇଲ୍, ଟଙ୍କା ଅଭିଯୋଗକାରିଣୀଙ୍କୁ ହସ୍ତାନ୍ତର

ବ୍ରହ୍ମପୁର, (ସବ୍ୟୁ) : ମୋବାଇଲ୍ ଚୋରି ଓ ଆର୍ଥିକ ଠକେଇ ମାମଲାରେ ପୋଲିସ ଅଭିଯୁକ୍ତକୁ କାବୁ କରିବା ସହ ଚୋରି ହୋଇଥିବା ମୋବାଇଲ୍ ଫୋନ୍ ଏବଂ ୬୦ ହଜାର ଟଙ୍କା ଉଦ୍ଧାର କରିଛି । ଉଦ୍ଧାର ସମ୍ପତ୍ତିକୁ ଆଜି ଅଭିଯୋଗକାରିଣୀଙ୍କୁ ହସ୍ତାନ୍ତର କରିଛି ବୈଦ୍ୟନାଥପୁର ପୋଲିସ । ଅଭିଯୁକ୍ତ ଜଣଙ୍କ ଗଞ୍ଜାମ ଜିଲ୍ଲା କୋଟିନାଡ଼ା ଥାନା ଅଂଚଳର ପ୍ରତାପ ପ୍ରଧାନ (୪୧) । ତାଙ୍କୁ ପୋଲିସ ନୋଟିସ ଦେଇ ଥାନାରୁ ଛାଡିଥିବା ଜଣାପଡିଛି । ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅଧୀନ ସାତନଳା ଗ୍ରାମର ସୌରୀ ସ୍ୱାଇଁଙ୍କ ସ୍ତ୍ରୀ ସୁପ୍ରଭା ସ୍ୱାଇଁ (୫୦) ଗତ ମେ’ ୨୧ ତାରିଖରେ ତାଙ୍କୁ ବୋହୁଙ୍କ ଚିକିତ୍ସା ପାଇଁ ବ୍ରହ୍ମପୁର ବ୍ରମହାନଗର ପ୍ରଥମ ଲେନରେ ରହୁଥିବା ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ କ୍ଲିନିକ ଆସିଥିଲେ । ସେହି ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ମୋବାଇଲ୍ ଫୋନ୍ ଚୋରି କରିଥିଲା । ଚୋରି ମୋବାଇଲରେ ଅଭିଯୁକ୍ତ ତାଙ୍କ ଫୋନ -ପେ ଆପ୍ ବ୍ୟବହାର କରି ମହିଳାଙ୍କ ଏକାଉଣ୍ଟରୁ ୬୦ ହଜାର ଟଙ୍କା ଉଠାଇବା ସହ ଅନ୍ୟତ୍ର ସ୍ଥାନାନ୍ତର କରିଥିଲା । ଏନେଇ ସୁପ୍ରଭା ଜୁଲାଇ ୧୪ ତାରିଖରେ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏନେଇ ୩୬୧/୨୬ ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରିଥିଲା । ଟେକ୍ନିକାଲ୍ ବିଶ୍ଳେଷଣ ଓ ଟ୍ରାକିଂ ମାଧ୍ୟମରେ ଅଭିଯୁକ୍ତକୁ ଚିହ୍ନଟ କରି ତାଙ୍କୁ କାବୁ କରିଥିଲା । ତା’ଠାରୁ ଚୋରି ମୋବାଇଲ୍ ଫୋନ୍ ଓ ସମ୍ପୂର୍ଣ୍ଣ ୬୦ ହଜାର ଟଙ୍କା ଉଦ୍ଧାର ହୋଇଥିଲା । ଅଭିଯୁକ୍ତ ବିରୋଧରେ ଆଇନଗତ ପଦକ୍ଷେପ ଜାରି ରହିଛି । ସେପେଟମ୍ବର ୧୨ ତାରିଖରେ ଉଦ୍ଧାର ମୋବାଇଲ୍ ଫୋନ୍ ଓ ୬୦ ହଜାର ଟଙ୍କା ସୁପ୍ରଭା ସ୍ୱାଇଁଙ୍କୁ ହସ୍ତାନ୍ତର କରିଛି । ନିଜ କଷ୍ଟାର୍ଜିତ ଟଙ୍କା ଓ ମୋବାଇଲ୍ ଫେରିପାଇବା ପରେ ସେ ବ୍ରହ୍ମପୁର ପୋଲିସକୁ କୃତଜ୍ଞତା ଜଣାଇଛନ୍ତି ।

# ଭାଇକୁ ବଞ୍ଚାଇବାକୁ ଯାଇ ଭାସିଗଲେ ଦିବ୍ୟାଙ୍ଗ ଭଉଣୀ, ଭାଇଭଉଣୀ ମୃତ

ବାରିପଦା, (ସବ୍ୟୁ) : ଭାଇ ବିପଦରେ ପଡ଼ିଥିବା ଦେଖି ତାଙ୍କୁ ବଞ୍ଚାଇବାକୁ ଦିବ୍ୟାଙ୍ଗ ଭଉଣୀ ନିଜ ଜୀବନକୁ ଖାତିର ନକରି କେନାଲର ପ୍ରଖର ସ୍ରୋତକୁ ଡେଇଁ ପଡ଼ିଥିଲେ । ହେଲେ ଭାଇକୁ ବଞ୍ଚାଇବା ତ ଦୂରର କଥା, ପାଣିର ପ୍ରଖର ସୁଅରେ ନିଜେ ମଧ୍ୟ ଭାସିଯାଇ ଶେଷରେ ଜୀବନ ହରାଇଲେ । ଏଭଳି ଏକ ହୃଦୟବିଦାରକ ଘଟଣା ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ମହ୍ଲାରପଦା ଗ୍ରାମରେ ଘଟିଛି । ଘଟଣାରେ ଭାଇ ପରମେଶ୍ୱର ନାୟକ ଓ ଦିବ୍ୟାଙ୍ଗ ଭଉଣୀ ନନ୍ଦିନୀ ନାୟକଙ୍କ ମୃତ୍ୟୁ ଘଟିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତକାଲି ରାତିରେ ମହ୍ଲାରପଦା ଗ୍ରାମର ପରମେଶ୍ୱର କୌଣସି କାରଣରୁ ଘର ନିକଟସ୍ଥ କେନାଲର ପ୍ରଖର ସ୍ରୋତରେ ଭାସିଯାଉଥିଲେ । ଭାଇ ପାଣିରେ ଭାସିଯାଉଥିବା ଦେଖି ତାଙ୍କୁ ଉଦ୍ଧାର କରିବା ପାଇଁ ଦିବ୍ୟାଙ୍ଗ ଭଉଣୀ ନନ୍ଦିନୀ କୌଣସି ଦ୍ୱିଧା ନକରି କେନାଲ ମଧ୍ୟକୁ ଡେଇଁ ପଡ଼ିଥିଲେ । ମାତ୍ର ପ୍ରଖର ସ୍ରୋତ ଆଗରେ ଉଭୟଙ୍କ ଉଦ୍ଧାର ଉଦ୍ୟମ ବିଫଳ ହୋଇଥିଲା । କେନାଲରେ ବୁଡ଼ି ପରମେଶ୍ୱରଙ୍କ ମୃତ୍ୟୁ ଘଟିଥିବା ବେଳେ ନନ୍ଦିନୀ ପାଣି ସୁଅରେ ଭାସିଯାଇଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ଖୁଣ୍ଟା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଖୋଜିବା ଆରମ୍ଭ କରିଥିଲା । ଦୀର୍ଘ ସମୟର ତଲାସି ପରେ ଘରଠାରୁ ପ୍ରାୟ ଏକ କିଲୋମିଟର ଦୂର କରକଚିଆ ପୋଲ ନିକଟରୁ ନାଲୁହା ନଦୀରୁ ନନ୍ଦିନୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଅନ୍ୟପକ୍ଷରେ କେନାଲ ମଧ୍ୟରୁ ପରମେଶ୍ୱରଙ୍କ ମୃତଦେହ ମଧ୍ୟ ଉଦ୍ଧାର ହୋଇଥିଲା । ଖବର ପାଇ ଖୁଣ୍ଟା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଭାଇକୁ ବଞ୍ଚାଇବାକୁ ଯାଇ ଦିବ୍ୟାଙ୍ଗ ଭଉଣୀଙ୍କ ମୃତ୍ୟୁ ଘଟିବା ଘଟଣା ଅଞ୍ଚଳବାସୀଙ୍କୁ ମର୍ମାହତ କରିଥିବାବେଳେ ମହ୍ଲାରପଦା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ଗଞ୍ଜାମରେ ମୋରମ, ମାଟି ଓ ବାଲି ଲୁଟ ଅଭିଯୋଗ

## ଖଣି ବିଭାଗ ଓ ପ୍ରଶାସନର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନ

ଗଞ୍ଜାମ, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ମୋରମ, ମାଟି ଓ ବାଲି ସମ୍ବନ୍ଧୀୟ କାର୍ଯ୍ୟକଳାପରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ କରିଛି ଆମ ଆଦମୀ ପାର୍ଟି (ଆପ୍) । ଗଞ୍ଜାମ ଜିଲ୍ଲା ଶାଖାଛ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଖଣି ବିଭାଗ ଓ ପ୍ରଶାସନ ପକ୍ଷରୁ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ହେଉନଥିବା ନେଇ ଦଳ ପ୍ରଶ୍ନ ଉଠାଇଛି । ଛତ୍ରପୁର ଅଞ୍ଚଳର ନରସିଂହପୁରରେ ଥିବା ଏକ ମୋରମ-ମାଟି କୁଆରୀରେ ଅନିୟମିତତା, ଅନୁମୋଦିତ ଆକଳନଠାରୁ ଅଧିକ ମାଟି ଉତ୍ତୋଳନ ଏବଂ ଜରିମାନା ଧାର୍ଯ୍ୟ ହେବା ସେ‰ ତାହା ପୈଠ ନହେବା ଭଳି ଅଭିଯୋଗ ଦଳ ପକ୍ଷରୁ ଉଠାଯାଇଛି । ଏହାକୁ ନେଇ ଖଣି ଅଧିକାରୀମାନଙ୍କ ଭୂମିକା ଉପରେ ମଧ୍ୟ ଦଳ ପ୍ରଶ୍ନ ଉଠାଇଛି । ଲିଖିତ ଅଭିଯୋଗ ଏବଂ ଖଣି ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପରେ ମଧ୍ୟ ଆଶାନୁରୂପ ପଦକ୍ଷେପ ନିଆଯାଇନଥିବା ଦଳ ଅଭିଯୋଗ କରିଛି । ବର୍ତ୍ତମାନ ମଧ୍ୟ ଦିନରାତି ମାଟି ଓ ମୋରମ ଚାଲାଣ ଚାଲିଥିବା ଦଳ ଦାବି କରିଛି । ଏହା ସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ



ବେଆଇନ ଭାବରେ ଖଣିଜ ସମ୍ପଦ ଉତ୍ତୋଳନ ଓ ଚାଲାଣ ହେଉଥିବା ଅଭିଯୋଗ ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ଉଠାଯାଇଛି । ବାଲି ଘାଟ ବନ୍ଦ, ତଥାପି ଚଢ଼ା ଦରରେ ବାଲି ଜିଲ୍ଲାର ବିଭିନ୍ନ ବାଲି ଘାଟ ବନ୍ଦ ଥିବା ସେ‰ ସାଧାରଣ ଲୋକେ ନିର୍ମାଣ କାମ ପାଇଁ ଚଢ଼ା ଦରରେ ବାଲି କିଣିବାକୁ ବାଧ ହେଉଥିବା ଆପ୍ ଅଭିଯୋଗ କରିଛି । ନଦୀ ଘାଟ ବନ୍ଦ ଥିବା ସମୟରେ ବିଭିନ୍ନ ସ୍ଥାନରେ ବାଲି ଆଣି ଡିପୋ କରାଯାଉଥିବା ଅଭିଯୋଗ ମଧ୍ୟ ଦଳ ପକ୍ଷରୁ କରାଯାଇଛି । ଯଦି ନଦୀରୁ ବାଲି ଆଣି ଡିପୋ କରାଯାଉଛି, ତେବେ ସେହି ଡିପୋଗୁଡ଼ିକ ଉପରେ ଖଣି ବିଭାଗ, ପୁଲିସ ଓ ପ୍ରଶାସନ ପକ୍ଷରୁ ଯାଞ୍ଚ କାହିଁକି କରାଯାଉନାହିଁ ବୋଲି ଦଳ ପ୍ରଶ୍ନ କରିଛି । ଅଭିଯୋଗ ହେଲେ ରାସ୍ତାରେ କେବଳ କିଛି ଗାଡ଼ି ଧରି ଡ୍ରାଇଭର ଓ ଗାଡ଼ି ମାଲିକଙ୍କ ଉପରେ ଜରିମାନା କରାଯାଉଛି, କିନ୍ତୁ ମୂଳ ଉତ୍ସ ଓ ବାଲି ଡିପୋଗୁଡ଼ିକ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ଆପ୍ ପ୍ରଶ୍ନ ଉଠାଇଛି । ଆନ୍ଦୋଳନ ସହ କୋର୍ଟ ଯିବାକୁ ଚେତାବନୀ ଏହି ସବୁ ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ ବୋଲି ଆପ୍ ପକ୍ଷରୁ କୁହାଯାଇଛି । ଏହି ଟିମ୍ ଗଞ୍ଜାମ ଜିଲ୍ଲା ପୁଲିସ, ଦକ୍ଷିଣାଞ୍ଚଳ ଆଇଜି, ବ୍ରହ୍ମପୁର ପୁଲିସ ଏବଂ ବିଭିନ୍ନ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବ ବୋଲି ଦଳ କହିଛି । ବେଆଇନ ଭାବରେ ଖଣିଜ ସମ୍ପଦ ଉତ୍ତୋଳନ ହେଉଥିବା ବିଭିନ୍ନ ଗାଁ ଓ ଅଞ୍ଚଳରେ ପ୍ରତିବାଦ କରାଯିବା ସହ ଖଣି ବିଭାଗ କାର୍ଯ୍ୟାଳୟକୁ ବଡ଼ ଧରଣରେ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଆବଶ୍ୟକ ହେଲେ ଉଚ୍ଚ ନ୍ୟାୟାଳୟ ଏବଂ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନଜିଟି)ର ଦ୍ୱାରସ୍ଥ ହୋଇ ଆଇନଗତ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ଆପ୍ ପକ୍ଷରୁ କୁହାଯାଇଛି । ଜିଲ୍ଲା ସମ୍ପାଦକ ଆଦିତ୍ୟ ରଥ ଏବଂ ଜିଲ୍ଲା ଯୁବ ସଭାପତି ନୀଳକଣ୍ଠ ରେଡ୍ଡୀଙ୍କ ନେତୃତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ଏହି ସବୁ ଅଭିଯୋଗ ଓ ଚେତାବନୀ ଦିଆଯାଇଥିଲା ।

# ଟ୍ରେନ ଯାତ୍ରୀଙ୍କୁ ସୁନା ଗହଣା ଚୋରି ଘଟଣାରେ ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଟ୍ରେନରେ ଯାତାୟତ କରୁଥିବା ଯାତ୍ରୀଙ୍କୁ ଟାର୍ଗେଟ କରି ସୁନା ଗହଣା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ସରକାରୀ ରେଳବାଇ ପୋଲିସ (ଜିଆରପି ) । ସିସିଟିଭି ଯାଞ୍ଚ ସହ ତନାଘନା ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା ପୋଲିସ । ତାକୁ ଟ୍ରାକ କରୁଥିବା ବେଳେ ସେ ଗତକାଲି ବ୍ରହ୍ମପୁର ରେଳଷ୍ଟେସନରେ ଅନ୍ୟ ଏକ ଯାତ୍ରୀଙ୍କୁ ଟାର୍ଗେଟ କରୁଥିବା ବେଳେ ତାଙ୍କୁ ଦୁଇ ନମ୍ବର ପ୍ଲାଟଫର୍ମରୁ ପୋଲିସ ତାଙ୍କୁ କାବୁ କରିଥିଲା । ଘଟଣାରେ ଜଡିତ ଅନ୍ୟ କିଛି ସହଯୋଗୀଙ୍କୁ ପୋଲିସ କାବୁ ପାଇଁ ଯୋଜନା ଚଳାଇଥିବା କହିଛି । ଗିରଫ ଅଭିଯୁକ୍ତ ଜଣଙ୍କ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ ଗ୍ରାମର କାହ୍ନୁ ସାହୁ(୪୫)ବୋଲି ଜିଆରପି ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଥାନାଧିକାରୀ ସନ୍ତୋଷ କୁମାର ବାହିନୀପତି ଏନେଇ ସୂଚନା ଦେଇଛନ୍ତି । ସେହିପରି ଅଭିଯୁକ୍ତଙ୍କୁ ପଚରାଉଚରା ପରେ ସେ ଟ୍ରେନରେ ଯାତ୍ରୀଙ୍କ ସୁନା ଗହଣା ଓ ମୂଲ୍ୟବାନ ସାମଗ୍ରୀ ଲୁଟ କରୁଥିବା ସ୍ୱୀକାର କରିଥିଲା । ପୋଲିସ ତା ନିକଟରୁ ପ୍ରାୟ ୫ ଭରିରୁ ଅଧିକ ସୁନା ଗହଣା, ଚାରି ଲକ୍ଷ ଟଙ୍କା, ଲାପଟପ ଓ ତିନିଟି ଫୋନ୍ ଜବତ କରିଛି । ଅଭିଯୁକ୍ତଙ୍କୁ ଜେରା ବେଳେ ସେ ପୂର୍ବରୁ ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନରେ ଥିବା ପେଣ୍ଟ୍ରି କାରରେ କାମ କରୁଥିଲେ । ସେ ବିଭିନ୍ନ ଅପରାଧିକା ମାମଲାରେ ଜଡିତ ହେବା ପରେ ତାଙ୍କୁ କାମରୁ ହଟାଇ ଦିଆଯାଇଥିଲା । ଗତ ଅଗଷ୍ଟ ୨୭ ରେ ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନରକୋଚ ଏ -୧ ସଂରକ୍ଷଣ ବଗିରେ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କୁ ସେ ଟାର୍ଗେଟ କରି ତାଙ୍କର ସୁନା ଗହଣା ଭର୍ତ୍ତି ବ୍ୟାଗ ଲୁଟି ନେଇଥିବା ଉକ୍ତ ଅଭିଯୁକ୍ତ ଜଣଙ୍କ ପୋଲିସ ନିକଟରେ ସ୍ୱିକାର କରିଥିଲେ ବୋଲି ପୋଲିସ କହିଛି । ସେହିପରି ଉକ୍ତ ଏକ୍ସପ୍ରେସ ଟ୍ରେନରେ ପୂର୍ବରୁ ସେ ଅନେକ ଯାତ୍ରୀଙ୍କ ମୂଲ୍ୟବାନ ସାମଗ୍ରୀ ଚୋରି କରିଥିବା ପିଲିସକୁ କହିଛନ୍ତି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ମାମଲା ନଂ ୧୧୮/୨୬ ରେ ଉକ୍ତ ଲୁଟେରାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ।

# ଛତ୍ରପୁର କୋର୍ଟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

## ୩୫ଟି କେସର ଫଇସଲା, ୧୪ଲକ୍ଷ ୬୬ ହଜାର ୧୦୦ଟଙ୍କା ଆଦାୟ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ପ୍ରଦୀପ କୁମାର ସାମଲ, ସିନିୟର ସିଭିଲ ଜଜ୍ ପୂଜା ଦେ, ଏସଡିଜେଏମ ବିଷ୍ଣୁ ପ୍ରିୟା ସାମନ୍ତରାୟ ଓ ଜେଏମଏଫସି ସ୍ାଗତିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ୩୫ଟି କେସର ଫଇସଲା କରି ମୋଟ ୧୪ଲକ୍ଷ ୬୬ ହଜାର ୧୦୦ଟଙ୍କା ଆଦାୟ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଦୁର୍ଘଟଣା ଜନିତ ୨ ଟି ମାମଲା ରେ ୧୩ ଲକ୍ଷ ୫୦ ହଜାର ଟଙ୍କା, ୭ଟି ସିଭିଲ ମାମଲା ୧୧୦୦ ଟଙ୍କା, ୨ ଟି ଚେକ ବାଉନ୍ସ ମାମଲାରେ ୧ଲକ୍ଷ ୧୫ହଜାର ଟଙ୍କା ଆଦାୟ ହୋଇଥିଲା । ଏହା ସହିତ ୪ଟି କ୍ରିମିନାଲ କମ୍ପାଉଣ୍ଡବେଲ ମାମଲାର ଫଇସଲା ହୋଇଛି । ସରକାରୀ ଓକିଲ ପ୍ରଦୀପ କୁମାର ପାଢ଼ୀ ଓ ଶିବ ସାହୁ, ଆଇନଜୀବି ଦେବେନ୍ଦ୍ର କୁମାର ମିଶ୍ର, ମନୋଜ ପାଢ଼ୀ ଓ ରାମକୃଷ୍ଣ ଦାଶଙ୍କ ସମେତ ବହୁ ଆଇନଜୀବୀ ମାନେ ମାମଲା ଗୁଡିକର ପରିଚାଳନା କରିଥିଲେ ।

# ଡ୍ରିମ୍ସ ସ୍କୁଲ ଅଫ ହେଟେଲ ମ୍ୟାନେଜମେଣ୍ଟର ସ୍ୱାଗତ ଉତ୍ସବ

କଟକ, (ସ୍ୱପ୍ର): ଡ୍ରିମ୍ସ ସ୍କୁଲ ଅଫ ହୋଟେଲ ମ୍ୟାନେଜମେଣ୍ଟର ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ଓ ଅଭିମୁଖୀକରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରମୋଦ କନଭେନସନ୍ ଓ କ୍ଲବ ରିସର୍ଟର ପରିଚାଳକ ବୈକୁଣ୍ଠନାଥ ପଣ୍ଡା ଓ କର୍ପୋରେଟ୍ ମାନବ ସମ୍ବଳ ବିଭାଗ ମୁଖ୍ୟ ରଣଜିତ୍ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ହୋଟେଲ ମ୍ୟାନେଜେମେଣ୍ଟ ଭଳି ଏକ ମହତ୍ୱପୂର୍ଣ୍ଣ ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ନିଜର ବୃତ୍ତିଗତ ଦକ୍ଷତା ଓ ଭାବର ଆଦାନପ୍ରଦାନ କରିବାର କଳାକୁ ଗୁରୁତ୍ୱ ଦେଇ ପ୍ରଚେଷ୍ଟା ଜାରି ରଖିଲେ ସଫଳ ତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି କହିଥିଲେ । ବିଶିଷ୍ଟ ଅତିଥି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ , ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ,




ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଉତ୍ତମ ବ୍ୟବହାର ଓ ଶୃଙ୍ଖଳା, ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦେଇ ନିଜର କ୍ୟାରିୟର ଗଢିବାକୁ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ବିକାଶ କୃଷ୍ଣ ଦାସ ସ୍ୱାଗତ ଅଭିଭାଷଣ ଦେବା ସହ ହୋଟେଲ ମ୍ୟାନେଜମେଣ୍ଟ ପାଠ୍ୟକ୍ରମର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ଅଧ୍ୟାପିକା ଶ୍ରଦ୍ଧା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଆୟୁଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋଦୀଙ୍କ ୨୫ବର୍ଷର ସେବା ଯାତ୍ରାକୁ ନେଇ ସେବା ସଂକଳ୍ପ ଅଭିଯାନ

## ୧୭ ସେପ୍ଟେମ୍ବରରୁ ମାସବ୍ୟାପୀ କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନର ୨୫ବର୍ଷର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ସମଗ୍ର ଦେଶରେ ସେବା ସଂକଳ୍ପ ଅଭିଯାନ ଆୟୋଜନ କରାଯାଉଛି । ଆସନ୍ତା ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ମାସବ୍ୟାପୀ ଏହି ଅଭିଯାନ ଚାଲିବ । ଏଥିରେ ସମାଜର ବିଭିନ୍ନ ବର୍ଗକୁ ସାମିଲ କରାଯାଇ ଜନକଲ୍ୟାଣ ଓ ସେବାମୂଳକ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସେବା ହିଁ ସଂକଳ୍ପ, ସେବା ହିଁ ସମର୍ପଣ ଭାବନାକୁ ଜନମାନସରେ ଆହୁରି ସୁଦୃଢ଼ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ବିଜେପି ପକ୍ଷରୁ କୁହାଯାଇଛି । ଗରିବ, ଅସହାୟ, ମହିଳା, ଯୁବ, କୃଷକ ଓ ବଞ୍ଚିତ ବର୍ଗଙ୍କ ନିକଟରେ ସେବା ପହଞ୍ଚାଇବା ସହ ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସାମାଜିକ ସଚେତନତା ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକ୍ରମ ହାତକୁ ନିଆଯିବ । ସେବାରୁ ସଂକଳ୍ପ, ସଂକଳ୍ପରୁ ସଶକ୍ତ ଭାରତ ଭାବନାକୁ ନେଇ ଏହି ଅଭିଯାନକୁ ସଫଳ କରିବାକୁ ଦଳ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି । ଅଭିଯାନର ସଫଳ ରୂପାୟଣ ନେଇ ବିଜେପି ପକ୍ଷରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଜିଲ୍ଲାସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ୍, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ରାଜ୍ୟ ମିଡିଆ ପ୍ୟାନେଲିଷ୍ଟ କବିବିଷ୍ଣୁ ଶତପଥି, ଜିଲ୍ଲା ଉପସଭାନେତ୍ରୀ ମମତା ମଣ୍ଡଳ ଓ ଜିଲ୍ଲା ପ୍ରବକ୍ତା ନରୁତ୍ତୋମ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ । ସମ୍ମିଳନୀରେ ମାସବ୍ୟାପୀ ଆୟୋଜିତ ହେବାକୁ ଥିବା ୧୩ଟି ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା । ସେଗୁଡ଼ିକ ମଧ୍ୟରେ ଆଶୀର୍ବାଦର ଦୀପ, ଦେଶବ୍ୟାପୀ ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, ନମୋ ସେବୀ ଗାଥା (ପଥପ୍ରାନ୍ତ ନାଟକ), ଆଙ୍ଗନର ଉତ୍ସବ (ଅଙ୍ଗନଓ୍ୱାଡି ସମ୍ମାନ ଓ ମାତୃସମ୍ବାଦ), ପରିବର୍ତ୍ତନର କାହାଣୀ, ବିକଶିତ ଭାରତ ସଂକଳ୍ପ ଯାତ୍ରା, ସେବା ଜ୍ୟୋତି ଯାତ୍ରା, ବଡ଼ନଗରରୁ ବାରାଣସୀ, ସେବା ମୋର ଯୋଗଦାନ, ସେବା ସେତୁ ଅଭିଯାନ, ରଙ୍ଗୋଲି ରାଷ୍ଟ୍ର, ରାଷ୍ଟ୍ରୀୟ ନବସୃଜନ ଆହ୍ୱାନ ଓ ଜନସେବକ ମହାକୁମ୍ଭ ଆଦି ରହିଛି । ଏହି ସମସ୍ତ କାର୍ଯ୍ୟକ୍ରମର ରୂପରେଖା ଓ ଆୟୋଜନ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦିଆଯିବା ସହ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା । ଜିଲ୍ଲା ସାଧାରଣ ସମ୍ପାଦକ ତଥା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ମହାନ୍ତି ସମ୍ମିଳନୀ ପରିଚାଳନା କରିଥିବାବେଳେ ଅନ୍ୟତମ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋଲିସ ପ୍ରଶାସନ ଏବଂ ବିଭିନ୍ନ ଗଣେଶ ପୂଜା କମିଟି ବୈଠକ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ଥାନା ପରିସରରେ ପୋଲିସ ପ୍ରଶାସନ ପକ୍ଷରୁ ଗଣେଶ ପୂଜା ପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୁଗୁଡ଼ା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସ୍ଥାନୀୟ ଥାନା ଅଞ୍ଚଳରେ ଅନୁଷ୍ଠିତ ହେବାକୁ ଥିବା ଗଣେଶ ପୂଜା ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସୁରୁଖୁରୁରେ ପୂଜା କରିବା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରତି ପୂଜା କମିଟିର ସହଯୋଗ କାମନା କରାଯାଇଥିଲା । ପୂଜା ପେଣ୍ଡାଲରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ପୂଜା ପାଇଁ କମିଟି ସ୍ଥାନୀୟ ପୁଲିସ ଓ ପ୍ରଶାସନର ଅନୁମତି ନେବା ବାଧ୍ୟତାମୂଳକ ବୋଲି କୁହାଯାଇଥିଲା । ଭସାଣି ଉତ୍ସବ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ସହିତ ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ସ୍ଥାନରେ ବିସର୍ଜନ କରିବା ପାଇଁ ଅନୁରୋଧ କରାଯାଇଛି । ବୈଠକରେ ଥାନା ଅନ୍ତର୍ଗତ ୪୦ଟି ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୪୫୧୮ ମାମଲାର ସମାଧାନ

## ୩ କୋଟି ୬୨ଲକ୍ଷ ୮ ୯ହଜାର ୫୪୦ଟଙ୍କା ଅଦାୟ ପାଇଁ ହେଲା ବିଚାର

ବାରିପଦା, (ସବ୍ୟୁ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦାସ୍ଥିତ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଲୋକ ଅଦାଲତରେ ମୋଟ ୧୧,୪୦୮ଟି ମାମଲା ମଧ୍ୟରୁ ୪,୫୧୮ଟି ମାମଲାର ଅପୋଷ ବିଚାର ମାଧ୍ୟମରେ ସମାଧାନ କରାଯାଇ ୩କୋଟି ୬୨ଲକ୍ଷ ୮୯ହଜାର ୫୪୦ଟଙ୍କା ଅଦାୟ ପାଇଁ ନିଷ୍ପତ୍ତି ହୋଇଛି । ଏହି ଅବସରରେ ପ୍ରାକ୍-ମକଦ୍ଦମା ସମ୍ପର୍କିତ ମୋଟ ୫,୩୫୭ଟି ମାମଲା ମଧ୍ୟରୁ ୫୭୩ଟି ମାମଲାର ଅପୋଷ ବିଚାର କରାଯାଇ ୯୩ ଲକ୍ଷ ୯୩ ହଜାର ୮୩୭ ଟଙ୍କା ଅଦାୟ ପାଇଁ ସମାଧାନ କରାଯାଇଥିଲା । ସେହିପରି ବିଭିନ୍ନ ଶ୍ରେଣୀର ବକେୟା ଥିବା ୬,୦୫୧ଟି ମାମଲା ମଧ୍ୟରୁ ସାଲିସଯୋଗ୍ୟ ଫୌଜଦାରୀ ମାମଲା ୧୭୭ଟିରୁ ୩୦ଟି, ଏନ୍. ଆଇ. ଆକଟ ଧାରା ୧୩୮ ଅନ୍ତର୍ଗତ ୧୪୯ଟିରୁ ୬୨ଟି, ବ୍ୟାଙ୍କ ଋଣ ଅଦାୟ ସମ୍ପର୍କିତ ୨୫ଟିରୁ ୨ଟି,




ମୋଟରଯାନ ଦୁର୍ଘଟଣା ମାମଲା ୨୬୨ଟିରୁ ୧୭ଟି, ବୈବାହିକ ସମ୍ପର୍କିତ (ଛାଡ଼ପତ୍ର ବ୍ୟତୀତ) ୧୩୧ଟିରୁ ୧୧୭ଟି, ରାଜସ୍ୱ ମାମଲା ୪,୭୬୧ଟିରୁ ୩,୪୮୮ଟି, ଅନ୍ୟାନ୍ୟ ଦେଓ୍ୱାନୀ ମାମଲା ୧୬୩ଟିରୁ ୯୪ଟି ଏବଂ ଅନ୍ୟାନ୍ୟ ୩୭୫ଟି ମାମଲାରୁ ୧୩୬ଟି ମାମଲାର ସମାଧାନ କରାଯାଇଥିଲା । ଏହିପରି ମୋଟ ୩,୯୪୫ଟି ମାମଲାର ଫଇସଲା କରାଯାଇ ୨କୋଟି ୬୮ଲକ୍ଷ ୯୫ହଜାର ୭୦୩ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା । ଏଥିରେ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୁମନ କୁମାର ମିଶ୍ର, ପରିବାର ଅଦାଲତ ଜଜ୍ ପ୍ରଜ୍ଞାପାରମିତା ରାଉତ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି, ସିଭିଲ କୋର୍ଟର ରେଜିଷ୍ଟ୍ରାର ଶୃତିସ୍ମିତା ଦାସ, ସିନିୟର ସିଭିଲ ଜଜ୍ ସତରୂପା ଶତପଥୀ, ଅତିରିକ୍ତ ସିନିୟର ସିଭିଲ ଜଜ୍ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ୍ ଡ. ନିଶାକର ସାହୁ, ଏସ୍‌ଡିଜେଏମ୍ ଜୁଏଲ ପଟ୍ଟନାୟକ, ଜେଏମ୍‌ଏଫ୍‌ସି-୧ (କଗ୍ନିଜାନ୍ସ ଟେକିଂ) ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମ୍‌ଏଫ୍‌ସି ମଧୁଶ୍ରବା ମହାନ୍ତି ଓ ନିଳିଶା ପଟ୍ଟନାୟକ, ଜେଏମ୍‌ଏଫ୍‌ସି (ଏଲ୍‌ଆର ଓ ଏଲ୍‌ଟିଭି) ଶୁଭ୍ରାଂଶୁ ଠାକୁର, ସିଭିଲ ଜଜ୍ କନିଷ୍ଠ ଶାଖା ତଥା ଜେଏସ୍‌ସି ସ୍ୱସ୍ତିକ ଦାସ ଓ ଅର୍ପିତା ସାହୁଙ୍କ ସମେତ ଅନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟମାନେ ଯୋଗ ଦେଇଥିଲେ । ମାମଲା ସମାଧାନ ପାଇଁ ଗଠିତ ବିଭିନ୍ନ ବେଞ୍ଚରେ ନିଯୁକ୍ତ ସଦସ୍ୟଙ୍କ ସହ ସରକାରୀ ଓକିଲ ଉମାକାନ୍ତ ରାଉତ, ଆଇନଜୀବୀ ତାପସ କୁମାର ଦତ୍ତ, ସତ୍ୟନାରାୟଣ ବେହେରା, ଧୀରେନ୍ଦ୍ର କୁମାର ମହାପାତ୍ର, କମଳ କୁମାର କୁଆଁରବାବୁ ଏବଂ ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀମାନେ ସହଯୋଗ କରିଥିଲେ ।

# ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଆଦାନୀ ଫାଉଣ୍ଡେସନର ଛତୁ ଚାଷ ପ୍ରଶିକ୍ଷଣ

ଛତ୍ରପୁର, (ସବ୍ୟୁ) : ଗ୍ରାମୀଣ ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଏବଂ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି ଉଦ୍ଦେଶ୍ୟରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ମହିଳା ଆର୍ଥିକ ବିକାଶ କାର୍ଯ୍ୟକ୍ରମ ଅଧୀନରେ କଣମଣା ପଞ୍ଚାୟତଠାରେ ଆଜି ମହିଳା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚଜି) ସଦସ୍ୟାଙ୍କ ପାଇଁ ଛତୁ ଚାଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଗୋପାଳପୁର ବନ୍ଦର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ମହିଳାମାନଙ୍କୁ ଛତୁ ଚାଷ ମାଧ୍ୟମରେ ଆୟକାରୀ ଜୀବିକା ସହ ଯୋଡ଼ିବା ଏହି ପ୍ରଶିକ୍ଷଣର ପ୍ରମୁଖ ଉଦ୍ଦେଶ୍ୟ । ପ୍ରଥମ ପର୍ଯ୍ୟାୟରେ ଆଜି ୬୦ ଜଣ ମହିଳା ଏହି ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ପର୍ଯ୍ୟାୟକ୍ରମେ ଗୋପାଳପୁର ବନ୍ଦର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ମୋଟ ପାଞ୍ଚଗୋଟି ପଞ୍ଚାୟତ ଯଥା ଆର୍ଯ୍ୟପଲ୍ଲୀ, କଣମଣା, ଚମାଖଣ୍ଡି, କାଳିପଲ୍ଲୀ ଓ ଶ୍ରୀରାମଚନ୍ଦ୍ରପୁରର ୧୫୦ ଜଣ ମହିଳା ଏସ୍‌ଏଚଜି ସଦସ୍ୟାଙ୍କୁ ଛତୁ ଚାଷ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଛତ୍ରପୁର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅଶୋକ କୁମାର ପାଇକରାୟ, କଣମଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ଏସ୍. ଚକ୍ରପାଣି ରେଡ୍ଡୀ, ଛତୁ ଚାଷ ପ୍ରଶିକ୍ଷକ କାଶୀନାଥ ନାୟକ




ଏବଂ ଆଦାନୀ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ପ୍ରଶିକ୍ଷଣ ସମୟରେ ଅଶୋକ କୁମାର ପାଇକରାୟ ଛତୁ ଚାଷର ବିଭିନ୍ନ ବୈଜ୍ଞାନିକ ପଦ୍ଧତି, ବିଭିନ୍ନ ପ୍ରକାରର ଛତୁ ଏବଂ ଗଞ୍ଜାମ ଜିଲ୍ଲାର ଜଳବାୟୁ ଓ ଆର୍ଦ୍ରତା ଅନୁଯାୟୀ କେଉଁ ପ୍ରକାରର ଛତୁ ଚାଷ କରାଯାଇପାରିବ, ସେ ସମ୍ପର୍କରେ ମହିଳାମାନଙ୍କୁ ବିସ୍ତୃତ ତଥ୍ୟ ଦେଇଥିଲେ । ଅନ୍ୟ କୃଷିଭିତ୍ତିକ ଚାଷ ତୁଳନାରେ ଛତୁ ଚାଷରୁ କମ୍ ସମୟ ମଧ୍ୟରେ ଆୟ ମିଳିପାରୁଥିବାରୁ ଏହା ଏକ ଲାଭଜନକ ଜୀବିକାର ମାଧ୍ୟମ ହୋଇପାରିବ ବୋଲି ସେ କହିଥିଲେ । ଏଥିସହ ଓଡ଼ିଶା ସରକାରଙ୍କ ବିଭିନ୍ନ ଋଣ ଯୋଜନା, ସବସିଡି ଓ ସରକାରୀ ସହାୟତା ସମ୍ପର୍କରେ ମଧ୍ୟ ମହିଳାମାନଙ୍କୁ ଅବଗତ କରାଯାଇଥିଲା । କ୍ଷୁଦ୍ର ଓ ବୃହତ୍ତ ପରିମାଣରେ ଛତୁ ଚାଷ ପାଇଁ ଉପଲବ୍ଧ ବିଭିନ୍ନ ସରକାରୀ ସୁବିଧା ଓ ଆର୍ଥିକ ସହାୟତା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା ।

ଛତୁ ଏକ ପ୍ରୋଟିନଯୁକ୍ତ ଖାଦ୍ୟ ହୋଇଥିବାରୁ ଏହାର ଚାହିଦା ବଢୁଥିବା ଏବଂ ଏହା ମହିଳାମାନଙ୍କ ପାଇଁ ଏକ ଭଲ ଆୟକାରୀ କାର୍ଯ୍ୟକଳାପ ହୋଇପାରିବ ବୋଲି କୁହାଯାଇଥିଲା । ମୁଖ୍ୟ ପ୍ରଶିକ୍ଷକ କାଶୀନାଥ ନାୟକ ଛତୁ ଚାଷର ବିଭିନ୍ନ ବୈଷୟିକ ଦିଗ ଉପରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । କିପରି ଅଳ୍ପ ପରିମାଣରେ ଛତୁ ଚାଷ ଆରମ୍ଭ କରି ପରବର୍ତ୍ତୀ ସମୟରେ ଏହାକୁ ବୃହତ୍ତ ଆକାରରେ ବିକଶିତ କରାଯାଇପାରିବ, ସେ ସମ୍ପର୍କରେ ସେ ବିସ୍ତୃତ ଭାବେ ବୁଝାଇଥିଲେ ।

ଏଥିସହ ଛତୁର ମଞ୍ଜି, ଚାଷ ପ୍ରଣାଳୀ, ରକ୍ଷଣାବେକ୍ଷଣ, ଅମଳ ଓ ଅମଳ ପରବର୍ତ୍ତୀ ଯତ୍ନ ସମ୍ପର୍କରେ ମଧ୍ୟ ମହିଳାମାନଙ୍କୁ ତାଲିମ ଦିଆଯାଇଥିଲା । ଏହି ଅବସରରେ ଗୋପାଳପୁର ବନ୍ଦର ସିଏସ୍‌ଆର୍ ମୁଖ୍ୟ ଦେବଦତ୍ତ ମିଶ୍ର କହିଥିଲେ ଯେ, କେବଳ ପ୍ରଶିକ୍ଷଣ ପ୍ରଦାନ କରିବା ଆଦାନୀ ଫାଉଣ୍ଡେସନର ଲକ୍ଷ୍ୟ ନୁହେଁ । ପ୍ରଶିକ୍ଷଣ ପରେ ଅଂଶଗ୍ରହଣକାରୀ ମହିଳାମାନଙ୍କୁ ବିଭିନ୍ନ ସଫଳ ଛତୁ ଚାଷୀଙ୍କ ଚାଷସ୍ଥଳୀକୁ ନିଆଯାଇ ପ୍ରାୟୋଗିକ ଅଭିଜ୍ଞତା ପ୍ରଦାନ କରାଯିବ । ଏଥିସହ ଯୋଗ୍ୟ ମହିଳା ଅଂଶଗ୍ରହଣକାରୀଙ୍କୁ ଛତୁଚାଷ ୟୁନିଟ୍ ସ୍ଥାପନ ପାଇଁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯିବ ।

# ବାରିପଦାରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ

ବାରିପଦା, (ସବ୍ୟୁ): ସ୍ୱାମୀ ବିବେକାନନ୍ଦଙ୍କ ଐତିହାସିକ ଚିକାଗୋ ଅଭିଭାଷଣ ମାଧ୍ୟମରେ ବିଶ୍ୱ ଐକ୍ୟ, ଭାଇଚାରା ଓ ମାନବିକତାର ବାର୍ତ୍ତା ପ୍ରସାରିତ ହୋଇଥିଲା । ଏହି ଐତିହାସିକ ଦିବସକୁ ସ୍ମରଣ କରି ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ବାରିପଦା ଶାଖା ପକ୍ଷରୁ ଶାଖା କାର୍ଯ୍ୟାଳୟରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ ହୋଇଯାଇଛି । ନଗର ସଞ୍ଚାଳକ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସ୍କୃତ ସାହିତ୍ୟ ଓ ଭାଷା ବିଶାରଦ ଡକଟର ସୁବଳ କୁମାର ସାହୁ ମୁଖ୍ୟ ଅତିଥି ଏବଂ ବାରିପଦା ଶାଖାର ପ୍ରାକ୍ତନ ସଞ୍ଚାଳିକା ସୁଶ୍ରୀ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ୧୮୯୩ ମସିହା ସେପେଟମ୍ବର ୧୧ତାରିଖରେ ଆମେରିକାର ଚିକାଗୋଠାରେ ଅନୁଷ୍ଠିତ ବିଶ୍ୱ ଧର୍ମ ମହାସଭାରେ ସ୍ୱାମୀ ବିବେକାନନ୍ଦ ତାଙ୍କ ଐତିହାସିକ ଉଦଘାଟନୀ ଅଭିଭାଷଣ ରଖିଥିଲେ । ସନାତନ ବୈଦିକ ଧର୍ମ ଓ ଭାରତୀୟ ସଂସ୍କୃତିର ସହିଷ୍ଣୁତା, ସହନଶୀଳତା, ସମ୍ବେଦନଶୀଳତା ଓ ସାର୍ବଜନୀନ ଗ୍ରହଣୀୟତାର ବାର୍ତ୍ତା ଦେଇ ସେ ବସୁଧୈବ କୁଟୁମ୍ବକମ୍ ଓ ସର୍ବଧର୍ମ ସମଭାବ ଭଳି ମହତ୍ତ୍ୱପୂର୍ଣ୍ଣ ଚିନ୍ତାଧାରା ମାଧ୍ୟମରେ ବିଶ୍ୱ ଐକ୍ୟ ଓ ଭ୍ରାତୃତ୍ୱ ପ୍ରତିଷ୍ଠାର ମାର୍ଗ ଦେଖାଇଥିଲେ । ତାଙ୍କ ଏହି ଅଭିଭାଷଣ ବିଶ୍ୱ ଭ୍ରାତୃତ୍ୱର ଏକ ନୂଆ ଅଧ୍ୟାୟର ମୂଳଦୁଆ ପକାଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଐତିହାସିକ ଘଟଣାର ସ୍ମୃତିରେ ପ୍ରତିବର୍ଷ ସେପେଟମ୍ବର ୧୧ତାରିଖକୁ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର ବିଭିନ୍ନ ଶାଖା ପକ୍ଷରୁ ଅଖିଳ ଭାରତୀୟ ସ୍ତରରେ ବିଶ୍ୱ ଭ୍ରାତୃତ୍ୱ ଦିବସ ଭାବେ ପାଳନ କରାଯାଉଥିବା ନେଇ ଅତିଥିମାନେ କହିଥିଲେ । ନଗର ପ୍ରମୁଖ ଶିବଶଙ୍କର ଗିରିଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ଡକଟର ଅଞ୍ଜଳି ପଣ୍ଡା ଆବାହନୀ ମନ୍ତ୍ର ଉଚ୍ଚାରଣ କରିଥିଲେ । ଆଡ୍‌ଭୋକେଟ ସତ୍ୟବ୍ରତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ରୀ ଜି. ପ୍ରଜ୍ଞାଭାରତୀ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରିଥିଲେ । ଆଡ୍‌ଭୋକେଟ ଜୟପ୍ରକାଶ



ଦାଶ ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଅଭିଭାଷଣ ଉପସ୍ଥାପନ କରିଥିଲେ । ଡକଟର ସିଦ୍ଧେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ କିଛି ଦିନ ପୂର୍ବରୁ ଇହଧାମ ତ୍ୟାଗ କରିଥିବା ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର ଅଖିଳ ଭାରତୀୟ ସଭାପତି ସ୍ୱର୍ଗତ ବାଲକୃଷ୍ଣନଙ୍କ ସ୍ମୃତିଚାରଣ କରାଯାଇଥିଲା । ତାଙ୍କ ପୁଣ୍ୟାତ୍ମାର ସଦ୍‌ଗତି କାମନା କରି ଉପସ୍ଥିତ ସମସ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ ।

# ତିନି ଦିନ ପରେ ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା

ପାରାଦୀପ, (ଜିପ୍ର) : ଆଉ ମାତ୍ର ତିନିଦିନ ପରେ ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା । ସଜେଇ ହେଲାଣି ବନ୍ଦର ନଗରୀ ପାରାଦୀପ । ପୂଜା ପଡିଆରେ ପ୍ରସ୍ତୁତି ଜୋରଦାର । ସୃଷ୍ଟିର ଅନନ୍ୟ ବିନ୍ଧାଣି ଦେବାଶିଳ୍ପି ବିଶ୍ୱକର୍ମାଙ୍କୁ ଆରାଧନା ନିମନ୍ତେ ଚାଲିଛି ପ୍ରସ୍ତୁତି । ନିଜ ଅନୁଷ୍ଠାନ , ପ୍ରତିଷ୍ଠାନ ଓ କମ୍ପାନୀର ଶୁଭ ମନାସି ପ୍ରଭୁ ବିଶ୍ୱକର୍ମାଙ୍କୁ ଆରାଧନା ନିମନ୍ତେ ସମସ୍ତେ ତତ୍ପର । ରାଜ୍ୟ ତଥା ରାଜ୍ୟ ବାହାରର କାରିଗର ମାନେ ମାସକ ପୂର୍ବରୁ ଚଳାଇଛନ୍ତି ପ୍ରସ୍ତୁତି । ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ । କିଏ ରାଜସ୍ଥାନର ମହଲ ତ କିଏ ଇଟାଲୀର ସୁନ୍ଦର ରାଜବାଟୀ ପ୍ରସ୍ତୁତ କରିବାରେ ବ୍ୟସ୍ତ । ଚଳିତ ବର୍ଷ ପାଗର ପ୍ରତିକୂଳ ସତ୍ୱେ ଶିଳ୍ପୀମାନେ ସେମାନଙ୍କର କଳାକୃତିର ନିଆରା ପ୍ରତିଛବି ଗଢି ତୋଳିବାକୁ ରାତିଦିନ କରିଚାଲିଛନ୍ତି ପ୍ରୟାସ । ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ଇଉନିୟନର



ଚଳିତ ବର୍ଷ ଏକ ଭିନ୍ନ ଢଙ୍ଗର ପୂଜା ମଣ୍ଡପ ପ୍ରସ୍ତୁତି ଚାଲିଥିବା ଦେଖିବାକୁ ମିଳିଛି । ପୂଜା ମଣ୍ଡପକୁ ଏକ ପ୍ରଜାପତିର ରୂପ ଦେଖାଇବାକୁ ଚାଲିଛି ପ୍ରସ୍ତୁତି । ରଙ୍ଗ ବେରଙ୍ଗର ଆଲୋକ ମାଳାରେ ଝଲିସିବ ସାରା ସହର । ଆସିବେ ଆଗନ୍ତୁକ ଜମିବ ଭିଡ , କୋଳାହଳରେ କମ୍ପିବ ପୂଜା ପଡିଆ । ପ୍ରତିବର୍ଷ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ନିମନ୍ତେ ପ୍ରତିଯୋଗିତା କରାଯାଉଥିବା ବେଳେ ପୂଜା ମଣ୍ଡପ ଓ ଭିତର ସାଜସଜ୍ଜାରେ ହେବ ପ୍ରତିଯୋଗିତା । ଆସିବେ ଦୋକାନୀ ଖୋଲିବେ ସେମାନଙ୍କର ବ୍ୟବସାୟର ପସରା । ଦୋଳି ମିନାବଜାର ସାଙ୍ଗକୁ ଚାଟ ଚଟ୍ପଟିର ମଜା ଉଠାଇବେ ଲକ୍ଷାଧିକ ଶ୍ରଦ୍ଧାଳୁ । ଅପେରା ,ମେଲୋଡି ଆଉ ଭଜନ ସନ୍ଧ୍ୟାରେ ଜମିବ ସାରା ରାତି ପୋଲିସ ପ୍ରସ୍ତୁତ ପ୍ରଶାସନ ମଧ୍ୟ ପ୍ରସ୍ତୁତ ଚଳିତ ବର୍ଷ ସିସିଟିଭି ନଜରରେ ପୂଜା ପଡିଆକୁ ନଜରରେ ରଖିବା ପୋଲିସ । ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ନିମନ୍ତେ ଚଳଚଂଚଳ ହୋଇ ଉଠିଥିବା ସହରରେ ଶାନ୍ତି ଶୃଙ୍ଖଳା ରକ୍ଷାକରିବା ନିମନ୍ତେ ପୋଲିସ ବିଭାଗ ସତ୍ୱତନ୍ତ୍ର ବ୍ୟବସ୍ଥା କରୁଥିବା ଜଣାପଡିଛି ।

## ସମ୍ବଲପୁରରେ ଧରାପଡ଼ିଲେ ୨ ଆନ୍ତଃରାଜ୍ୟ ଠକ

# ୧ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ !

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ସଦର ଥାନା ଅନ୍ତର୍ଗତ ତୁମ୍ଭେସିଙ୍ଗା ଅଞ୍ଚଳରୁ ପୋଲିସ ଶନିବାର ଦୁଇ ଜଣ ଆନ୍ତଃରାଜ୍ୟ ଠକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦୟ ହେଲେ ଗୁଜରାଟର ଡବର ଗୋବିନ୍ଦ ଭାଇ ପଟେଲ (୩୯) ଏବଂ ହିରେନ ମୁକେଶ ଭାଇ ଶାହା (୩୮) ବୋଲି ଜଣାପଡ଼ିଛି । ସେମାନଙ୍କ ନିକଟରୁ ବହୁ ମୂଲ୍ୟବାନ କାଗଜ ପତ୍ର ଓ ନଗଦ ଟଙ୍କା ଜବତ ହୋଇଛି । ସୂଚନାଯୋଗ୍ୟ, ଅଭିଯୁକ୍ତ ଦ୍ୱୟ 'ପୁନେବାଲା' ନାମକ ଏକ ସଂସ୍ଥା ଖୋଲି ଗୁଜରାଟରୁ ପ୍ରାୟ ୬୦୦ କୋଟି ଏବଂ ରାଜସ୍ଥାନରୁ ପ୍ରାୟ ୪୦୦ କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ରହିଛି । ଏହି ଠକେଇ ମାମଲାରେ ଗୁଜରାଟର ଅମରେଲି ସାଇବର ଥାନାରେ କେସ ନଂ ୫/୨୬ ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ମାନେ କାର ଯୋଗେ ଫେରାର ହୋଇ ଯାଉଥିବା ବେଳେ ଗୁଜୁରାଟ ପୋଲିସ ସେମାନଙ୍କୁ ପିଛା କରିଥିଲା । ସମ୍ବଲପୁର ପୋଲିସ ସହ ଯୋଗାଯୋଗ ମଧ୍ୟ କରିଥିଲା। ତେବେ ସେମାନଙ୍କୁ ଟ୍ରାକ କରି ତୁମ୍ଭେସିଙ୍ଗା ନିକଟରୁ ଉଭୟଙ୍କୁ କାବୁ କରିବା ସହ ସେମାନେ ବ୍ୟବହାର କରୁଥିବା ଏକ କାର୍ (ଜିଜେ୦୬ଆରଇ-୦୯୮୯) କୁ ଜବତ କରାଯାଇଛି। ଶନିବାର



ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଗୁଜରାଟ ପୋଲିସ ସେମାନଙ୍କୁ ୪ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ନେଇଛି। ସେଠାରେ ପଚରାଉଚରା ପରେ ପୁଣି ସମ୍ବଲପୁର ପୋଲିସକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି ।

# ରାତାରାତି ବଡ଼ଲୋକ ହେବାର ଆଶା ଦେଖାଇ ଠକେଇ , ଫେରାର ଅଭିଯୁକ୍ତ ଗିରଫ

ନାଉଗାଁ, (ସବ୍ୟୁ) : ରାତାରାତି ବଡ଼ଲୋକ ହେବାର ଆଶା ଦେଖାଇ ଏକାଧିକ ଲୋକଙ୍କଠାରୁ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିବା ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ନାଉଗାଁ ଅଞ୍ଚଳର ଗଳଦାରି ଗ୍ରାମର ଜ୍ୟୋତିରଞ୍ଜନ ମୁଦୁଲି ଗିରଫ ହୋଇଛନ୍ତି। ଅଭିଯୋଗ ଅନୁସାରେ ଜ୍ୟୋତିରଞ୍ଜନ ବିଭିନ୍ନ ଲୋକଙ୍କଠାରୁ ଟଙ୍କା ନେଇ ସେୟାର ମାର୍କେଟରେ ନିବେଶ କରିବା ସହ ଉଚ୍ଚ ସୁଧରେ ଟଙ୍କା ଫେରସ୍ତ କରିବାର ପ୍ରତିଶ୍ରୁତି ଦେଇଥିଲେ। କିଛିଦିନ ସୁଧ ଟଙ୍କା ଦେବା ପରେ ପରବର୍ତ୍ତୀ ସମୟରେ ଆଉ ଟଙ୍କା ଫେରସ୍ତ କରିନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଟଙ୍କା ଦେଇଥିବା ଲୋକଙ୍କ ସହ ତାଙ୍କର ବାଦ ବିବାଦ ଲାଗି ରହିଥିଲା। ପରେ ଜ୍ୟୋତିରଞ୍ଜନ ୨୦୨୩ ମସିହାରୁ ଫେରାର ହୋଇଯାଇଥିବା ଏବଂ ତାଙ୍କର କୌଣସି ପତ୍ତା ମିଳୁନଥିବା କୁହାଯାଇଛି। ଟଙ୍କା ଫେରସ୍ତ ପାଇବା ପାଇଁ ଅଭିଯୋଗକାରୀମାନେ ନିଆଳି ଜେଏମଏଫ୍ସି କୋର୍ଟରେ ତାଙ୍କ ବିରୋଧରେ ମାମଲା ଦାୟର କରିଥିଲେ। ଅଦାଲତଙ୍କ ପକ୍ଷରୁ ତାଙ୍କ ନାମରେ ୱାରେଣ୍ଟ ଜାରି ହେବା ସହ ତାଙ୍କୁ ଖୋଜି ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଘଟଣାରେ ନାଉଗାଁ ପୋଲିସ ଗତକାଲି ନିମାପଡ଼ା ଅଞ୍ଚଳରୁ ଜ୍ୟୋତିରଞ୍ଜନଙ୍କୁ ଗିରଫ କରିଥିଲା। ଆଜି ତାଙ୍କୁ ନିଆଳି ଜେଏମଏଫ୍ସି କୋର୍ଟରେ ହାଜର କରାଯାଇଛି।ଅଭିଯୋଗ କାରୀ ମାନେ ଦେଇଥିବା ଟଙ୍କା କିପରି ଏବଂ କେଉଁ ପ୍ରକ୍ରିୟାରେ ଫେରସ୍ତ ପାଇବେ, ସେନେଇ ମାନ୍ୟବର ଅଦାଲତଙ୍କ ବିଚାର ପରେ ପରବର୍ତ୍ତୀ ପଦକ୍ଷେପ ସ୍ପଷ୍ଟ ହେବ।

# ଚୋରି ମାମଲା : ୨ ଅଭିଯୁକ୍ତ କୋର୍ଟ ଚାଲାଣ

ମହାକାଳପଡ଼ା, (ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅଧୀନସ୍ଥ ଚଡାଇଗୁଆଁ ଗ୍ରାମରେ ଅଗଷ୍ଟ ୧୫ଦିନ ବିଳମ୍ବିତ ରାତ୍ରିରେ ହୋଇଥିବା ଚୋରି ଘଟଣାରେ ସଂଯୁକ୍ତା ରାଉତରାୟ ଥାନାରେ ଅଭିଯୋଗ କରିଥିଲେ । ସମ୍ପୃକ୍ତ ଗାଁ ର ବାବାଜୀ ଚରଣ ମଲ୍ଲ ଓ ସୁଶୀଲ ରଞ୍ଜନ ଚୌଧୁରୀ ଦୁଇ ଜଣଙ୍କ ଘରୁ ଏକା ରାତ୍ରିରେ ଚୋରି ହୋଇଥିଲା । ସୁଶୀଲ ଙ୍କ ଘରେ କେହି ରହୁ ନଥିବା ର ସୁଯୋଗ ଉଣ୍ଡି ଦୁର୍ବୃତ୍ତ ମାନେ ଚୋରି କରିବା ସହିତ ପଡୋଶୀ ତଥା ଅଭିଯୋଗ କାରିଣୀ ଙ୍କ ଘରେ ପରିବାର ଲୋକେ ଶୋଇଥିବା ସମୟରେ ଚୋରି କରିବାକୁ ପଛାଇନଥିଲେ । ପଡୋଶୀ ମହିଳା ଙ୍କ ଘରୁ ୩ ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ରୁପା ଅଳଙ୍କାର ନେଇଥିବା ବେଳେ ସୁଶୀଲଙ୍କ ଘରୁ ୬୦୦ଟଙ୍କା ଚୋରାଇନେଇଥିବାର ଜଣାପଡିଛ । ଅଭିଯୋଗକୁ ଭିତ୍ତି କରି ପୋଲିସ ୨୩୯/୨୬ମୂଳେ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିବା ବେଳେ ଅଭିଯୋଗକାରିଣୀଙ୍କ ଘର ପାଖରୁ ୨୦୦ମିଟର ଦୂରରେ ଥିବା ଅନ୍ୟ ଏକ ପଡୋଶୀଙ୍କ ସିସିଟିଭି ଯାଞ୍ଚ କରି ଚୋରଙ୍କ ଠିକଣା ଜାଣିଥିଲା । ଶୁକ୍ରବାର ମାର୍ଶାଘାଇ ଥାନାଞ୍ଚଳ ଗିରଙ୍ଗ ଗାଁ ର କୁଳିଆ ଓରଫ ରବୀନ୍ଦ୍ର ନାୟକ ଓ ବୁଲୁ ଓରଫ ସୁଶୀଲ ସ୍ୱାଇଁଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ସହିତ ଅନ୍ୟ ଜଣେ ସହଯୋଗୀ ର ସନ୍ଧାନ ପାଇଛି ।

## ଆଇନ୍‌ଜୀବୀଙ୍କ ପରଲୋକରେ ସଂଘର ଶୋକ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା କୋର୍ଟର ବରିଷ୍ଟ ଯୁବ ଆଇନ୍‌ଜିବୀଙ୍କ ପରଲୋକରେ ଜିଲ୍ଲା ଓକିଲସଂଘ ତରଫରୁ ଶୋକ ପ୍ରକାଶ କରାଯାଇଛି। ଆଇନ୍‌ଜିବୀ ମିର୍ ଅଫସର୍ ଅଲ୍ଲୀ (୫୧)ଙ୍କ ହୃଦଘାତରେ ପରଲୋକ ହୋଇଯାଇଥିବାର ଖବର ପାଇବା ପରେ ବହୁ ଆଇନ୍‌ଜିବୀ, ସମାଜସେବୀ ଓ ସ୍ଥାନୀୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଅଫସର ଅଲ୍ଲୀ ଜଣେ ମିଷ୍ଟଭାଷୀ, ପରଉପକାରୀ ଓ ସରଳ ସ୍ୱଭାବର ବ୍ୟକ୍ତି ଥିଲେ। ତାଙ୍କର ପରଲୋକର ଖବର ପାଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଜିଲ୍ଲା ଓକିଲ ସଂଘର ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ରାଉତ, ମହମ୍ମଦ ନଇମ୍, ସେକ୍ ସଲାଉଦ୍ଦିନ୍, ସେକ୍ ଅଜିମୁଦ୍ଦିନ୍, ନେହେରୁ କୁମାର ସାହୁଙ୍କ ସମେତ ବହୁ ଆଇନ୍‌ଜିବୀ ତାଙ୍କ ଶେଷ ଦର୍ଶନ କରି ତାଙ୍କ ଶୋକାକଳ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି।

# ଭଙ୍ଗାଘରକୁ ଜୋଡିଲେ ବିଚାରପତି

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ପରିବାର ଅଦାଲତରେ ଏକ ବିବାହ ବିଚ୍ଛେଦ ଓ ଭରଣ ପୋଷଣ ମାମଲାର ଫଏସଲା କରି ଜିଲ୍ଲା ଓ ଦୌରାଜଜ୍ ଦୀପକ କୁମାରଙ୍କ ନିର୍ଦ୍ଦେଶରେ ପରିବାର ଅଦାଲତ ବିଚାରପତି ଦେବାଶିଷ ପଣ୍ଡା ଏକ ଭଙ୍ଗା ପରିବାରକୁ ଯୋଡିଥିବା ଜଣାପଡିଛି। ବିବାହ ବିଚ୍ଛେଦ ଓ ଭରଣ ପୋଷଣ ମାମଲାର ସମାଧାନ କରି ପୁନର୍ବାର ଘର ସଂସାର କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ରାମଚନ୍ଦ୍ର ମୁଦୁଲିଙ୍କର ଝିଅ କୌଶଲ୍ୟା ବାରିକ କଟକ ସଦରଥାନା ଅନ୍ତର୍ଗତ ଆଶୀଷ କୁମାର ବାରିକଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ କୌଶଲ୍ୟା ନିଜ ବାପଘରେ ରହି ପରିବାର ଅଦାଲତରେ ଭରଣ ପୋଷଣ ମାମଲା ଦାୟର୍ କରିଥିଲେ। ବିଚାରପତି ଶ୍ରୀ ପଣ୍ଡା ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ବୁଝାବୁଝି କରି ଏକ ଭଙ୍ଗାଘରକ **ଜୋଡି** ପୁନର୍ବାର ଘର ସଂସାର କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଉଭୟ ପକ୍ଷ ବିଚାରପତିଙ୍କ କଥାରେ ରାଜି ହୋଇ ହସ ଖୁସିରେ ନିଜ ଘରକୁ ଫେରୁଥିବା ଜଣାପଡିଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନ୍‌ସେବା ପ୍ରାଧୀକରଣ ସନ୍ତୋଷ କୁମାର ମହାପାତ୍ରଙ୍କ ସମେତ ଆଇନ୍‌ଜିବୀ ଉପସ୍ଥିତ ଥିଲେ।

# କାରଖାନାକୁ ଜାଲ କାଗଜପତ୍ରରେ ଟ୍ରକ ପ୍ରବେଶ: ୨ ଗିରଫ

ଆଠଗଡ, (ସବ୍ୟୁ) : ଆଠଗଡ ବ୍ଲକ ଅନ୍ତର୍ଗତ ଖୁଣ୍ଟୁଣୀ ରମ୍ପେଇ ନିକଟରେ ଗଢି ଉଠିଥିବା ମାହେଶ୍ୱରୀ ଇସ୍ପାତ କାରଖାନା ଟି ଆରମ୍ଭରୁ ବିଭିନ୍ନ ସମସ୍ୟା ଭିତରେ ଛନ୍ଦି ହୋଇ ବନ୍ଦ ହୋଇପଡ଼ିଥିଲା। ମହେଶ୍ୱରୀ କାରଖାନାର ନାମ ପରିବର୍ତ୍ତନ କରାଯାଇ ବିକେ ଷ୍ଟିଲ କାରଖାନା ନାମରେ ନାମିତ ହୋଇଛି। ପୂର୍ବରୁ ବିକେ ଷ୍ଟିଲ କାରଖାନା ଭିତରୁ ୬ ଟି ଟ୍ରକରେ ସ୍ପଞ୍ଜ ଆଇରନ ଲୋର୍ ପଏଣ୍ଟରୁ ଲୋର୍ଡ ହୋଇ ବାହାରକୁ ଚାଲାଣ ସମୟରେ ଏହି ବେଆଇନ ଚାଲାଣ ଟ୍ରକ ଜବତ ହୋଇଥିଲା, ଆଉ ଏହି କାରବାର ପଛରେ ସ ବିକେ ଷ୍ଟିଲ କାରଖାନାର କିଛି ଉଚ୍ଚ ପଦସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ଲୁଟ ହେଉଥିବା ଅଭିଯୋଗ । ବିକେ ଷ୍ଟିଲ କାରଖାନାରେ ଆଇରନ ବୋଝେଇ ଟ୍ରକ ପ୍ରବେଶ କରି ୧୦ ଲକ୍ଷ ଟଙ୍କା ଆତ୍ମସାତ ଉଦ୍ୟମଘଟଣାର ପର୍ଦ୍ଦାଫାଶ କରିଛି ଖୁଣ୍ଟୁଣୀ ପୋଲିସ। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିବା ସହିତ ଟ୍ରକ କୁ ଜବତ କରିଛି। ଗିରଫ ଦୁଇ ଜଣ ହେଲେ ମୟୂରଭଞ୍ଜ ଜିଲ୍ଲାର ପରମେଶ୍ୱର ମହନ୍ତ ଏବଂ ଆଠଗଡ଼ ଥାନା ଅନ୍ତର୍ଗତ କୁଲାଇଲୋ ପଞ୍ଚାୟତ ପାଟଲିଙ୍ଗା ଗ୍ରାମର ସୁରଜ କୁମାର ଦାସ। ଏମାନେ କିଛି ସ୍ଥାନୀୟ ଯୁବକମାନଙ୍କ ସହିତ ଏବଂ କିଛି ବଡ଼ ବଡ଼ ଅଧିକାରୀ ମାନଙ୍କ ସହିତ ମିଶି ଆଇରନ ବୋଝେଇ ଟ୍ରକ ପ୍ରବେଶ ନକରି ଜାଲ କାଗଜ ପତ୍ରରେ ଟଙ୍କା ହଡ଼ପ କରିବା ପାଇଁ ଯୋଜନା କରିଥିଲେ। କାରଖାନା ର ପରିଚାଳକ ସନ୍ତୋଷ କୁମାର ସ୍ୱାଇଁ ଟ୍ରକ ଏଣ୍ଟ୍ରି କରି ନଥିବାରୁ ସୂଚନା ପାଇ ଖୁଣ୍ଟୁଣୀ ଥାନାରେ ୧୦ ନାମରେ ଏତଲା କରିଥିଲେ। ପୋଲିସ ୨୮୭/୨୬ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।ପରେ ଖୁଣ୍ଟୁଣୀ ପୋଲିସ ପକ୍ଷରୁ ପରମେଶ୍ୱର ଏବଂ ସୁରଜ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଧର୍ମଶାଳା ପ୍ରେସ କ୍ଲବରୁ ବାରମ୍ବାର ଚୋରି, ପୁଲିସ ନିଷ୍କ୍ରିୟ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ଜାରକାସ୍ଥିତ ଧର୍ମଶାଳା ପ୍ରେସ କ୍ଲବରୁ ବାରମ୍ବାର ଚୋରି ହେଉଥିଲେ ମଧ୍ୟ ଅଭିଯୋଗ ପାଇ ପୁଲିସ ଚୁପ ହୋଇ ବସୁଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ ଗତ ମାସକ ତଳେ ପ୍ରେସ କ୍ଲବରେ ଲାଗିଥିବା ଦୁଇ ଗୋଟି ଏସିରୁ ଦୁର୍ବୃତମାନେ ତମ୍ବା ପାଇପ କାଟି ନେଇଯାଇଥିଲେ । ଏସମ୍ପର୍କରେ ଧର୍ମଶାଳା ଥାନା ପୁଲିସ ଲିଖିତ ଅଭିଯୋଗ ପାଇ ନାମକୁ ମାତ୍ର ଲୋକଦେଖାଣିଆ ତଦନ୍ତ କରି ଚୁପ ହୋଇ ବସରହିଛି । ମାସକ ପରେ ୧୨ ହଜାର ଟଙ୍କା ଖର୍ଚ୍ଚ କରି ଏସିରେ ପୁଣି ନୁଆ ତମ୍ବାତାର ଓ ଗ୍ୟାସ ଭର୍ତି କରାଯାଇଥିଲା । ହେଲେ ଗତକାଲି ରାତିରେ ପୁଣି ଦୁର୍ବୃତମାନେ ଏସିରେ ଲାଗିଥିବା ନୂତନ ତମ୍ବାତାରକୁ ଚୋରି କରିନେଇଛନ୍ତି । ପୁଲିସ ଏହାକୁ ଅତି ହାଲୁକା ଭାବେ ନେଇ ନିଶାଡିମାନେ ଚୋରି କରିନେଉଛନ୍ତି ବୋଲି କହି ଚୁପ ହୋଇ ବସିରହିଛି । ଧର୍ମଶାଳା ପୁଲିସ ପକ୍ଷରୁ କଡାକଡି ରାତ୍ର ପେଟ୍ରୋଲିଂଗ କରାଯାଉଛି ବୋଲି ବାହାସ୍ଫଟ ମରାଯାଉଥିବା ବେଳେ ପ୍ରକୃତ ପକ୍ଷେ ପୁଲିସ ପକ୍ଷରୁ କୌଣସି ପ୍ରକାର ପେଟ୍ରୋଲିଂ ହେଉନଥିବା ଅଭିଯୋଗ ହେଉଛି ।

# ନାବାଳିକା ଉଦ୍ଧାର, ଅପହରଣକାରୀ ଯୁବକ ଗିରଫ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ଜାରକାସ୍ଥିତ କୁମାରୀ ପଂଚାୟତ ଜାଲସୁଖା ଗ୍ରାମର ଜଣେ ନାବାଳିକାକୁ ଜୈନକ ଯୁବକ ଅପହରଣ କରିନେଇଥିବା ନେଇ ଜୁଲାଇ ମାସରେ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ଧର୍ମଶାଳା ପୁଲିସ ୨୯୬/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ଉଭୟ ନାବାଳିକା ଓ ଅପହରଣକାରୀ ଯୁବକ ସୁଦୂର ତାମିଲନାଡୁରେ ରହିଥିବା ଜଣାପଡିଥିଲା । ତଦନ୍ତକାରୀ ଅଧିକାରୀଙ୍କ ନେତୃତ୍ୱରେ ଏ ପୁଲିସ ଟିମ ସେଠାକୁ ଯାଇ ଉଭୟଙ୍କୁ ଧରି ଆଣିଥିଲା । ଆଜି ଡାକ୍ତରଖାନାରେ ଉଭୟଙ୍କ ଡକ୍ତରୀ ମାଇନା କରାଯାଇ ଅଭିଯୁକ୍ତ ଅପହରଣକାରୀ ଭଦ୍ରକ ଜିଲ୍ଲା ତିହିଡି ଥାନା ବୁଢୁପାଳ ଗ୍ରାମର ଧରମା ମହାଳିକ (୨୫)କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳିକାଙ୍କୁ ମାଜିଷ୍ଟ୍ରେଟଙ୍କ ପାଖରେ ହାଜିର କରାଯାଇ ତାର ବାପା ମାଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଜାରକା ବିଟ ହାଉସ ଅଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଅଭ୍ରାଂଶୁ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# କୃତୀ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ମାନପୁର ତରଫରୁ ସ୍ଥାନୀୟ ଅଞ୍ଚଳର ୩ଜଣ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷକ ଅଶୋକ କୁମାର ଶତପଥୀ ଏବଂ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରମୋଦିନୀ ରାଉତଙ୍କ ସହିତ ସ୍ଥାନୀୟ ବଣ୍ଟରା ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବଟକୃଷ୍ଣ ମଲ୍ଲିକଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ଓ ଶିକ୍ଷକ ମାନଙ୍କ ତରଫରୁ ଉପଢୌକନ ସହିତ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଧବ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱ ରେଏକ ସଭାରେ ନିମନ୍ତ୍ରିତ ଅତିଥିମାନେ ଶିକ୍ଷା ଶିକ୍ଷକଙ୍କ ଗୁଣଗାନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଚିତ୍ତରଞ୍ଜନ ରଥ, ବିଶ୍ୱଜିତ୍ ପ୍ରଧାନ, ଶ୍ରୀମତୀ ଯୁଗଦର୍ଶନୀ ସାହୁଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରତ୍ନାକର ସାମନ୍ତରାୟ ଏବଂ ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ରହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୬୯ ତମ ଆନ୍ତର୍ଜାତିକ ବଧିର ସପ୍ତାହ ପାଳିତ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ବଧିର ସଙ୍ଘ ପକ୍ଷରୁ ୬୯ ତମ ଆନ୍ତର୍ଜାତିକ ବଧିର ସପ୍ତାହ ପାଳିତ ହୋଇଯାଇଛି । ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲ୍ଲା ସଂଘର ଚତୁର୍ଥ ବାର୍ଷିକ ବଧିର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥିଭାବେ ଜଗତସିଂହପୁର ପୌର ପରିଷଦ ପୂର୍ବତନ ଅଧକ୍ଷ ମଧୁ ସୁଦନ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଚତୁର୍ଥ ବାର୍ଷିକ ବଧିର ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ନାଇଜର କୁଳ ସଚିବ ଅଭୟ କୁମାର ନାୟକ, ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର,ରବୀନ୍ଦ୍ର କୁମାର ନାୟକ,ଓଡିଶା ବଧିର ସଂଘ ଉପ ସଭାପତି ମନୋରଞ୍ଜନ ସାମଲ , ସାଧାରଣ



ସମ୍ପାଦିକା ମିନତୀ ଦାସ , ଜଗତସିଂହପୁର ଜିଲ୍ଲା ବଧିର ସଙ୍ଘ ଉପ ସଭାପତି ବିଜୟ ପ୍ରସାଦ ନାୟକ ,ସାଧାରଣ ସମ୍ପାଦକ ଶ୍ରୀନୀକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ ।ବଧିର ମାନଙ୍କୁ କିପରି ସରକାରୀ ସହାୟତା ପ୍ରଦାନ କରାଯିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବ ସେଥି ନିମନ୍ତେ ଯତ୍ନବାନ ହେବାକୁ ଦାବି କରିଥିଲେ ।ଶେଷରେ ଜିଲ୍ଲା, ରାଜ୍ୟ, ଜାତୀୟ, ଆନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା କୃତି ବଧିର ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିବା ସହିତ ପୁରସ୍କୃତ କରିଥିଲେ । ପ୍ରାରମ୍ଭ ରେ ଶତାଧିକ ବଧିର ମାନଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୋଗ ଶିବିର ଏବଂ ସଂସ୍କୃତି ଭାବନରେ ଚିତ୍ରାଙ୍କନ ପ୍ରତିଯୋଗିତା ର ଆୟୋଜନ ପରେ ବଧିର ମାନେ ଶୋଭାଯାତ୍ରା ରେ ବଜାର ପରିକ୍ରମା କରିଥିଲେ ।

# ଓଲଟିଲା ଗୋରୁ ବୋଝେଇ ଭ୍ୟାନ

ବାଙ୍କୀ, (ସବ୍ୟୁ) : କିଛିଦିନର ବ୍ୟବଧାନ ପରେ ଏବେ ଗୋରୁ ମାଫିଆ ମାନେ ସକ୍ରିୟ ହୋଇ ଉଠିଛନ୍ତି। ବାଙ୍କୀ ବ୍ଲକ ର ବିଭିନ୍ନ ଅଞ୍ଚଳ ରୁ ବୁଲା ଗାଈ ଗୋରୁ ଙ୍କୁ ଚୋରି କରି ନେଇ ଦୁର୍ବୃତ୍ତ ମାନେ ଆଠଗଡ ର ତିଗିରିଆ ଅଞ୍ଚଳକୁ ଚାଲାଣ କରୁଛନ୍ତି । କେତେବେଳେ ଟି ବ୍ରିଜ ରେ ଯାଉ ଛନ୍ତି ତ କେତେବେଳେ ଜାତ ମୁଣ୍ଡିଆ ସୁବର୍ଣ୍ଣପୁର ବ୍ରିଜ ରେ ଚାଲାଣ କରିବା ପାଇଁ ଗୁରୁବାର ବିଳମ୍ବିତ ରାତିରେ ବାଙ୍କୀ କଳା ପଥର ରାସ୍ତାରେ ବାଙ୍କୀ ଆଡେ ଯାଉଥିବା ଗୋରୁ ବୋଝେଇ ପିକ ଅପ ଭ୍ୟାନ ଟି ଯୋକୋ ଲାଞ୍ଜୀ ଠାରେ ରାସ୍ତା କଡ଼କୁ ଦୁର୍ଘଟଣା ଗ୍ରସ୍ତ ହୋଇ ପାଣି ଭିତର କୁ ଓଲଟି ପଡିଛି। ପୀକ ଅପ ରେ ନେଉଥିବା ଗୋରୁ ସବୁ ଛିଟିକି ପଡ଼ିଥିଲେ। ଗୋଟିଏ ଗୋରୁ ର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଗୋରୁ ଗୁଡ଼ିକ ଭୟରେ ଏଣେତେଣେ ପଳାଇ ଯାଇଛନ୍ତି । ଗାଡ଼ିଟି ଦୁର୍ଘଟଣା ଘଟିବା ପରେ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଖବର ପାଇ କଳା ପଥର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିଛନ୍ତି। ବାଙ୍କୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଏହି ରାସ୍ତାରେ ରାତ୍ରୀରେ ପାଟ୍ରୋଲିଙ୍ଗ କରା ଗଲେ ଗୋରୁ ମାଫିଆଙ୍କୁ ଧରାଯାଇ ପାରିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ଭାରତ ନିର୍ମାଣ ସେବା କେନ୍ଦ୍ର ପାଲଟିଛି ଭୂତକୋଠି

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଦାୟୀତ୍ୱ ହୀନତା ସର୍ବୋପରି କର୍ତବ୍ୟରେ ଚରମ ଅବହେଳା କାରଣରୁ ଜିଗ୍ନିପୁର ଗ୍ରାମପଂଚାୟତ ଭାରତ ନିର୍ମାଣ ସେବାକେନ୍ଦ୍ର ଏକ ରକମ ଭୂତକୋଠିରେ ପରିଣତ ହୋଇଥିବାର ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟ ଲୋକଙ୍କର କୌଣସି କାମରେ ଆସୁନଥିବା କାରଣରୁ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବିଗତ ନବୀନ ସରକାରଙ୍କ ଶାସନ କାଳରେ ଜିଗ୍ନିପୁର ଗ୍ରାମପଂଚାୟତ ଭାରତ ନିର୍ମାଣ ସେବାକେନ୍ଦ୍ର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଇଥିଲା। ଏହି କାର୍ଯ୍ୟାଳୟ ପରିସରରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏକ ଗ୍ରାହକ ସେବାକେନ୍ଦ୍ର ମଧ ଖୋଲାଯାଇଥିଲା। ଏହି କେନ୍ଦ୍ରଟି ସରକାରୀ କାଗଜକଲମରେ ଚାଲିଥିବାର ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟରେ ଦୀର୍ଘ ଦିନ ହେଲା ତାଲା ଝୁଲୁଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି କାର୍ଯ୍ୟାଳୟ ଓ ଗ୍ରାହକସେବା କେନ୍ଦ୍ର ନିମନ୍ତେ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। କିନ୍ତୁ ଏହା କୌଣସି କାମରେ ଆସୁନଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଏହି ଗ୍ରାହକ ସେବା କେନ୍ଦ୍ରକୁ ଲୋକେ ଆସି ଉପଯୁକ୍ତ ସେବା ପାଇନପାରି ନିରାଶରେ ଫେରିବାକୁ ବାଧ ହେଉଛନ୍ତି। ଏହି ସେବାକେନ୍ଦ୍ର ପରିସରରେ ପଂଚାୟତର ବିଭିନ୍ନ ଆସବାପତ୍ର ରଖାଯାଇଥିଲା ବେଳେ ଏହାର ରକ୍ଷଣା ବେକ୍ଷଣା ଅଭାବରୁ ଏହାର ଚତୁପାର୍ଶ୍ୱରେ ଅନାବନା ଗଛଲତା ମାଡି ଯାଇଛି। ଏହି କାର୍ଯ୍ୟାଳୟ ପରିସରରେ ବିଭିନ୍ନ ବିଷାକ୍ତ ସରିସୃପମାନେ ନିର୍ଭୟରେ ବସବାସ କରୁଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ସରକାର ଏହି ଗୃହ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଥିଲା ବେଳେ ଏହା କାର୍ଯ୍ୟରେ ନଆସି ତାଲା ପଡିରହିବା କେତେଦୂର ସମୀଚୀନ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଢ଼ସଂର ଗ୍ରାମରେ ଡକାୟତି

# ନଗଦ ଲକ୍ଷାଧିକ ଟଙ୍କା, ଅଳଙ୍କାର ଲୁଟି ନେଲେ

ବାଙ୍କୀ, (ସବ୍ୟୁ) : ଗୁରୁବାର ଦିନ ବିଳମ୍ବିତ ରାତିରେ ବାଙ୍କୀ ଥାନା ଅନ୍ତର୍ଗତ ଢ଼ସଂର ଗ୍ରାମ ର ହାଇ ସ୍କୁଲ ନିକଟରେ ରହୁଥିବା ଚିତ୍ତରଞ୍ଜନ ସାହୁ ନାମକ ବ୍ୟକ୍ତି ଙ୍କ ଘରୁ ଚୋରି ହୋଇଯାଇଛି। କଳା କନା ବୁଲାଇ ଦେଇଛନ୍ତି ଚୋର । ରାତିର ପରିବାର ର ସମସ୍ତେ ଶୋଇଥିବା ଅବସ୍ଥାରେ ଘର ଭିତରେ ଥିବା ବାଇକ , ନେବା ସହ ଆଲମାରୀ ଭାଙ୍ଗି ନଗଦ ସାଢେ ଚାରି ଲକ୍ଷ ଟଙ୍କା, ବହୁ ସୁନା ଗହଣା ଓ ଅଳଙ୍କାର ଲୁଟି ନେଇ ଥିବାର ବାଙ୍କୀ ଥାନା ରେ ଅଭିଯୋଗ କରିଛନ୍ତି ଚିତ୍ତରଞ୍ଜନ ସାହୁ। ଶ୍ରୀ ସାହୁ ଜଣେ ବ୍ୟବସାୟୀ ହୋଇ ଥିବା ରୁ ତାଙ୍କୁ ଚୋର ମାନେ ଟାର୍ଗେଟ କରି ସମସ୍ତ ଜିନିଷ ଲୁଟି ନେଇଛନ୍ତି। ବାଙ୍କୀ ଥାନା କେଶ ନମ୍ବର୍ ୪୮୨/୨୦୨୬ ରେ ପୋଲିସ ମୋକଦମା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରି ଥିବା ବେଳେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଗୋଚର ଜମି ଜାଲିଆତି : ଗ୍ରାମବାସୀଙ୍କ ଅନଶନ ଚେତାବନୀ

ରାଜକନିକା, (ସବ୍ୟୁ) : ରାଜକନିକା ତହସିଲ ଅଞ୍ଚଳରେ ମାତ୍ରାଧିକ ଜମି ଜାଲିଆତି ଦୁର୍ନୀତି ଘଟଣା ଦିନକୁ ଦିନ ଏହାର ଚେର ଲମି ଲମି ଯାଉଥିବା ବେଳେ, ଏଠାରେ ବହୁ ସଂଖ୍ୟାର ଦଲାଲ ସକ୍ରିୟ ହୋଇ ଉଠିଥିବା ଏବଂ ଏହା ପଛରେ ଏକ ବଡ଼ ରଣର ରାକେଟ କାମ କରୁଥିବା ନେଇ ଶୁକ୍ରବାର ଅପରାହ୍ନରେ ଆରସା ଗ୍ରାମବାସୀ ସମାଦିକ ସମ୍ମିଳନୀ କରି ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ ରାଜକନିକା ବ୍ଲକ ବାଘବୁଦା ପଞ୍ଚାୟତ ଆରସା ଗାଁର ଥିବା ଏକ ଗୋଚର କିସମ ଜମିକୁ ଚଞ୍ଚକତା ପୂର୍ବକ ଜନୈକ ବ୍ୟକ୍ତି ନିଜ ନାମକୁ କରିନେଇଥିବା ଘଟଣା ଗ୍ରାମବାସୀଙ୍କୁ ବ୍ୟଥିତ କରିଛି ।ଆରସା ମୌଜାର ଏକ ସରକାରୀ ଗୋଚର ଜମି ପ୍ଲଟ ନଂ ୩୩୩/୨୨ରେ ଥିବା ୯୬ ଡ଼ି. କୁ ବିଭକ୍ତି କରି ୨୧ଡ଼ି ୧୦ଡ଼ି ୨୭ଡ଼ି ୩୩ଡ଼ି ୫ଡ଼ି ଏମିତି ଭାବେ ୫ ଭାଗରେ ଶାରଦ ଦୁଇ ଭାବେ ଜନୈକ ବ୍ୟକ୍ତି ତାଙ୍କ ନାମରେ ହାତେଇଥିବା ସାମାଦିକ ସମ୍ମିଳନୀ କରି ଗ୍ରମବାସୀ କହିଛନ୍ତି ।ସେମାନେ କହିଛନ୍ତି ଗାଁର ଏହି ସରକାରୀ ଗୋଚର ଜମିକୁ କେମିତି ଶାରଦ ଦୁଇ ଏବଂ ନିଜସ ନାମକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।ଏ ସମ୍ପର୍କରେ କନିକା ତହସିଲଦାରଙ୍କ ଠାରୁ କେନ୍ଦ୍ରାପଡା ଜିଲ୍ଲାପାଳ ଏବଂ ରାଜକନିକା ବ୍ଲକ ପରିସରରେ ଅନୁଷ୍ଠିତ ଜନ ଶୁଣାଣିରେ ଚାରି ଚାରିଥର ଅଭିଯୋଗ କରି ମଧ କୌଣସି ସୁଫଳ ମିଳିପାରୁନାହିଁ । ଯଦି ଆମ ଗ୍ରାମବାସୀଙ୍କୁ ନ୍ୟାୟ ନ ମିଳେ, ତେବେ ବାଧହୋଇ ସମସ୍ତ ଗ୍ରାମବାସୀ କନିକା ତହସିଲ ସମ୍ମୁଖରେ ଅନଶନ କରିବେ ବୋଲି ଗାଁର ରବିନାରାୟଣ ରାଉତ, ଗୌରହରୀ ସାମଲ, ବିଜୟ କୁମାର ନାୟକ, ଲକ୍ଷ୍ମଣ ସାହୁ, ବାପୁଜୀ ବେହେରା, ଅକ୍ଷି ପ୍ରସାଦ ବେହେରା, ନିରଞ୍ଜନ ବେହେରା, କୀର୍ତ୍ତନ ଥାଟୋଇ, ବଳରାମ ବେହେରା, ସୋମନାଥ ସାହୁ, ଜନ୍ଦ୍ରମଣୀ ସାହୁ, ବିରଞ୍ଚି ବେହେରା, ବିଜୟ କୁମାର ବେହେରା, ହରିହର ବେହେରା ଓ ଦିଲ୍ଲୀପ କୁମାର ସାମଲଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ପାର୍ବଣରେ,ନିମାପଡ଼ା ବଜାର ରାସ୍ତା ଅବସ୍ଥା ବେହାଲ

ନିମାପଡ଼ା,(ସବ୍ୟୁ): ଆଗକୁ ଆସୁଛି ଗୋଟିଏ ପରେ ଗୋଟିଏ ପୂଜା । ପୂଜା ପାଇଁ ବିଭିନ୍ନ ପୂଜା କମିଟି ସକ୍ରିୟ ହୋଇ କାର୍ଯ୍ୟ ଆରମ୍ଭ କରିଦେଲେଣି। କିନ୍ତୁ ନିମାପଡ଼ା ଏନ ଏସି ବଜାରରେ ପୂଜା ମାହୋଲକୁ ଖରାପ କରୁଛି ବଜାର ଭିତରେ ଥିବା ମୁଖ୍ୟରାସ୍ତା ଗୁଡ଼ିକ ବୋଲି କୁହାଯାଉଛି । ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ନିମାପଡ଼ା ବଜାରର କେତେକ ସ୍ଥାନରେ ରାସ୍ତା ଅବସ୍ଥା ଏଭଳି ଖାଲଖମା ହୋଇଛି ଯେ ଲୋକେ ତ୍ରାହି ତ୍ରାହି ଡାକ ଛାଡୁଛନ୍ତି। ଜୟଶ୍ରୀ ଛକ ଠାରୁ ଓମଫେଡ ଓ ରବୀନ୍ଦ୍ର କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ସାରା ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ସେହିପରି ବ୍ଲକ ଛକ ଠାରୁ ଶିଶୁ ଉଦ୍ୟାନ ସମ୍ମୁଖ ରାସ୍ତାରେ ସମାନ ଅବସ୍ଥା ରହିଛି । ନୂଆ ଡ୍ରେନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବାରୁ ବର୍ଷା ଜଳ ନିଷ୍କାସିତ ହୋଇନପାରି ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ପୂର୍ଣ୍ଣ ହୋଇ ରହିଥିବାରୁ ରାସ୍ତାରେ ଯାଉଥିବା ଲୋକେ



ଓ ଯାନବାହାନ ଚାଳକଙ୍କୁ ଖାଲ ଦୃଶ୍ୟ ମାନ ହେଉନାହିଁ। ସେହି ରାସ୍ତାରେ ବିଭିନ୍ନ ଯାନବାହନ ଚଳା ଚଳ କରିବା ବେଳେ ଗାଡି ଖାଲରେ ପଡ଼ି ଯାଉଥିବା ବେଳେ ବାଇକ ଆରୋହୀ ଖାଲରେ ପଡି ଆହତ ହେଉଛନ୍ତି। ସ୍କୁଲ ଓ କଲେଜ ପିଲା ଉକ୍ତ ରାସ୍ତାଦେଇ ସ୍କୁଲ କଲେଜ ଯିବାକୁ ଅମଙ୍ଗ ହେଉଛନ୍ତି। ଖାଲ ଗୁଡ଼ିକୁ ପୋତିବା ପାଇଁ ମଝିରେ ମଝିରେ ଡଷ୍ଟ ପକାଯାଉ ଥିଲେ ମଧ ବର୍ଷା ହେଲେ ଦିନେ ଦୁଇଦିନ ମଧ୍ୟରେ ତାହା ଧୋଇଯାଇ ପୁଣି ପୂର୍ବ ପରି ଅବସ୍ଥା ଦେଖିବାକୁ ମିଳୁଛି। ଗଣେଶ , ବିଶ୍ୱକର୍ମା, ଗଜ ଲକ୍ଷ୍ମୀ, ଦଶହରା ଦେବୀ ଓ ଦୀପାବଳି କାଳୀ ପୂଜା ଆଗକୁ ଆସୁଥିବାରୁ ବିଭିନ୍ନ ପୂଜା ମଣ୍ଡପ ଗୁଡ଼ିକରେ ଲୋକଙ୍କ ଗହଳି ହୋଇଥାଏ। ଯଦି ବଜାରରେ ରାସ୍ତା ଅବସ୍ଥା ଏଭଳି ରୁହେ ତେବେ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନପାରେ। ଏଥିପ୍ରତି ଏନଏସି ପ୍ରଶାସନ, ପୂର୍ତ୍ତ ବିଭାଗ ଅଧିକାରୀ ଦୃଷ୍ଟିଦେଇ ଉକ୍ତ ରାସ୍ତା ମରାମତି କରିବାକୁ ଦାବୀ ହେଉଛି।

# ସାମ୍ବାଦିକ ପ୍ରମୋଦ ଦାସଙ୍କ ଅକାଳ ବିୟୋଗ

ଅସ୍ତରଙ୍ଗ, (ସବ୍ୟୁ):ଅସ୍ତରଙ୍ଗ ଅଞ୍ଚଳର ଜଣେ ଧର୍ମ ପରାୟଣ ଓ ମିଷ୍ଟ ଭାଷୀ ଦୈନିକ ଖବରକାଗଜ ନିର୍ଭୟ ର ସାମ୍ବାଦିକ ପ୍ରମୋଦ କୁମାର ଦାସଙ୍କ (୬୫) ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ପୂର୍ବରୁ ଅସ୍ତରଙ୍ଗ ଅଗ୍ରଣୀ ଅନୁଷ୍ଠାନ ମା ଲକ୍ଷ୍ମୀ କ୍ଲବ ର ସଭାପତି ଭାବେ ସୁରୁ ଦାୟିତ୍ୱ ସମ୍ପାଦନ । କରିଥିଲେ। ସେ ହୃଦ ରୋଗ ଓ କୀଡ଼ନୀ ଜନିତ ସମସ୍ୟାର ପୀଡ଼ିତ ଥିଲେ । ଶୁକ୍ରବାର ରାତ୍ର ୧୨ ଘଂଟିକା ସମୟରେ ଭୁବନେଶ୍ୱର ସ୍ଥିତ ସମ ହସ୍ପିଟାଲ ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଖବର ପାଇ ପୁରୀ



ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ତାଙ୍କ ଅସ୍ତରଙ୍ଗ ସ୍ଥିତ ବାସଭବନ ଯାଇ ଶେଷ ଦର୍ଶନ କରିବା ସହିତ ଅସ୍ତରଙ୍ଗ ମାଟି ଜଣେ ଦକ୍ଷ ସାମ୍ବାଦିକ ହରାଇଲା ବୋଲି କହିଥିଲେ । ତାଙ୍କ ପରଲୋକରେ ସାମ୍ବାଦିକ ସଙ୍ଘ ର ସଦସ୍ୟ, ରାଜନେତା, ବୁଦ୍ଧିଜୀବୀ, ମାଆ ଲକ୍ଷ୍ମୀ କ୍ଲବ ର ସଦସ୍ୟ ବୃନ୍ଦ, ଅଞ୍ଚଳବାସୀ, ବନ୍ଧୁ ପରିଜନ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର କୁ ସମବେଦନା ଜଣାଇଛନ୍ତି। ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି । ସ୍ୱର୍ଗ ଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ମୁଖାଗ୍ନି ଦେଇଥିଲେ ।

# ନିମାପଡା ଏନ୍ଏସିରେ ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଓ ଶିଳାନ୍ୟାସ

ନିମାପଡା,(ସବ୍ୟୁ): ଆଜି ବ୍ଲକ ଛକ ଠାରେ ନିମାପଡା ଏନ୍ଏସିର ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଓ ଶିଳାନ୍ୟାସ ଉତ୍ସବ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ସ୍ୱଚ୍ଛଭାରତ ଅଭିଯାନରେ ନିମାପଡା ବ୍ଲକର ୩୨ ଟି ପଂଚାୟତକୁ , ଏନ୍ଏସିର ବର୍ଜ୍ୟବସ୍ତୁ ପ୍ଲାଣ୍ଟକୁ ଆଣିବା ପାଇଁ ବର୍ଜ୍ୟବସ୍ତୁ ବୁହା ଯାନର ଉଦଘାଟନ,ଏନ୍ଏସି ଅଂଚଳରେ ଥିବା ଡ୍ରେନ ଓ ନାଳ ସଫେଇ ପାଇଁ ନାଳ ସଫେଇ ଯାନର ଉଦଘାଟନ,ଏନ୍ଏସି ଅଂଚଳର ବିଭିନ୍ନ ସ୍ଥାନରେ ୨୯ ଟି ନୂତନ ହାଇମାଷ୍ଟ ଲାଇଟର ଉଦ୍ଘାଟନ ହୋଇଯାଇଛି । ସେହିପରି ଜୟଶ୍ରୀ ଛକ ଠାରେ ଟ୍ରାଫିକ ପୋଷ୍ଟ ପାଇଁ ଶୌଚାଳୟ,ଜଳ ଟାୱାର ନିର୍ମାଣ ପାଇଁ ଶିଳାନ୍ୟାସ,ବିଦ୍ୟୁତ ଚାଳିତ ଯାନର ଚାର୍ଜିଂଷ୍ଟେସନ ନିର୍ମାଣ ପାଇଁ ଶିଳାନ୍ୟାସ,୧ ନଂ ୱାର୍ଡର କିଆକଂଟା ଠାରେ ୧୦୦ ଗାଈଙ୍କ ପାଇଁ ଗୋଶାଳା ନିର୍ମାଣ,୬ନଂ ୱାର୍ଡରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଯୋଗ ଓ ଧ୍ୟାନ କେନ୍ଦ୍ର ନିର୍ମାଣ,ଏନଏସି ଅଂଚଳରେ ୩ଟି ପାନୀୟ ଜଳ କିଓସ୍କ ନିର୍ମାଣ ନିମନ୍ତେ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ



ଶ୍ରୀମତୀ ପରିଡା ଯୋଗଦେଇ ଏହି ପ୍ରକଳ୍ପ ଗୁଡିକର ଉଦ୍ଘାଟନ ଓ ଶିଳାନ୍ୟାସ କରିଥିଲେ । ସମ୍ମାନୀତ ଅତିଥି ଭାବେ ଉପନଗରପାଳ ସନ୍ତୋଷ ଦାଶ,ସାଂସଦଙ୍କ ଏନ୍ଏସି ପ୍ରତିନିଧି ମୀନଲତା ମହାନ୍ତି,ଯତୀନ୍ଦ୍ର ସ୍ୱାଇଁ,କାଉନସିଲର ନିରଂଜନ ନାୟକ,ପୂର୍ବତନ କାଉନସିଲର ବ୍ରଜେନ୍ଦ୍ର ପ୍ରଧାନ,ବିଡିଓ ଡଃ. ଅଭିଜିତ ଷଡଙ୍ଗୀ,ଅତିରିକ୍ତ ତହସିଲଦାର କେ ଭେଙ୍କଟେଶ୍ୱର ରାଓ,ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ ଉକ୍ତ ଦିନ ଘରର ଚଉରାମୂଳ ଏବଂ ଦେବାଳୟରେ ଦୀପ ଜାଳି ଅର୍ଶୀବାଦ ସଂକଳ୍ପ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଉପମୁଖଯମନ୍ତ୍ରୀ ଶ୍ରୀମତୀ ପରିଡା ନିମାପଡା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

# ପଠାଣି ସାମନ୍ତ ମହାବିଦ୍ୟାଳୟରେ ନାରୀ ସୁରକ୍ଷା ସଚେତନତା

ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରଆନୁକୂଲ୍ୟରେ ନାରୀ ସୁରକ୍ଷା ସଂପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାଯାଇଛି। ମହାବିଦ୍ୟାଳୟର ସଭାଗୃହରେ ଅଧକ୍ଷା ଡଃ ସଚ୍ଚ ସଲୀଳା ମହାପାତ୍ର ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବାର ଆସୋସିଏସନର ସାଧାରଣ ସମ୍ପାଦକ ତଥ । ନୋଟାରୀ ବିକ୍ରମ କେଶରୀ ଦେଓ ଆଧାର ପୁରୁଷ ଭାବେ ଯୋଗଦେଇ ନାରୀ ସୁରକ୍ଷା ଆଇନର ବିଭିନ୍ନ ଦିଗ ଓ ଧାରା ସହ ଅଧିକାର, କର୍ତ୍ତବ୍ୟ ସଂପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ଅଧାପକ ଭାଗିରଥୀ ମହାରଣା ଅଧ୍ୟୟନ ରଣା ଛାତ୍ରୀମାନେ ଏସଂପର୍କରେ ସଚେତନ ରହିଲେ ଭବିଷ୍ୟତରେ ସେମାନେ କୌଣସି ଅସୁବିଧାର ସମ୍ମୁଖୀନ ନହେବା ସହ ନିଜର ନିରାପତ୍ତା ସୁରକ୍ଷିତ ରହିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶକ୍ତି ଶ୍ରୀ ସଶକ୍ତିକରଣ କେନ୍ଦ୍ରର ସଂଯୋଜିକା ଅଧାପିକା ଇତିଶ୍ରୀ ବେହେରା ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମହାବିଦ୍ୟାଳୟର ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବା ଜଣାଯାଇଛି।

# ୧୪ ଠାରୁ ଜଙ୍କିଆ ପଲ୍ଲୀ ଉତ୍ସବ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ସ୍ଥିତ ବାଲିଗାଡ଼ିଆ ବାସନ୍ତୀ କ୍ଲବ ପରିସରରେ 'ଜଙ୍କିଆ ପଲ୍ଲୀ ଉତ୍ସବ-୨୦୨୬' ପାଇଁ ଏକ ପ୍ରସ୍ତୁତି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ଜଙ୍କିଆ ପଲ୍ଲୀ ଉତ୍ସବର ସଭାପତି କୃଷ୍ଣ ଚନ୍ଦ୍ର ନରେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ, ଉପସ୍ଥାପକ କମଲେଶ ମହାରଣା ଓ ବରିଷ୍ଠ ଉପଦେଷ୍ଟା ସୁରେନ୍ଦ୍ର ନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ।ଓଁ ଶ୍ରୀ ଗ୍ରୁପ ଗଣେଶ ପୂଜା କମିଟି, ବାଲିଗାଡ଼ିଆ, ଜଙ୍କିଆ, ଖୋର୍ଦ୍ଧାଙ୍କ ଆୟୋଜନରେ ପବିତ୍ର ଗଣେଶ ପୂଜା ଉପଲକ୍ଷେ ଆସନ୍ତା ଇଂରାଜୀ ସେପ୍ଟେମ୍ବର ୧୪ ତାରିଖ (ସୋମବାର) ଠାରୁ ସେପ୍ଟେମ୍ବର ୨୦ ତାରିଖ (ରବିବାର) ପର୍ଯ୍ୟନ୍ତ ବାଲିଗାଡ଼ିଆ ବାସନ୍ତୀ କ୍ଲବ ପଡ଼ିଆରେ ଜଙ୍କିଆ ପଲ୍ଲୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେବ।ସେପ୍ଟେମ୍ବର ୧୪ ତାରିଖ ସକାଳ ୯ ଘଟିକାରେ ଗଣେଶ ପୂଜା ଏବଂ ଦିବା ୧୦ ଘଟିକାରେ ପୁଷ୍ପାଞ୍ଜଳି ଅନୁଷ୍ଠିତ ହେବ। ସେହିପରି ସେପ୍ଟେମ୍ବର ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟା ୭ ଘଟିକାରୁ ରାତି ୧୦ ଘଟିକା ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେପ୍ଟେମ୍ବର ୧୬ ତାରିଖ (ବୁଧବାର) ଦିନ ଭାସାଣୀ ଉତ୍ସବ ସମ୍ପନ୍ନ ହେବ।ଏହି ମହୋତ୍ସବରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ନାମୀଦାମୀ ସାଂସ୍କୃତିକ ଅନୁଷ୍ଠାନ ଓ କଳାକାରମାନଙ୍କ ଦ୍ୱାରା ସୁପର ମୀନାବଜାର ଏବଂ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏଥିରେ ବିଭିନ୍ନ ଦିବସରେ ବହୁ ରାଜନେତା, ପ୍ରଶାସକ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ଭୁବନେଶ୍ୱର,ଗୋଟିପୁଅ ନୃତ୍ୟ ପୁରୀ,ଘୁମୁରା ନୃତ୍ୟ କଳାହାଣ୍ଡି,କ୍ରିଏଟିଭ ଡ୍ୟାନ୍ସ କଲିକତା,କଣ୍ଟେମ୍ପରାରୀ ଡ୍ୟାନ୍ସ କଟକ,ଛଉ ନୃତ୍ୟ (ଓଡ଼ିଶା) ବାରିପଦା,ପୁରୁଲିଆ ଛଉ ନୃତ୍ୟ କଳାହାଣ୍ଡି,ସଂକୀର୍ତ୍ତନ ପୁରୀ,ମାଲଖମ୍ବ ପୁରୀ, ଢୁଲ୍ଲୁଲି ସମ୍ବଲପୁର,ମାହାରୀ ନୃତ୍ୟ ପୁରୀ, ସମ୍ବଲପୁରୀ ନୃତ୍ୟ ସମ୍ବଲପୁର,ଦଣ୍ଡ ନୃତ୍ୟ ଖୋର୍ଦ୍ଧା,ପାଇକ ଆଖଡ଼ା ଖୋର୍ଦ୍ଧା,ରାମଲୀଳା ନୟାଗଡ଼,ଯୋଡ଼ିଶଙ୍ଖ ଗଞ୍ଜାମ,ମେକ ନୃତ୍ୟ ପୁରୀ,ରଣପା ନୃତ୍ୟ ଗଞ୍ଜାମ,ଦାସକାଠିଆ କଟକ ଓ ବାଣାଟି ପୁରୀ ଏହି ଅନୁଷ୍ଠାନର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ରହିଛି।ଏହି ପାରମ୍ପରିକ ତଥା ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ଆୟୋଜକ କମିଟିକୁ ଉତ୍ସାହିତ କରିବା ପାଇଁ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କୁ ଆମନ୍ତ୍ରଣ କରାଯାଇଛି।

# ନିମ୍ନମାନର କାମ : ୧୨ଘଣ୍ଟା ନପୂରୁଣୁ ଭୁଶୁଡ଼ିଲା ଘରର ଛାତ

ନିମାପଡା, (ସବ୍ୟୁ):: ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତ ସରକାରୀ କଲ୍ୟାଣ ମଣ୍ଡପ ସଲଗ୍ନରେ ନିର୍ମାଣ ହେଉଥିବା ଏକ ଗୃହର ଛାତ ପଡ଼ିବାର ୧୨ଘଣ୍ଟା ନ ପୂରୁଣୁ ରାତିରେ ତାହା ଭୁଶୁଡି ପଡ଼ିଛି। ଉକ୍ତ ଗୃହ ନିର୍ମାଣ ପାଇଁ ବ୍ଲକ ଉନ୍ନୟନ ପାଣ୍ଠିରୁ ୧୦ ଲକ୍ଷ ରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିବା ଜଣାପଡିଛି। ଗୃହର ଛାତ ପଡ଼ିବା ସମୟରେ ବ୍ଲକର କୌଣସି ଯନ୍ତ୍ରୀ ଉପସ୍ଥିତ ନ ଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଛାତ ପଡ଼ିବାର ୧୨ ଘଣ୍ଟା ନ ପୁରୁଣୁ ତାହା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ସ୍ଥାନୀୟ ଗ୍ରାମବାସୀମାନେ ଅଭିଯୋଗ କରିଥିବା ବେଳେ ଛାତ ଭୁଶୁଡିବା ପଛରେ କୌଣସି ଖଳ ପ୍ରକୃତିର ଲୋକଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି ଏବଂ ଏହାର ତଦନ୍ତ ପରେ ସତ୍ୟା ସତ୍ୟ ଜଣା ପଡିବ ବୋଲି ବିଡିଓ ଡ଼ଃ. ଅଭିଜିତ ଷଡ଼ଙ୍ଗୀ ଏହା କହିଛନ୍ତି । ତେବେ ଛାତ ଭୁଶୁଡିବା ଘଟଣାକୁ ନେଇ ଗ୍ରାମବାସୀ ଘୋର ଅସନ୍ତୋଷ ପ୍ରକାଶ କରିବା ସହ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏଠାରେ ସୁଚନାଯୋଗ୍ୟ କି, ଗତ କିଛିଦିନ ତଳେ ପୂର୍ତ୍ତ ଭାଗ ନିମାପଡା - ବଳଙ୍ଗା ରାସ୍ତାରେ ଏକ ନାଳ ଉପରେ ବ୍ରିଜ ଛାତ ପଡ଼ିବାର ୨୪ ଘଣ୍ଟା ନ ପୂରୁଣୁ ଭୁଶୁଡିଥିବା ବେଳେ ଗତକାଲି ଏହି ନୂତନ ଗୃହର ଛାତଟି ୧୨ ଘଣ୍ଟା ନପୂରୁଣୁ ଭୁଶୁଡିବା। ଘଟଣା ନିମାପଡା ଅଂଚଳରେ ହେଉଥିବା ବିଭିନ୍ନ ସରକାରୀ ଉନ୍ନୟନ ମୂଳକ କାର୍ଯ୍ୟର ମାନକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇବା ସହିତ ଚର୍ଚ୍ଚାର ବିଷୟ ପାଲଟିଛି।

# ନରଣଗଡ଼ଠାରେ 'ଆପଦା ମିତ୍ର' କିଶୋରୀ ବାଳିକା ପ୍ରଶିକ୍ଷଣ ଶିବିର

ନିରାକାରପୁର ,(ସବ୍ୟୁ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନରଣଗଡ଼ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ତରଫରୁ ଏକ ଦୁଇଦିନିଆ 'ଆପଦା ମିତ୍ର' ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ନରଣଗଡ଼ ଓ ଓରବରସିଂହ ଗ୍ରାମପଞ୍ଚାୟତର କିଶୋରୀ ବାଳିକାମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ଓ ଜରୁରୀକାଳୀନ ଉଦ୍ଧାର କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି।ସ୍ଥାନୀୟ ସରପଞ୍ଚ ମିତାରାଣୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସମାଜସେବୀ କାଳୁ ଚରଣ ବଳିୟାରସିଂହ, କୈଳାସ ବଳିୟାରସିଂହ, ଅବକାଶ ମହାନ୍ତି, ସମିତି ସଭ୍ୟା ଶାନ୍ତିଲତା ବେହେରା ଓ ପିଓ ପ୍ରମୋଦ ନାୟକ ପ୍ରମୁଖ ଯୋଗଦେଇଥିଲେ।ବିପର୍ଯ୍ୟୟ ସମୟରେ କିଶୋରୀ ବାଳିକାମାନେ କିପରି ଆଗଧାଡ଼ିର ଯୋଦ୍ଧା ସାଜି ନିଜକୁ ଓ ନିଜ ସମାଜକୁ ସୁରକ୍ଷିତ ରଖିପାରିବେ, ସେ ନେଇ ଅତିଥିମାନେ ଆଲୋକପାତ କରିବା ସହ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ କିଶୋରୀମାନଙ୍କୁ ପ୍ରାଥମିକ ଚିକିତ୍ସା, ବିପଦ ସମୟରେ ସ୍ଥାନାନ୍ତର ଓ ଜରୁରୀକାଳୀନ ପରିସ୍ଥିତିର ମୋକାବିଲା ସମ୍ପର୍କରେ ବ୍ୟାବହାରିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

# ଆରଟିଆଇରେ ତଥ୍ୟ ମିଳୁନି
# ପ୍ରଶାସନିକ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ

କଣ୍ଟାପଡା, (ସବ୍ୟୁ): କଣ୍ଟାପଡା ବ୍ଲକରେ ଚାଲିଥିବା ଏକାଧିକ ସରକାରୀ ପ୍ରକଳ୍ପ, ଯୋଜନା ଓ କାର୍ଯ୍ୟାନ୍ୱୟନ ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲା ମାତ୍ର ସମ୍ପୃକ୍ତ ଅଧିକାରୀ ମଗାଯାଇଥିବା ସୂଚନା ଦେଉନଥିବା ଗୁରୁତର ଅଭିଯୋଗ ହୋଇଛି। ଏପରିକି ମାସ ମାସ ଧରି ସମୟ ଗଡ଼ିଚାଲିଥିଲେ ବି ଜନ ସୂଚନା ଅଧିକାରୀ କାଳକ୍ଷେପଣ ନୀତି ଅବଲମ୍ବନ ପୂର୍ବକ ତଥ୍ୟ ପ୍ରଦାନ କରୁନାହାନ୍ତି। ସୂଚନା ଅଧିକାର କର୍ମୀ ଗୁରୁପ୍ରସାଦ ମହାପାତ୍ର କଣ୍ଟାପଡା ବ୍ଲକରେ ଚାଲିଥିବା କେତେକ ଜନ କଲାଣମୂଳକ କାମ, ଶିକ୍ଷା ଓ **ସ୍ୱାସ୍ଥ୍ୟ** ବିଷୟରେ ଜାଣିବା ପାଇଁ ସୂଚନା ଅଧିକାର ଆଇନ ମାଧ୍ୟମରେ ତଥ୍ୟ ମାଗିଥିଲେ। ମାତ୍ର ଆବେଦନର ୩/୪ ମାସ ପରେ ବି ତାଙ୍କୁ ଗୋଟିଏ ହେଲେ ସୂଚନା ଦିଆଯାଇନାହିଁ। ବ୍ଲକ ଅଧିକାରୀ, କର୍ମଚାରୀ ଓ ଯନ୍ତ୍ରୀମାନେ ବିଭିନ୍ନ ବିଭାଗ ଦାୟିତ୍ୱରେ କାର୍ଯ୍ୟ କରୁଥିଲାବେଳେ ମଗାଯାଇଥିବା ତଥ୍ୟ କାହିଁକି ପ୍ରଦାନ କରୁନାହାନ୍ତି ତାହା ସେମାନଙ୍କ କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନ ଛିଡ଼ା କରିଛି। ଅନ୍ୟପକ୍ଷରେ ସୂଚନା ଅଧିକାରୀ ନିୟମ ଅନୁସାରେ ତଥ୍ୟର ଗୁରୁତ୍ୱ ତଥା ପ୍ରକାର ଭେଦ ଅନୁଯାୟୀ ଆବେଦନକାରୀଙ୍କୁ ୧୦ରୁ ଦୁଇ ମାସ ମଧରେ ସୂଚନା ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ସେହିପରି ନିର୍ଦ୍ଧାରିତ ସମୟରେ ତଥ୍ୟ ନମିଳିଲେ ଏ କ୍ଷେତ୍ରରେ ଜୋରିମାନା ଦେବାର ମଧ ନିୟମ ରହିଛି। କିନ୍ତୁ କଣ୍ଟାପଡା ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷିରେ ବ୍ଲକରେ ଚାଲିଥିବା ସରକାରୀ କାର୍ଯ୍ୟ ଆଦୌଁ ସନ୍ତୋଷଜନକ ନୁହେଁ ବୋଲି ଏଥିରୁ ପ୍ରତୀୟମାନ ହେଉଛି। ଉପରିସ୍ଥ ଅଧିକାରୀଗଣ ଏଥିପ୍ରତି ଦୃଷ୍ଟି ଦେବା ସହିତ ସୂଚନା ଅଧିକାର ଆଇନ ଭଳି ଏକ ଯୁଗାନ୍ତକାରୀ ପଦକ୍ଷେପରେ ଚାଲିଥିବା ଅନିୟମିତା ପ୍ରତି ସତର୍କ ରହିବାକୁ ସାଧାରଣରେ ଦାବି ହେଉଛି।

# ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ସ୍ଥାପନା ଦିବସ

ସାକ୍ଷୀଗୋପାଳ, (ସବ୍ୟୁ):ଶିକ୍ଷା ମନୁଷ୍ୟର ଜନ୍ମଗତ ଅଧିକାର ଅଟେ ଏବଂ ଏହି ଶିକ୍ଷା ସମସ୍ତ ଜ୍ଞାନପିପାସୁଙ୍କ ପାଇଁ ଉପଲବ୍ଧ କରାଇବାର ଉଦ୍ଦେଶ୍ୟ ନେଇ ଅଭ୍ୟୁଦୟ ହୋଇଥିଲା ପ୍ରତ୍ୟେକ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର। ସେହି ବର୍ଷ ଠାରୁ ପ୍ରତ୍ୟେକ ବର୍ଷ ପାଳିତ ହୁଏ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍ଥାପନ ଦିବସ। ଏହି ଦିନ ଉପଲକ୍ଷେ ଶିକ୍ଷାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥାଏ। ଚଳିତ ବର୍ଷ ମଧ୍ୟ ସେହିପରି ସତ୍ୟବାଦୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ସ୍ଥାପନା ଦିବସ ସ୍ୱାର୍କର ଆୟୋଜନ ହୋଇଯାଇଅଛି। ବିଦ୍ୟାଳୟର ଅଧକ୍ଷ ବିଶ୍ୱନାଥ ପାଢ଼ୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର। ଏତଦ ବ୍ୟତୀତ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଦରାଜ ଉମାକାନ୍ତ ନାୟକ ତଥା ପୁରୀ ଜିଲ୍ଲା ଆଦର୍ଶ ବିଦ୍ୟାଳୟର ନୋଡାଲ ଅଧକ୍ଷ ନୀଳମାଧବ ପଟ୍ଟନାୟକ। ଏହି ଦିବସ ଅବସରରେ ଆମନ୍ତ୍ରିତ ଅତିଥିବୃନ୍ଦ ଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶକପୂର୍ବକ ଉତ୍ତମ ମଣିଷ ହେବା ନିମନ୍ତେ ନିଜସ୍ୱ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପରିଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିବା ସହ ସଭାର ସମାପନ କରାଗଲା।

# ଗଣେଶ ପୂଜା ପାଳନ ପାଇଁ ଯୁବକ ସଂଘର ସଂକଳ୍ପ



ଫୁଲନଖରା, (ସବ୍ୟୁ):କଟକ ସଦର ଥାନା ଅନ୍ତର୍ଗତ ଅରଡିଆପଦା ଗ୍ରାମ ଡିଅସାହିସ୍ଥିତ ମା' ନବମଲ୍ଲିକା ଯୁବକ ସଂଘ ଆନୁକୂଲ୍ୟରେ ପବିତ୍ର ଗଣେଶ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦିବ୍ୟଜ୍ୟୋତି ବେଉରା ଓ ସମ୍ପାଦକ ଦିବ୍ୟଦ୍ୟୁତି ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚଳିତ ବର୍ଷ ଗଣେଶ ପୂଜାକୁ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ସମ୍ପନ୍ନ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ସଂଘର ବରିଷ୍ଠ ଉପଦେଷ୍ଟା ଲଳିତ କୁମାର ଦାଶ, ଅଜୟ କୁମାର ବେଉରା, ବାନାମ୍ବର ପରିଡ଼ା, ରଣଜିତ ବେଉରା, ବରଦା ପ୍ରସାଦ ବେଉରା, ଗଣେଶ ବେଉରା ଓ ସୌଭାଗ୍ୟ ବେଉରା ପ୍ରମୁଖ ଯୋଗଦେଇ ପ୍ରଶାସନର ନିର୍ଦ୍ଦେଶ ଓ ନିୟମାବଳୀକୁ ପାଳନ କରି ପୂଜା ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ବାଣ ଫୁଟାଇବା ଓ ଡିଜେ ବ୍ୟବହାରରୁ ନିବୃତ୍ତ ରହି ଶାନ୍ତିପୂର୍ଣ୍ଣ ଭାବେ ପୂଜା ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ପୂଜା ସମୟରେ ଶୃଙ୍ଖଳା ବଜାୟ ରଖିବା, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପ୍ରତି ଧ୍ୟାନ ଦେବା ଏବଂ ପରସ୍ପର ସହଯୋଗରେ ପୂଜାକୁ ସୁଚାରୁରୂପେ ସମ୍ପନ୍ନ କରିବା ନେଇ ସଦସ୍ୟମାନେ ମତ ରଖିଥିଲେ। ବୈଠକରେ ରାକେଶ ବେଉରା, ଅରଜିତ ବେଉରା, ରତିରଞ୍ଜନ ବେଉରା ଓ ବିସାଜ ବେଉରାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ପୂଜା ପ୍ରସ୍ତୁତିରେ ସହଯୋଗ କରିଥିଲେ। ବୈଠକ ମାଧ୍ୟମରେ ଚଳିତ ବର୍ଷ ମଧ୍ୟ ପାରମ୍ପରିକ ରୀତିନୀତି ସହ ଶାନ୍ତି ଓ ଶୃଙ୍ଖଳାରେ ଗଣେଶ ପୂଜା ପାଳନ ପାଇଁ ସଂଘ ପକ୍ଷରୁ ସଂକଳ୍ପ ନିଆଯାଇଛି।

# ଦୁର୍ଘଟଣାକୁ ଅପେକ୍ଷା କରିଛି ଅସୁରକ୍ଷିତ ଆଶ୍ରୟସ୍ଥଳୀ

ଆଠଗଡ଼ ,(ସବ୍ୟୁ): ବାତ୍ୟା ଆଶ୍ରୟସ୍ଥଳୀ ପିଲରରୁ ରଡ ଦେଖାଯାଉଛି।ଛାତରୁ ସିମେଣ୍ଟ ପ୍ଲାଷ୍ଟର ଆସୁଛି। ଛାତ୍ର ଛାତ୍ରୀ ମାନଙ୍କ ଜିବନ ବିପଦରେ। ହେଲେ ଆଠଗଡ଼ ପ୍ରଶାସନ ନିଦାବିସ୍ଥୁ ସାଜିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଆଠଗଡ଼ ବ୍ଲକ କୁଲାଇଲେ। ପଞ୍ଚାୟତ ପାଟଲିଙ୍ଗା। ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀରେ। ଏହି ବାତ୍ୟା ଆଶ୍ରୟସ୍ଥଳୀ ୧୯୯୯ ମସିହା ମହାବାତ୍ୟା ପରେ ତିଆରି କରାଯାଇଥିଲା। କିନ୍ତୁ ଏହା ଅତି ନିମ୍ନ ମାନର କାର୍ଯ୍ୟ ହୋଇଥିବା ଯୋଗୁ କିଛି ବର୍ଷ ପରେ ଏହା ସମ୍ପୁର୍ଣ୍ଣ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଦିଲ୍ଲୀର ସତ୍ୟ ନିକେତନରେ ବିପଦ ସଙ୍କୁଳ କୋଠାଟି ଭୁଶୁଡ଼ି ୭ ଜଣ ଛାତ୍ର ମୃତ୍ୟୁ ବରଣ ଘଟଣାଟି ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।ପାଟଲିଙ୍ଗା। ବାତ୍ୟା ଆଶ୍ରୟସ୍ଥଳୀ ଉପରେ ଗଣମାଧମରେ ବାରମ୍ବାର ଖବର ପ୍ରସାରଣ କରାଯିବା ସହିତ ପ୍ରଶାସନକୁ ଲିଖିତ ଆକାରରେ ଜଣାଯାଇଛି। କିନ୍ତୁ ଆଠଗଡ଼ ପ୍ରଶାସନ ସମ୍ପୁର୍ଣ୍ଣ ନିରବଦ୍ରଷ୍ଟା ସାଜିଛି। ଏହି ବାତ୍ୟା ଆଶ୍ରୟସ୍ଥଳୀଟି ପାଟଲିଙ୍ଗା ପ୍ରାଥମିକ ବିଦ୍ୟାଳୟ ପରିସର ଭିତରେ ରହି ଥିବାରୁ ବିଦ୍ୟାଳୟରେ କୁନି କୁନି ଛାତ୍ରଛାତ୍ରୀମାନେ ମଧ ଏଠାରେ ଖେଳକୁଦ କରୁଛନ୍ତି। ତେଣୁ କେତେବେଳେ କଣ ଅଘଟଣ ଘଟିବ ତାହା କିଛି କହିହେବ ନାହିଁ। ସେଥିପାଇଁ ବିଦ୍ୟାଳୟ ଶିକ୍ଷକମାନେ ସଦାସର୍ବଦା ଚିନ୍ତା ରେ ଅଛନ୍ତି। ଏହି ବାତ୍ୟା ଆଶ୍ରୟସ୍ଥଳୀ ସମ୍ପୁର୍ଣ୍ଣ ବିପଦପୂର୍ଣ୍ଣ ଥିବାରୁ ଏହାକୁ ପ୍ରଶାସନ ପକ୍ଷରୁ ତୁରନ୍ତ ଭଙ୍ଗାଯିବା ପାଇଁ ପାଟଲିଙ୍ଗା,ଶିଳାପାଟ, ଏବଂ ବିରିଜିଙ୍ଗା ଗ୍ରାମବାସୀମାନେ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ଏହାକୁ ତୁରନ୍ତ ଭାଙ୍ଗିବାକୁ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଏହି ତିନି ଖଣ୍ଡ ଗ୍ରାମର ଗ୍ରାମବାସୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି ।

# ଅବକାରୀ ଚଢାଉ:ମଦ ସହିତ ପୋଚ ନଷ୍ଟ,ମାଫିଆ ଫେରାର

ଆଠଗଡ ,(ସବ୍ୟୁ) : ମଦ ମାଫିଆମାନେ ଅବକାରୀ ବିଭାଗ ସାଙ୍ଗରେ ଲୁଚକାଳି ଖେଳ ଖେଳୁଛି। ଅବକାରୀ ବିଭାଗ ପକ୍ଷରୁ ଚଢାଉ କିନ୍ତୁ ମାଫିଆ ଫେରାର। ପୁଣି ମାଫିଆମାନେ ନକଲି ମଦ ପ୍ରସ୍ତୁତ କରିବା ସମୟରେ ଅବକାରୀ ବିଭାଗ ଫେରାର ହୋଇଥାଆନ୍ତି। ଏହା ହେଉଛି ଆଠଗଡରେ ଅବକାରୀ ବିଭାଗ ଏବଂ ମଦ ମାଫିଆମାନଙ୍କ ନିତିଦିନିଆ କାର୍ଯ୍ୟ । ଏହା ଦ୍ୱାରା ସରକାର ଙ୍କ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ମାଫିଆମାନେ ଖସିଯାଉ ଛନ୍ତି । ଶନିବାର ଆଠଗଡ ଅବକାରୀ ଉପ ଅଧିକ୍ଷକ ସି ଏଚ ତିରୁପତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଚଢାଉ କରାଯାଇ ୨୩୧୦ ଲିଟର ଚୋରା ଦେଶୀ ମଦ ଏବଂ ୨୬୨୧୫ ଲିଟର ଗୁଡ଼ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି।ଏ ବାବଦରେ ୫ ଟି ମାମଲା ରୁଜୁ କରାଯାଇଥିବା ବେଳେ ମାଫିଆ ଫେରାର ହୋଇଯାଇଛନ୍ତି। ମାଫିଆ ମାନଙ୍କ ଟେର ପାଉନି ଅବକାରୀ ବିଭାଗ।ଏହି ଚଢାଉ ରେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ଭକ୍ତବତ୍ସଳ ବର୍ମା, ଆଠଗଡ଼ ଅବକାରୀ ଥାନା ଭାର ପ୍ରାପ୍ତ ଅଧିକାରୀ ତରୁଣ କୁମାର ପାତ୍ର,ବାପି ସାହୁ, ରାଜକିଶୋର ନାୟକ , ଅକ୍ଷୟ କୁମାର ଜେନା ଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ସାମିଲ ହୋଇଥିଲେ।

# ଜାଗ୍ରତ ଖଣ୍ଡପଡ଼ା ଦିବସ ପାଳିତ

ଖଣ୍ଡପଡ଼ା, (ସବ୍ୟୁ):ଖଣ୍ଡପଡ଼ା ସହରାଞ୍ଚଳରେ ଅବସ୍ଥିତ ଅରୁଣ ନିବାସ ପରିସରରେ ଜାଗ୍ରତ ଖଣ୍ଡପଡ଼ା ଦିବସ ପାଳିତ ହୋଇଥିବା ଜଣାଯାଇଛି। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସର୍ଗତ ଅରୁଣ କୁମାର ପଟ୍ଟନାୟକଙ୍କ ତିରୋଧାନ ଦିବସକୁ ଜାଗ୍ରତ ଖଣ୍ଡପଡ଼ା ଦିବସ ଭାବେ ସେପ୍ଟେମ୍ବର ୧୨ ତାରିଖରେ ଅରୁଣ ପଟ୍ଟନାୟକ ସ୍ମୃତି ପରିଷଦ ପକ୍ଷରୁ ପ୍ରତ୍ୟେକ ବର୍ଷ ପାଳନ କରାଯାଇ ଆସୁଥିବା ବେଳେ ଚଳିତ ବର୍ଷ ୩୦ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ରଣପୁରର ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର, ନୟାଗଡ଼ ଜିଲ୍ଲା ପରିଷଦର ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଅରୁଣ ବାବୁଙ୍କ ବନ୍ଧୁ ଭିକାରୀ ଚରଣ ସାହୁ,କାଶିନାଥ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କର ସ୍ମୃତି ଚାରଣ କରିଥିଲେ। ସ୍ମୃତି ପରିଷଦର



ସଭାପତି ବସନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତି ଚାରଣ ସଭାରେ ଅରୁଣବାବୁଙ୍କର ରାଜନୈତିକ ଜୀବନ, କାର୍ଯ୍ୟଶୈଳୀ, ଅବଦାନ ଓ ଜନ୍ମମାଟି ଖଣ୍ଡପଡ଼ା ପ୍ରତି ଥିବା ମମତା ସହ ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ କ୍ରିରଖିଥିବା ଲଢ଼େଇ ସଂପର୍କରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଉଭୟ ଖଣ୍ଡପଡ଼ା ଓ ଭାପୁର ବ୍ଲକ ସହିତ ସହରାଞ୍ଚଳର ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି, ନେତୃବୃନ୍ଦ ଏବଂ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଅରୁଣ ବାବୁଙ୍କ ସୁପୁତ୍ର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିବା ଜଣାଯାଇଛି।

# ଦୋକାନୀ ଉଚ୍ଚା ଦରରେ ବିକୁଛନ୍ତି ସାର


ବଳଙ୍ଗା , (ସବ୍ୟୁ):ବର୍ତ୍ତମାନ ବଳଙ୍ଗା ଅଞ୍ଚଳର ଚାଷୀ ମାନେ ଧାନ ରୁଆ କାର୍ଯ୍ୟ ସାରିଛନ୍ତି। ବର୍ତ୍ତମାନ ଜମିରେ ମୂଳ ସାରର ଆବଶ୍ୟକତା ରହିଥିଲା ବେଳେ ଚାଷୀଙ୍କୁ ସାର ଦୋକାନୀ ମାନେ ଲୁଟୁ ଥିବା ନେଇ ଅଭିଯୋଗ କରିଛନ୍ତି ଚାଷୀ। ବଳଙ୍ଗା ଓ ଏହାର ଆଖପାଖ ଛୋଟ ମୋଟ ଛକ ମାନଙ୍କରେ ସାର ଦୋକାନ ରହିଥିଲା ବେଳେ ଜମିରେ ସାରର ନିହାତି ଆବଶ୍ୟକ ରହିଛି ଫଳରେ ଚାଷୀ ମାନେ ଦୋକାନରେ ସାର ପାଇଁ ଭିଡ ଲଗାଉ ଥିବା ବେଳେ ଦୋକାନୀ ଏହାର ଫାଇଦା ଉଠାଉଥିବା ଅଭିଯୋଗ ହୋଇଛି। ବଳଙ୍ଗା ବଜାରରେ ଥିବା ଜୈନକ ସାର ଦୋକାନୀ ନିର୍ଦ୍ଧାରିତ ରେଟ ଠାରୁ ୩ଶହ ଟଙ୍କା ଅଧିକ ନେବାରୁ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

# ମୋଦୀଙ୍କ ଜନ୍ମଦିନରୁ ଏକମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ'
# ଜିଲ୍ଲା ବ୍ୟାପି ଅଭିଯାନ ଲାଗି ଦାୟିତ୍ୱ ନେଲେ ଆଶ୍ରିତ ପଟ୍ଟନାୟକ

ପିପିଲି, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ତାରିଖ ଅବସରରେ ବିଜେପି ପକ୍ଷରୁ ଏକମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ପାଳନ କରାଯିବ। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନକୁ 'ନର ସେବା ହିଁ ନାରାୟଣ ସେବା' ଭାବନାରେ ପାଳନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀଙ୍କ ନିଷ୍ଠାପର ଜନସେବାର ୨୫ ବର୍ଷ ପୂର୍ତ୍ତିକୁ ସମର୍ପିତ ଏହି ଅଭିଯାନ ସମ୍ପର୍କରେ ଆଜି ପିପିଲିରେ ପୁରୀ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ନାଥ ତରାଇ ଏହି ଅଭିଯାନର ବିସ୍ତୃତ କାର୍ଯ୍ୟକ୍ରମ ଘୋଷଣା କରିଥିଲେ। ଏହି ଅଭିଯାନର ସଫଳ ରୂପାୟଣ ପାଇଁ ବିଜେପି ଦଳ ପକ୍ଷରୁ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଦଳୀୟ ଓ ସରକାରୀ ସ୍ତରରେ ମଧ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ ନେଇ ଯୋଜନା କରାଯାଇଛି। ଅଭିଯାନ ଅବସରରେ 'ଆଶୀର୍ବାଦ ଦ୍ୱୀପ', 'ମୋ ସ୍ୱପ୍ନର ଭାରତ', 'ନମୋ ସେବା', 'ଅଙ୍ଗନ ମିଳନ ସେବା', 'ସେବାର କାହାଣୀ', 'ସେବା ଜ୍ୟୋତି କଳସ ଯାତ୍ରା', 'ସେବା ମୋର ଯୋଗଦାନ', 'ସେବା ସେତୁ ଅଭିଯାନ', 'ରଙ୍ଗୋଲି ରାଷ୍ଟ୍ର', 'ୱାର୍ଡରୁ ବାରଣାସୀ ସେବା ଯାତ୍ରା', 'ସେବା ଫାଷ୍ଟ ଇନୋଭେସନ ଚ୍ୟାଲେଞ୍ଜ' ଏବଂ 'ସୁଶାସନ ସେବା ସମ୍ବାଦ' ଭଳି ୧୨ଟି ପ୍ରମୁଖ କାର୍ଯ୍ୟକ୍ରମ ଏକମାସ ଧରି ଜାରି ରହିବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୀର୍ଘ ଓ ନିଷ୍ଠାପର ଜନସେବା ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହ ତାଙ୍କ ସେବା ଓ ଜନକଲ୍ୟାଣମୂଳକ କାର୍ଯ୍ୟକୁ ଲୋକଲୋଚନକୁ ଆଣିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଛନ୍ତି। ଏଥିସହ ଅଭିଯାନର ବହୁଳ ପ୍ରଚାର ପ୍ରସାର କରିବା ସହ ଜିଲ୍ଲାବାସୀ ଏଥିରେ ସାମିଲ ହୋଇ ଏହାକୁ ସଫଳ କରିବାକୁ ସେ ନିବେଦନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ନାଥ ତରାଇଙ୍କ ସହ ଉପସଭାପତି ଅଭୟ ନାଥ, ସୁଭାଶିଷ ରଥ, ରଞ୍ଜିତା ପାଢ଼ୀ, ସାଧାରଣ ସମ୍ପାଦକ ଗଙ୍ଗାଧର ବରାଳ, ଚିତ୍ତରଞ୍ଜନ ବିଶ୍ୱାଳ, ରଶ୍ମିରଞ୍ଜନ ବିଶ୍ୱାଳ, ସମ୍ପାଦକ ଜ୍ୟୋତି ମହାପାତ୍ର, ସତ୍ୱର୍ଣ୍ଣପ୍ରଭା ମାଝୀ, କାର୍ଯ୍ୟାଳୟ ସମ୍ପାଦକ ବିକ୍ରମ ବରାଳ, ସଦସ୍ୟା ସୁନିତା ମହାରଣାଙ୍କ ସମେତ ଜିଲ୍ଲାର ବହୁ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଏକମାସ ବ୍ୟାପୀ ଏହି 'ସେବା ସଂକଳ୍ପ ଅଭିଯାନ' କୁ ଜନସାଧାରଣଙ୍କ ସହଭାଗିତାରେ ସଫଳ କରିବା ପାଇଁ ବିଜେପି ପକ୍ଷରୁ ଜିଲ୍ଲାବାସୀଙ୍କୁ ଆହ୍ୱାନ ଦିଆଯାଇଛି।

ଏକ ଗୁଚ୍ଛ କବିତା

## ଜୀବନ ସବୁଠୁଁ ଶସ୍ତା ପଣ୍ୟଦ୍ରବ୍ୟ



**ସୁଶାନ୍ତ କିଶୋର ବଳ**

ଛେପ, ଖଙ୍କାର,ରକ୍ତ, ଘର୍ମ, ମଳ, ମୂତ୍ର,
ଏସବୁ ହୁଏ ଶରୀରରୁ ନିର୍ଗତ ।
ରକ୍ତ ବ୍ୟତିରକେ ବାକି ସବୁ
ହୁଏ ବର୍ଜ୍ୟ, ତେଜ୍ୟ, ବହିଷ୍କୃତ ।
ଶିରା ପ୍ରଶିରାରେ ନିରବ ଶାନ୍ତେ
ବହିଥାଏ ଅବିଶ୍ରାନ୍ତେ ଆଦିବସରାତ୍ର ।
ଏହାର ଅବଦାନ ଅମୂଲ୍ୟ, ଅତୁଲ୍ୟ,
କରି ହୁଏନାହିଁ ଏହାର ମୂଲ୍ୟାୟନ.
ଏହି ସେବାପାଇଁ ମାଗେ ନାହିଁ
ସେ ହୀରା, ଲୀଳା,ପାରିଶ୍ରମିକ ଅବା ଧନ ।

ଏହାର ମହତ୍ତ୍ୱ କ'ଣ ଅସମାନ୍ତରାଳ
କମ୍ ପଡିଯାଏ ଶବ୍ଦକୋଷ
ଆଙ୍କିବାକୁ ଏହାର ଅବଦାନ.
ବହୁଦିନ ଆଗେ ଚଣ୍ଡାଶୋକଙ୍କ
ଶାଣିତ କରବାଳ ଭରି ଦେଇଥିଲା
ନିରସ୍ତ୍ର ଉତ୍କଳୀୟଙ୍କ ରକ୍ତ
ଦୟାନଦୀ ଜଳେ, ଲାଲରଙ୍ଗର
ଭରାପ୍ରବାହ ଅବଲୋକନେ
ହେଲେ ଗଭୀର ଅନୁତପ୍ତ ଅଶୋକ ।
ଘଟିଲା ହୃଦୟର ପରିବର୍ତ୍ତନ
ହିଂସା ତ୍ୟାଗୀ ହୋଇଗଲେ
ଚଣ୍ଡାଶୋକରୁ ଧର୍ମାଶୋକ.
ଆଜିର ସୁଉଚ୍ଚ ଧଉଳିମନ୍ଦିର
କରେନାହିଁ କି
ତାର ନିର୍ଭୁଲ ବାର୍ତ୍ତା ବହନ ?

ହେଲେ ଆଜି ଦୁନିଆର
କୋଣେକୋଣେ
ବହୁଛି ରକ୍ତର ସ୍ରାବ ବେହିସାବେ
ଶବ ଗଡୁଅଛି ମାଳମାଳ ,
ବିନା ଶୋକ,ବିନା ଗ୍ଲାନି, ବିନା ଅନୁତାପେ ।

ସବୁରି ମୂଳେ ସମୁଦ୍ର ତଳର
ଜୈବିକ ତୈଳ ଯାହା ନୁହେଁ ଖାଲି
ଇନ୍ଧନ ତୈଳ, ସେତ ମୃତ୍ୟୁ ଦାତାକାରୀ
ତରଳ ହଳାହଳ
ପାଶ୍ଚାତ ପିଶାଚ ପକ୍ୱକେଶୀ
ସ୍ୱାର୍ଥାନ୍ଧ ଡାନୋଲଡ୍ସ ଯା'ର ନାମ ।
ମାରୁଛି ମିସାଇଲ ଛାଡୁଛି ଡ୍ରେନ
ଡୁବାଉଛି ତୈଳଭରା ଜଳ ଜାହାଜ.
ଏକୁ ଆରେକ ଧ୍ୱଂସପଥେ ଆଗଭର,
ବାଃ ବାଃ ମାରନ୍ତି ଆନର ବିନାଶେ.
କଳଙ୍କିତ ନୁହେଁ କି ସେହି ନାୟକ !
ଆ'କୁ କି କହିବା ସଭ୍ୟତାର ଉନ୍ମେଷ,
ନା ବିନାଶର ସରହଦ ?

**ଡଗରପଡ଼ା, କଟକ-୨**
**ମୋ-୯୩୩୭୯୧୦୪୨୧**



## ସେଦିନ ବର୍ଷାରେ



**ସଂଯୁକ୍ତା ମହାନ୍ତି**

ସେଦିନ ଖୁବ ଢାଳୁଥିଲା ବର୍ଷା
କହିଲି, ଚାଲନା ଯିବା ସମୁଦ୍ର ବନ୍ଧକୁ
ଛୁଇଁବା ଢେଉର ଛିଟିକା-
ଦେଖିବା ଆକୁଳ ବର୍ଷା
ମୁହଁ ବୁଲାଇ ନେଲା ସେ
ତା ମୁହଁରେ କଳା ମେଘର ଛାଇ
ନିର୍ବାକ ହୋଇ ଚାହିଁଲା ସେ ମୋତେ
ଅବା କେଉଁ ଆଦିମ ମଣିଷ.

କଣ ଯେ ସେ ପାଏ ଏଇ ମହାନଗରୀର
ରାସ୍ତାଘାଟ, ଧୂଆଁ, ଧୂଳି, ଶବ୍ଦର ଚିତ୍କାରେ
ବର୍ଷା ସେମିତି ଢାଳୁଥିଲା, ବିଦ୍ୟୁତ ଝଲକ
ଘଡଘଡିର ଆବାଜ
ମୁଁ ବସିଲି ଚୁପଚାପ
ତା ମୁହଁରେ ତମସ୍ୱିନୀ ବୃଷ୍ଟିର ଛାଇ
ଓଠରେ ଆଙ୍କିଛି ସେ ଆଦିମ ଗୁହାର ଚିତ୍ର
ତା ଗଳିରେବି ସବୁ ଶୂନଶାନ
ଚା' ଦୋକାନ ସାମ୍ନାରେ ଦୁଇଟା ଲୋକ
ବର୍ଷାତିରୁ ନିଗିଡି ପଡୁଛି ପାଣି
ଶୋଷିନେଉଛନ୍ତି ଦୁଇ ଢୋକ ଚା'ର ଉଷ୍ଣତା
କୃଷ୍ଣଚୂଡ଼ାର ଡାହିରେ ଚୁପଚାପ
ପରସ୍ପରକୁ ଆଉଜି ବସିଛନ୍ତି ଦୁଇଟା
ଭିଜି ଯାଇଥିବା କାକ
କଣ ଭାବନ୍ତି !
ଆଉଟିକେ ଉଡି ପାଇବେ ବୃଷ୍ଟିର ସ୍ୱାଦ
ନା ଏମିତି ସାରାଦିନ ବସିବେ ଚୁପଚାପ
ନା ଫେରିବେ ନୀଡକୁ?

ଗଳିଟା ଲାଗେ ଏବେ ବେଶୀ ଥମଥମ
ଝଡବୃଷ୍ଟି ଅବା ନିମିଷେ ଉଡ଼ାଇନେବ
ସୁସଜ୍ଜିତ ଘରଦ୍ୱାର ?
ତା ମୁହଁରେ ବି ଜମୁଥାଏ ଝଡ ବୃଷ୍ଟିର ଘନତ୍ୱ
ଚୁପଚାପ ହାତଧରି ମୋର ଓହ୍ଲାଇଯାଏ ।

କଳାହାଣ୍ଡିଆ ମେଘ ଘୋଟିଛି,
ଆହୁରି ବର୍ଷିବ
ଏ ସହର ବୁଡିବ ଆଜି
ଧୋଇନେବ ସବୁକିଛି, ଆଜିର ଦ୍ୱିପ୍ରହରେ ।

**ରାଜାବଗିଚା, କଟକ -୭୫୩୦୦୯**
**ମୋ-୯୪୩୭୬୭୨୫୮୫**

## ମରୀଚିକାରେ ବଦଳିର ପ୍ରତୀକ୍ଷା



**ପ୍ରମୋଦ ମହାନ୍ତି**

ତିନି ବର୍ଷ ହେଲା,
ଗୋଟିଏ ବଦଳି ପାଇଁ
କେତେ ଦୁଆର ଠକ୍‌ଠକାଇଛି-
କେତେ ନେତାଙ୍କ ଦୁଆର,
କେତେ ମନ୍ତ୍ରୀଙ୍କ ଦୁଆର,
କେତେ ପ୍ରତିଶ୍ରୁତିର ଦୁଆର !
ପିଅନଠାରୁ ଆରମ୍ଭ କରି
ମୁଖ୍ୟମନ୍ତ୍ରୀଙ୍କ ଦୁଆର ପର୍ଯ୍ୟନ୍ତ,
କେନ୍ଦ୍ରମନ୍ତ୍ରୀଙ୍କ ଅଫିସଠାରୁ
ଶାସକ ଦଳର ମୁଖିଆଙ୍କ ପର୍ଯ୍ୟନ୍ତ

ସବୁଠି ଗୋଟିଏ କଥା,
'ଆଜି ଅର୍ଡର ବାହାରିବ
ଆଉ ଚିନ୍ତା କରନ୍ତୁ ନାହିଁ ।'
କିନ୍ତୁ ସେ 'ଆଜି'
କେବେ 'କାଲି' ହେଲା,
କେବେ 'ପହରିଦିନ' ହେଲା,
କେବେ ତିନିଟି ବର୍ଷ ହୋଇ
କେଉଁଆଡ଼େ ଚାଲିଗଲା-
କେହି ଜାଣିଲେ ନାହିଁ !
ପ୍ରତିଶ୍ରୁତିର ପାହାଡ଼ ଉପରେ
ଆଶାର ଘର ତୋଳିଥିଲି,
ହେଲେ ପ୍ରତିଥର
ସେ ଘର ଭାଙ୍ଗିଗଲା
ମରୀଚିକାର ଗୋଟିଏ ଝଲକରେ ।
ଧୈର୍ଯ୍ୟ ଭାଙ୍ଗୁଛି
ମନ ଖରାପ ହେଉଛି
ତଥାପି ମୁଁ ଥକିନି,
କାରଣ ଏହା ମୋ ବୋହୂର ଭବିଷ୍ୟତ,
ଏହା ମୋ ପୁଅର ସଂସାର,
ଏହା ମୋ ପରିବାରର ଶାନ୍ତି ।
ସେଥିପାଇଁ ସ୍ୱାନ ବୃତ୍ତିରୁ
ଆଜି ପର୍ଯ୍ୟନ୍ତ ଅପସରି ନାହିଁ-
ଲାଞ୍ଛନା ଶୁଣିଛି,
ଅପମାନ ସହିଛି,
ଦୁଆର ଆଗରେ ଅପେକ୍ଷା କରିଛି,
ତଥାପି ମୁଣ୍ଡ ନୁଆଁଇଛି ।
ଗୋଟିଏ ଆଶାରେ ଯେ
'କାମଟା ହୋଇଯିବ ।'
ଘରେ ଫେରିଲେ
ସ୍ତ୍ରୀର ତେରେଛା କଥା-
'କେତେ ଦିନ ଆଉ
ଏମିତି ଘୁରିବ?'
ପୁଅର ଅଭିମାନ
ନିରବ ଅଗ୍ନି ପରି
ମୋ ଛାତି ଭିତରେ ଜଳୁଥାଏ ।
ଭାଇ ସାନ୍ତ୍ୱନା ଦିଏ-
'ନନା, ଚିନ୍ତା କରନି,
ହୋଇଯିବ
ସବୁ ଠିକ୍ ହୋଇଯିବ ।'
କିନ୍ତୁ
ବୋହୂଟି?
ସେ କିଛି କୁହେ ନାହିଁ ।
ନା ଅଭିଯୋଗ,
ନା ଅଭିମାନ,
ନା ଲୁହର ପ୍ରଦର୍ଶନ ।
କେବଳ ନିରବତା,
ସେ ନିରବତାରେ
କେତେ ବେଦନା ଅଛି,
କେତେ ପ୍ରଶ୍ନ ଅଛି,
କେତେ ଅପେକ୍ଷା ଅଛି-
ତାହା ବୋଧହୁଏ
ସେ ନିଜେ ହିଁ ଜାଣେ ।
ମୁଁ ତା'ର ଆଖିକୁ ଦେଖି
ନିଜକୁ ପଚାରେ-
'ଆଉ କେତେ ଦିନ?'
ଲୋକେ ଏବେ ଜାଣିଗଲେ
ମୋର କେତେ ପତିଆରା !
ଯେଉଁମାନେ ମୋତେ
ବଡ଼ ପ୍ରଭାବୀ ଲୋକ ଭାବୁଥିଲେ,
ଆଜି ସେମାନେ ମୋ ଅସହାୟତାକୁ
ଦେଖି ମୁରୁକି ମୁରୁକି ହସୁଛନ୍ତି ।
କେତେକ ବୁଝିଲା ବନ୍ଧୁ
ପାଖକୁ ଆସି କହୁଛନ୍ତି-
ସତେ ନା,
ସରକାରଙ୍କ ଅବସ୍ଥା ଏମିତି !'
ତା'ପରେ ଦୀର୍ଘ ନିଶ୍ୱାସ,
ନେତାଙ୍କୁ ଗାଳି,
ବ୍ୟବସ୍ଥାକୁ ପ୍ରଶ୍ନ
ଏବଂ ଶେଷରେ
ଶ୍ରୀଜଗନ୍ନାଥଙ୍କ ଦୁଆରେ
ଗୋଟିଏ ପ୍ରାର୍ଥନା-
'ହେ କାଳିଆ,
ମଣିଷଟିକୁ ଆଉ
କେତେ ପରୀକ୍ଷା ନେବୁ?'
ନେତାଙ୍କ ଦୁଆରେ
ଯେଉଁଠି ପ୍ରତିଶ୍ରୁତି ମିଳିଲା,
କିନ୍ତୁ ଅର୍ଡର ମିଳିଲା ନାହିଁ,
ସେଠି ଜଗନ୍ନାଥଙ୍କ ଦୁଆରେ
କେବଳ ଆଶା ରଖିବା କଥା ।
କାରଣ
ମଣିଷର ମୁଖରେ
'ଆଜି' ଶବ୍ଦଟି
ମରୀଚିକା ହୋଇପାରେ,
କିନ୍ତୁ
କାଳିଆଙ୍କ ଦୁଆରେ
ଭକ୍ତର ଲୁହ
କେବେ ମରୀଚିକା ହୁଏନି ।
ତେଣୁ ଆଜି ବି
ମୁଁ ଚାଲିଛି-
ହାତରେ ଆବେଦନ,
ଆଖିରେ ଆଶା,
ହୃଦୟରେ ଯନ୍ତ୍ରଣା
ଆଉ ଓଠରେ ଗୋଟିଏ ପ୍ରାର୍ଥନା-
'ହେ ମହାପ୍ରଭୁ,
ମୋ ପାଇଁ ନୁହେଁ,
ମୋ ପରିବାର ପାଇଁ
ଛୋଟ ନାତୁଣୀଟା ପାଇଁ
ଏଥର ତୁମେ ହିଁ
ବଦଳିର ଅର୍ଡରଟି
ବାହାର କରିଦିଅ...' ।

**କଲକାତା**



# ପାଳଭୂତ ଜୀବନ

**ସୁନନ୍ଦା ମହାନ୍ତି**

ଜେଜେ ନିଶ୍ଚଳ ହୋଇ ଖଟ ଉପରେ ଶୋଇ ରହିଥିଲେ । ଖୁବ୍ ଦାନ୍ତ ବିନ୍ଧୁଛି । ଘରକୁ ଛୁଟିରେ ବାପା ମାଆ ସଙ୍ଗେ ବୁଲି ଆସିଥିବା ପୁଅର ପୁଅ, ବାବା ଗାଁ ବୁଲିବାକୁ ଯିବା ବେଳେ ଦେଖିଥିଲା ଜେଜେ ନିଶ୍ଚଳ ହୋଇ ପଡି ରହିଛନ୍ତି । ଗାଁରେ ଉଚ୍ଚା ଉଚ୍ଚା ନଡ଼ିଆ, ତାଳ ଓ ଖଜୁରୀ ଗଛ ଦେଖିବା ସହିତ ଝଙ୍କାଳିଆ ବରଗଛ ଓ ବରଗଛରେ ଓହଳିଥିବା ବାଦୁଡ଼ିମାନଙ୍କୁ ଦେଖି ବାବା ତା ବହିରେ ଦେଖିଥିବା ବାଦୁଡିର ଚିତ୍ର ସହ ଜୀବନ୍ତ ବାଦୁଡ଼ିକୁ ଦେଖି ଚମତ୍କୃତ ହେଉ ହେଉ ଭାବୁଥିଲା ଏଇ ନିରୀହ ପକ୍ଷୀ ଯିଏ ଦିନସାରା ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ କରି ଶୋଇ ରହି ରାତିରେ ଦେଖିପାରେ, ସେଇ ନିରୀହ ପକ୍ଷୀ ଭିତରେ ପୁଣି କରୋନା ଭାଇରସ ଥାଇପାରେ ? ମନ ମାନୁନ ଥିଲା ବାବାର । ଆଖି କିନ୍ତୁ ଲାଖି ରହୁଥିଲା ସେଇ ବାଦୁଡ଼ିମାନଙ୍କ ଝୁଲନ୍ତା ଶରୀର ଆଡକୁ । ଏମିତିରେ ଛୋଟ ଛୋଟ ଓ ବଡ଼ ବଡ଼ ମାଙ୍କଡ଼ମାନଙ୍କ ବରଫଳ କୋଳି ଖାଇ ଡ଼ାଳରେ ଦୋଳି ଖେଳିବା ଦୃଶ୍ୟ ମଧ୍ୟ ଖୁବ କୌତୁହଳପ୍ରଦ ଥିଲା ବାବା ପାଇଁ । ସେ ପ୍ରଜାପତିକୁ ଦେଖୁଥିଲା ତ ଦେଖୁଥିଲା ନଈରେ ବୁଡି ପଡି ଉଠିଲା ବେଳକୁ ମାଛରଙ୍କା ପକ୍ଷୀ ମାଛ ଧରି ଖାଇବାକୁ ଉଡି ଯାଉଛି । ପୁଣି କୋଉଠି ରାଧୁଆ ଭାଇର ଦାଢୁଆ କାଟି ଗଛ ସବୁକୁ କାଟି ପକାଉଥିବା ଦୃଶ୍ୟରେ ଅସହିଷ୍ଣୁ ହେଉଥିଲା ମନ ତ କୋଉଠି ନିଶ୍ଚଳ ହୋଇ ଜମିରେ ଠିଆ ହୋଇଥିବା ପାଳଭୂତ ଦେଖି ଠିଆ ହୋଇ ରହି ବିଶ୍ଳେଷଣ କରିଚାଲିଥିଲା ବାବା ।

ଏମିତି ଦିନେ ନିଶ୍ଚଳ ହୋଇ ଯାଇଥିଲା ତା ଜେଜେମା । ଉପରକୁ ଠିକ ଠାକ ଦେଖାଯାଉଥିଲେ ମଧ୍ୟ ନା ଆଗ ପରି କଥା କହୁଥିଲା ନା ଆଗପରି ଗପ କହୁଥିଲା, ନା ରାଗୁଥିଲା, ନା ରୁଷୁଥିଲା, ନା ମାମା ଓ ପାପାଙ୍କ ଉପରେ ବିରକ୍ତ ହେଉଥିଲା ନା ଜେଜେଙ୍କୁ ଚିଡୁଥିଲା । କହିଁକି ଯେ ମୋ ପୁଅ ବୋହୂ ନାତି ଗାଁକୁ ଆସିବା ପୂର୍ବରୁ ଘର ପଛ ଗାଡିଆରୁ ମାଛ ଧରିବାକୁ ବରାଦ ଆଗତୁରା ଦେଲନି ? ଆଗରୁ କାହିଁକି କହିଲନି ଗଛରୁ ମୋ ନାତି ପାଇଁ ପଇଡ଼ ପକାଇବାକୁ କହିନଥିଲ କାହିଁକି ଦାସିଆକୁ । ସେତେବେଳେ ଜେଜେମାଆର ଏଇ ଅବସ୍ଥା କୋଉଠି ଆଲଜିମର (ସ୍ମୃତିହ୍ରାସ ରୋଗ) ଯୋଗୁଁ ହୋଇଥିଲା । ସେ କିଛି ମନେ ରଖି ପାରୁନଥିଲା, ଠିକ ଠାକ ଲୋକ ଚିହ୍ନି ଠିକ ଠାକ କଥା କହୁ ନଥିଲା । ତେଣୁ ସମ୍ପୂର୍ଣ୍ଣ କଥା କହିବା ଆସ୍ତେ ଆସ୍ତେ ଛାଡ଼ିଦେଇ ହୁଏତ ପାଳଭୂତ ହୋଇ ଯାଇଥିଲା । ପାଳଭୂତ ଭଳି ଜଳ ଜଳ ଚାହୁଁଥିଲା । ସେତେବେଳେ ବି ବାବା ଭାବୁଥିଲା ସବୁ ବୁଢାବୁଢ଼ୀମାନେ ବୋଧେ ଦିନେ ଏମିତି ପାଳଭୂତ ହୋଇ ଯାଆନ୍ତି । ବାବାର ବାପା କିନ୍ତୁ କହୁଥିଲେ ସମୟ ସହିତ ମଣିଷର ପରିବର୍ତ୍ତନ ହୁଏ । ଜେଜେମାର ଏମିତି ପରିବର୍ତ୍ତନ ହେଲା ଯେ ଶେଷକୁ ଦୁନିଆଁ ଛାଡ଼ି ଆଉ କୋଉ ଦୁନିଆଁକୁ ଚାଲିଗଲେ ଜେଜେମା, ଯୋଉଠୁ ଆଉ କେହି ଫେରେନା ।

ଅନ୍ତତଃ ସେହି ନିଶ୍ଚଳ ଦେହଟାକୁ ଆଉ କେହି ଦେଖିବାକୁ ନଥିଲା । ସେ ଯିବା ପରେ ଉଚ୍ଚା ସ୍ୱରରେ କଥା କହୁଥିବା, ଜମିଜମା, ବିଲବାରି ବୁଝୁଥିବା, ଗଡିଆ, ପଡିଆ, ବଗିଚା ତଥା ଗାଈ ଛେଳି ଓ ଜେଜେମା ଛାଡିଯାଇଥିବା ପୋଷା ବିଲେଇ ପୁଷି, କୁକୁର ଟମି, ଶୁଆ ମିଠୁ ଗାଇ ନେତ ଇତ୍ୟାଦଙ୍କ କଥା ବୁଝୁଥିବା ଜେଜେଙ୍କୁ ଆଜି ଜ୍ୱର ତ କାଲି କାଶ ତ କେତେବେଳେ ଆଉ କୋଉ ରୋଗ ଲାଗି ସେ ନିଶ୍ଚଳ ହୋଇ ପଡିରହିଥିଲେ ଦିନ ସାରା ଠିକ ବାଦୁଡ଼ି ପକ୍ଷୀ ପରି ।

ବାବା ଏବେ ଗବେଷଣା ସନ୍ଦର୍ଭ ଲେଖୁଥିଲା ପକ୍ଷୀ ବିଷୟରେ । ସେଦିନ ନିଛାଟିଆ ନଈ କୂଳେ ଏକୁଟିଆ ବଗ ପକ୍ଷୀଟି ଏକଗୋଡିଆ ଠିଆ ହୋଇ ରହିଥାଏ ନଈକୁ ଚାହିଁ । ମାଛ ଖାଇବ କେମିତି ଦେଖିବାକୁ ଘଡିଏ ଠିଆ ହେଲା ସେ । ସତକୁ ସତ ମାଛଟିଏ ଡେଇଁ ପଡିଲା କୂଳକୁ ଓ ଛଟପଟ ହେଉଥିଲା ତ ବାବା ଭାବୁଥିଲା ବିଚରା ବଗ ଥଣ୍ଟରେ ଯିବ ଏବେ । ଦେଖୁ ଦେଖୁ ବଗ ମାଛଟିକୁ ଥଣ୍ଟରେ ଧରିବାକୁ ଚେଷ୍ଟା କଲା । କିନ୍ତୁ ମାଛଟି ଖସି ଯିବାକୁ ଚେଷ୍ଟା କରୁଥାଏ । ଶେଷକୁ ବଗ ମାଛଟିକୁ ଧରିଲା ଥଣ୍ଟରେ । ଗଲା ଗଲା କହୁ କହୁ ବଗଟି ମାଛଟିକୁ ନେଇ ପାଣିରେ ଛାଡୁଥିବା ବେଳେ ମାଛଟି ପୁଣି କୂଳକୁ ଚାଲି ଆସୁଥାଏ ତ ବଗଟି ପୁଣି ଚେଷ୍ଟା କରି ତାକୁ ପାଣିର ଗଭୀର ପ୍ରଦେଶରେ ଛାଡିବାକୁ ଥରକୁ ଥର ଚେଷ୍ଟା କରୁଥାଏ ।

ଶେଷକୁ ବଗ ଥଣ୍ଟରେ ମାଛଟିକୁ ଧରି ନଈର ଗଭୀର ପାଣିକୁ ବୁଡିପଡିଲା ତ ବାବା ନିଶ୍ଚଳ ହୋଇ ଚାହିଁଲା ବେଳକୁ ଦେଖିଲା ମାଛଟିକୁ ପାଣି ଭିତରେ ଛାଡ଼ି ବଗଟି ଉଠିଆସିଛି ଗଭୀର ଜଳରୁ ଆଉ ନିଶ୍ଚଳ ହୋଇ ଚାହିଁଥିଲା ବାବା ବଗକୁ ପାଇ ଯାଇଥିଲା ଅନେକ ତଥ୍ୟ ବଗ ଉପରେ । ସେତେବେଳକୁ ବାଦୁଡ଼ିମାନେ ଡେଣା ଫଡ଼ ଫଡ଼ କରି ଉଡୁଥିଲେ ଆକାଶ ସାରା କାରଣ ସନ୍ଧ୍ୟା ଆଗତ ପ୍ରାୟ ଥିଲା । ପକ୍ଷୀ ନୀଡକୁ ଫେରିବା ବେଳେ ବାଦୁଡ଼ି ବାହାରଥିଲେ ନିଜ ଓହଳା ଅବସ୍ଥାରୁ ଖାଦ୍ୟ ଅନ୍ୱେଷଣରେ ।

ପକ୍ଷୀମାନଙ୍କ ଉପରେ ସନ୍ଦର୍ଭଟି ଖୁବ ଭଲ ହୋଇଥିବ ବୋଲି ବାପା ମାଆ ଯେତେ ନିର୍ଭର ପ୍ରତିଶ୍ରୁତି ଦେଲେ ମଧ୍ୟ ପୁଅ ବାବାର ମନ ମାନୁ ନ ଥିଲା । ଜେଜେମା ନାହାଁନ୍ତି ଯେ ତା ସଫଳତା ପାଇଁ ଠାକୁରଙ୍କୁ ମାନସିକ କରିବେ । ଜେଜେ ମଧ୍ୟ ଥାଇ ନଥିଲା ପରି ଅବସ୍ଥା । ନଚେତ ବାବାର ଭାବନା ସହିତ କେତେ କଥା ଯୋଡି ନୂଆ ପିଢ଼ି ପାଇଁ ଉତ୍ସାହ ଭରିଦେଉ ଥାଆନ୍ତେ । ସତରେ ବୁଢାବୁଢ଼ୀ ଲୋକଙ୍କୁ ବୟସ୍କ ନଭାବି ବରିଷ୍ଠ ଭାବି ତାଙ୍କ ଅନୁଭୂତି ନେଇ ଓ ଆଶୀର୍ବାଦ ପାଇ ଆଗେଇ ଗଲେ ଜୀବନରେ ନିଶ୍ଚୟ ସଫଳତା ମିଳିଥାଏ ।

ସେଇଥି ପାଇଁ ତ ଜେଜେମା ଠାରୁ ଶୁଣିଥିବା ସେଇ ଗଳ୍ପଟି କଥା ଆଜି ଖୁବ ମନେ ପଡେ ବାବାର । ସେହି ଗଳ୍ପଟିରେ ଗୋଟିଏ ଦେଶର ଜଣେ ରାଜା ରାଜ୍ୟର ସବୁ ବୟସ୍କ ବୁଢାବୁଢ଼ୀଙ୍କୁ ରାଜ୍ୟ ବାହାରକୁ ବିତାଡିତ କରିବାକୁ ଆଦେଶ ଦେଇଥିଲେ । ରାଜ୍ୟର ଜଣେ ଚାଷୀ କିନ୍ତୁ ତା ବୃଦ୍ଧ ବୃଦ୍ଧା ବାପା ମାଆଙ୍କୁ ଲୁଚାଇ ରଖିଥିଲା । ରାଜ୍ୟରେ ଯେତେବେଳେ ଦୈବ ଦୁର୍ବିପାକଜନିତ ଦୁଃଖ କଷ୍ଟ ହେଉ ବା ଆଭ୍ୟନ୍ତରୀଣ ବ୍ୟାପାରର ସମାଧାନର ସୂତ୍ର ପାଇଁ ହେଉ ବାଟ ମିଳୁନଥିଲା କି ବିଜ୍ଞ ଲୋକ କି ଜ୍ଞାନୀ ଲୋକ କିଛି କହିପାରୁନଥିଲେ, ସେତେବେଳେ ରାଜା ହୃଦୟଙ୍ଗମ କରିଥିଲେ ଅନୁଭବୀ ଲୋକ ହିଁ ଏହି ପ୍ରକାର ଦୁର୍ଦ୍ଦିନର ସହାୟକ ହୋଇ ପାରିଥାଆନ୍ତେ । ମାତ୍ର ନେଡି ଗୁଡ଼ କହୁଣୀକୁ ବୋହିଗଲେ ଯେମିତି ଚାଟି ହୁଏନା ରାଜା ସେହିପରି ସବୁ ଅଭିଜ୍ଞ ବୁଢାବୁଢୀଙ୍କୁ ରାଜ୍ୟରୁ ବିତାଡିତ କରି ପସ୍ତେଉଥିଲେ । 'ନଈଁ ପଡ଼ିଥିବ ଯେତିକି ବେଳେ ବିଧାଏ ମାରିବ ସେତିକି ବେଳେ' ନ୍ୟାୟରେ ଚାଷୀ ଏବେ ନିଜ ବାପାଙ୍କୁ ପଚାରି ତାଙ୍କ ବୁଦ୍ଧି, ବଳ, କୌଶଳ ଦ୍ୱାରା ରାଜ୍ୟରେ ଓ ରାଜ୍ୟକୁ ପଡ଼ିଥିବା ବିପତ୍ତିର ଆଶୁ ପ୍ରତିକାର କହିଦେବା ଦ୍ୱାରା ରାଜା ଓ ରାଜ୍ୟର ସମସ୍ୟା ଚାଲିଯାଇଥିଲା ।

ରାଜାଙ୍କର ଚାଷୀଙ୍କ ଉପରେ ସନ୍ଦେହ ହୋଇଥିଲା. ଏହା ତୁମ ନିଜ ବୁଦ୍ଧି ନୁହେଁ କହିବାରୁ ଚାଷୀ ସବୁ ସତ କଥା ମାନି ନିଜ ବାପାଙ୍କ ଠାରୁ ବୁଝି ଏସବୁ କରିବାକୁ ଓ କହିବାକୁ ସମର୍ଥ ହୋଇଛନ୍ତି ବୋଲି ସତ ମାନିଯାଇଥିଲେ । ରାଜାଙ୍କ ଦ୍ୱାରା ଏଥର ତାଙ୍କ ମୁଣ୍ଡକାଟ ସୁନିଶ୍ଚିତ ଭାବୁଥିଲେ । ରାଜା କିନ୍ତୁ ତାଙ୍କ ମୁଣ୍ଡରେ ଶିରପା ଶାଢ଼ି ବାନ୍ଧି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସବୁ ପୁଅମାନେ ନିଜ ବୃଦ୍ଧ ପିତାମାତାଙ୍କୁ ଏହିଭଳି ସୁରକ୍ଷା ଦେଇପାରିଲେ ଦେଶ, ଜାତି ଓ ରାଜ୍ୟର ଗୌରବ ଫେରିପାରିବ ବୁଝି ନିଜର ଭୁଲକୁ ସୁଧାରିବାକୁ ଯାଇ ନିର୍ବାସିତ ବୃଦ୍ଧବୃଦ୍ଧାଙ୍କୁ ଫେରେଇ ଆଣିଥିଲେ ରାଜ୍ୟକୁ । କିନ୍ତୁ ରୋଗ ଓ ନିଶ୍ଚଳତାକୁ ହାତ କାହାର ଅଛି ଭାବି ନାତି ବାବା କୌଣସି ସାଧୁବାବାଙ୍କ ପାଖକୁ ଯାଇ ନିଜ ଭବିଷ୍ୟତ ବିଷୟରେ ପରାମର୍ଶ ଲୋଡ଼ିବାକୁ ବାହାରିଲା ବେଳେ ଜେଜେ ତାର ନିଶ୍ଚଳ ଅବସ୍ଥାରୁ କେଇ ମୁହୂର୍ତ୍ତ ଉଠିବସିଲେ ଓ କହିଲେ ତୋ ଜେଜେମା ବଞ୍ଚିଥିଲେ କହିଥାଆନ୍ତା ଯେ 'ଭଣ୍ଡ ବାବା ଯଦି କହନ୍ତେ ସତ... ଦ୍ୱାରେ ଦ୍ୱାରେ ବୁଲି ମାଗନ୍ତେ ନାହିଁ ଭିକ' ।

ଏଥର ନିଜ ଭୁଲ ବୁଝି ନାତି ଶାନ୍ତିରେ ଓ ସଫଳତା ପାଇବାକୁ ନିଶ୍ଚଳ ନରହି ନିଜ ଉଦ୍ୟମକୁ ଓ ନିଜ କର୍ମକୁ ବୁଝି ଆଗେଇ ଯିବା ଉଚିତ ବୋଲି ବୁଝିଥିଲା । ସତକୁ ସତ ନାତି ବାବାର ପକ୍ଷୀ ଉପରେ ଗବେଷଣାତ୍ମକ ସନ୍ଦର୍ଭଟି ପୁରସ୍କୃତ ହେଲାବେଳକୁ ଜେଜେ କିନ୍ତୁ ବାଦୁଡ଼ି ପରି ଉଡି ଯାଇଥିଲେ ଜେଜେମା ପାଖକୁ । ନିଜର କୃତିତ୍ୱ ଭିତରେ ମଧ୍ୟ ଏହି ଦୁଃଖରେ ନାତି ବାବା ଏକଦମ ନିଶ୍ଚଳ ଥିଲା ।

ଯେଉଁଦିନ ସମସ୍ତ ଛାତ୍ରମାନଙ୍କୁ ସେମାନଙ୍କ ଭିନ୍ନ ଭିନ୍ନ କ୍ଷେତ୍ରରେ ପ୍ରତିଭା ଓ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଉଥିଲା ସେଦିନ ପ୍ରିନସିପାଲ ଏକ ଅଭିନବ ଯୋଜନା କରିଥିଲେ । ସେମାନେ ଏଥର ସମସ୍ତ ଛାତ୍ରଛାତ୍ରୀଙ୍କ ପିତାମାତାଙ୍କ ସହିତ ପିତା ମାତା ବା ଜେଜେ ଓ ଜେଜେମାଆମାନଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ କରିଥିଲେ । ଏଥର ଅଭିଭାଷଣରେ ପ୍ରିନ୍ସିପାଲ କହିଥିଲେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଗ୍ରାଣ୍ଡ ଫାଦର ଓ ମଦରଙ୍କ ଜିନରୁ ପରବର୍ତ୍ତୀ ପିଲାମାନଙ୍କ ପାଖକୁ ସୃଜନୀଶୀଳତା ଆସିଥାଏ ତେଣୁ ସେହି ବରିଷ୍ଠ ଓ ବୟସ୍କ ତଥା ଅନୁଭୂତିସମ୍ପର୍ଣ୍ଣ ଗୁରୁଜନମାନଙ୍କୁ ମିଳିତ ପ୍ରଣାମୀ ଜଣେଇବାକୁ ଆଜିର ଦିବସରେ ଶପଥ ନେବାକୁ ସେମାନଙ୍କୁ ଏହି ମଞ୍ଚକୁ ଡକାଯାଇଛି । ଆସ ସମସ୍ତେ ସମ୍ମିଳିତ ଭାବେ ତାଙ୍କୁ ପ୍ରଣାମ ଜଣେଇ ତା ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାକୁ ତାଙ୍କ ପିତାମହ ଓ ପିତାମହୀଙ୍କୁ ନିମନ୍ତ୍ରଣ କରିଯିବ ଷ୍ଟେଜ ଉପରକୁ । ସେମାନେ ଆସି ତାଙ୍କ ଉତ୍ତରୋତ୍ତର ଦାୟାଦମାନଙ୍କୁ ନିଜ ହାତରେ ସମ୍ବର୍ଦ୍ଧନା କରାଇବେ । ବାବା ବେଳକୁ ତାର ପିତା ମାତା ଷ୍ଟେଜ ଉପରକୁ ଆସିଥିଲେ ଓ ତାଙ୍କ ହାତରୁ ଟ୍ରଫି ଇତ୍ୟାଦି ଗ୍ରହଣ କରୁ କରୁ ଆଖି ଛଳ ଛଳ ଓ ହୃଦୟ ଭିତରୁ କୋହ ଉଠୁଥିଲା ସ୍ୱର୍ଗୀୟ ଜେଜେ ଓ ଜେଜେମାଙ୍କ ପାଇଁ । ବାବାର ଜେଜେ ଓ ଜେଜେମାଆ ବାଦୁଡ଼ି ହେଉ ହେଉ ଉଡି ସାରିଥିଲେ ତାଙ୍କ ବାହୁଡା ନୀଡ଼କୁ ।

**ସାକ୍ଷୀଗୋପାଳ,ପୁରୀ**
**ମୋ-୯୦୪୦୯୭୭୩୨୭**

ଗଳ୍ପ

**ରାଜ୍ୟର ଜଣେ ଚାଷୀ କିନ୍ତୁ ତା ବୃଦ୍ଧ ବୃଦ୍ଧା ବାପା ମାଆଙ୍କୁ ଲୁଚାଇ ରଖିଥିଲା । ରାଜ୍ୟରେ ଯେତେବେଳେ ଦୈବ ଦୁର୍ବିପାକଜନିତ ଦୁଃଖ କଷ୍ଟ ହେଉ ବା ଆଭ୍ୟନ୍ତରୀଣ ବ୍ୟାପାରର ସମାଧାନର ସୂତ୍ର ପାଇଁ ହେଉ ବାଟ ମିଳୁନଥିଲା କି ବିଜ୍ଞ ଲୋକ କି ଜ୍ଞାନୀ ଲୋକ କିଛି କହିପାରୁନଥିଲେ, ସେତେବେଳେ ରାଜା ହୃଦୟଙ୍ଗମ କରିଥିଲେ ଅନୁଭବି ଲୋକ ହିଁ ଏହି ପ୍ରକାର ଦୁର୍ଦ୍ଦିନର ସହାୟକ ହୋଇ ପାରିଥାଆନ୍ତେ । ମାତ୍ର ନେଡି ଗୁଡ଼ କହୁଣୀକୁ ବୋହିଗଲେ ଯେମିତି ଚାଟି ହୁଏନା ରାଜା ସେହିପରି ସବୁ ଅଭିଜ୍ଞ ବୁଢାବୁଢୀଙ୍କୁ ରାଜ୍ୟରୁ ବିତାଡିତ କରି ପସ୍ତେଉଥିଲେ । 'ନଇଁ ପଡ଼ିଥିବ ଯେତିକି ବେଳେ ବିଧାଏ ମାରିବ ସେତିକି ବେଳେ' ନ୍ୟାୟରେ ଚାଷୀ ଏବେ ନିଜ ବାପାଙ୍କୁ ପଚାରି ତାଙ୍କ ବୁଦ୍ଧି, ବଳ, କୌଶଳ ଦ୍ୱାରା ରାଜ୍ୟରେ ଓ ରାଜ୍ୟକୁ ପଡ଼ିଥିବା ବିପତ୍ତିର ଆଶୁ ପ୍ରତିକାର କହିଦେବା ଦ୍ୱାରା ରାଜା ଓ ରାଜ୍ୟର ସମସ୍ୟା ଚାଲିଯାଇଥିଲା । ରାଜାଙ୍କର ଚାଷୀଙ୍କ ଉପରେ ସନ୍ଦେହ ହୋଇଥିଲା. ଏହା ତୁମ ନିଜ ବୁଦ୍ଧି ନୁହେଁ କହିବାରୁ ଚାଷୀ ସବୁ ସତ କଥା ମାନି ନିଜ ବାପାଙ୍କ ଠାରୁ ବୁଝି ଏସବୁ କରିବାକୁ ଓ କହିବାକୁ ସମର୍ଥ ହୋଇଛନ୍ତି ବୋଲି ସତ ମାନିଯାଇଥିଲେ ।**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯୁଦ୍ଧ-ଆତଙ୍କବାଦକୁ...

ନେଇ ଘୋଷଣାପତ୍ରରେ ଗଭୀର ଚିନ୍ତା ପ୍ରକାଶ ପାଇଛି । ଏପରି ପଦକ୍ଷେପ ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରିବା ସହିତ ଯୋଗାଣ ଶୃଙ୍ଖଳାକୁ ବାଧାପ୍ରାପ୍ତ କରିପାରେ ଏବଂ ବିଶ୍ୱ ଅର୍ଥନୈତିକ ବିକାଶରେ ଅସମାନତାକୁ ଆହୁରି ବଢ଼ାଇପାରେ ବୋଲି କୁହାଯାଇଛି । ମଧ୍ୟପ୍ରାଚ୍ୟରେ ଚାଲିଥିବା ସାମରିକ ଆକ୍ରମଣ ମଧ୍ୟରେ ସମୁଦ୍ରପଥରେ ନାବିକ ଓ ବାଣିଜ୍ୟିକ ଜାହାଜଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବାକୁ ମଧ ବ୍ରିକ୍ସ ଗୁରୁତ୍ୱ ଦେଇଛି । ଏଥିସହ ଏକତରଫା ଯୁଦ୍ଧ କାର୍ଯ୍ୟକଳାପକୁ ନିନ୍ଦା କରାଯାଇଛି ।

ଜମ୍ମୁ-କାଶ୍ମୀରର ପହଲଗାମରେ ୨୦୨୫ ଏପ୍ରିଲ୍ ୨୨ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ବ୍ରିକ୍ସ ଘୋଷଣାପତ୍ରରେ ଦୃଢ଼ ଭାବେ ନିନ୍ଦା କରାଯାଇଛି । ଏହି ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଲୋକ ଆହତ ହୋଇଥିଲେ । ଆତଙ୍କବାଦ ଯେକୌଣସି ରୂପରେ, ଯେକୌଣସି ସ୍ଥାନରେ ଓ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ହେଉ, ତାହା ଅପରାଧିକ ଓ ଅନ୍ୟାୟସଙ୍ଗତ ବୋଲି ବ୍ରିକ୍ସ ଦେଶଗୁଡ଼ିକ କହିଛନ୍ତି । ସୀମାପାର ଆତଙ୍କବାଦୀଙ୍କ ଗତିବିଧି, ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ଓ ଆଶ୍ରୟ ପ୍ରଦାନ ବିରୋଧରେ ଏକଜୁଟ ହୋଇ ଲଢ଼ିବାକୁ ମଧ ପ୍ରତିବଦ୍ଧତା ପ୍ରକାଶ ପାଇଛି । ଆତଙ୍କବାଦକୁ କୌଣସି ଧର୍ମ, ଜାତୀୟତା, ସଭ୍ୟତା କିମ୍ବା ଜାତିଗତ ଗୋଷ୍ଠୀ ସହ ଯୋଡ଼ାଯିବା ଉଚିତ ନୁହେଁ ବୋଲି ଘୋଷଣାପତ୍ରରେ ସ୍ପଷ୍ଟ କରାଯାଇଛି । ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଏବଂ ଏହାକୁ ସମର୍ଥନ କରୁଥିବା ସମସ୍ତଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଦାୟୀ କରି ନ୍ୟାୟ ଦେବାକୁ ଆହ୍ୱାନ କରାଯାଇଛି ।

ବ୍ରିକ୍ସ ଗଠନର ଦୁଇ ଦଶନ୍ଧି ପୂର୍ତ୍ତି ଅବସରରେ ଅନୁଷ୍ଠିତ ଏହି ଶିଖର ସମ୍ମିଳନୀରେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ଚୀନ୍‌ର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସମେତ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ନେତାମାନେ ଯୋଗ ଦେଇଥିଲେ । ସମ୍ମିଳନୀରେ ଗ୍ରହଣ କରାଯାଇଥିବା ନୂଆଦିଲ୍ଲୀ ଘୋଷଣାପତ୍ରକୁ ବିଶ୍ୱ ଶାସନ, ବାଣିଜ୍ୟ ଓ ଆତଙ୍କବାଦ ବିରୋଧୀ ସହଯୋଗ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସାମୂହିକ ସଂକଳ୍ପ ଭାବେ ଦେଖାଯାଉଛି ।

## ନନ୍ଦନକାନନକୁ...

ଅଣ୍ଡିରା, ୨ଟି ମାଈ), ସ୍କାର୍ଲେଟ୍ ମ୍ୟାକାଉ (୨ଟି ଅଣ୍ଡିରା, ୨ଟି ମାଈ) ବ୍ଲୁ-ଆଣ୍ଡ-ଗୋଲ୍ଡ ମ୍ୟାକାଉ (୨ଟି ଅଣ୍ଡିରା,୨ଟି ମାଈ) ଗ୍ରୀନ୍-ୱିଙ୍ଗଡ୍ ମ୍ୟାକାଉ (୨ଟି ଅଣ୍ଡିରା, ୨ଟି ମାଈ) ସଲଫର୍-କ୍ରେଷ୍ଟେଡ୍ କକାଟୁ (୨ଟି ଅଣ୍ଡିରା, ୨ଟି ମାଈ) କ୍ରାଉଣ୍ଡ କ୍ରେନ୍ (୨ଟି ଅଣ୍ଡିରା, ୨ଟି ମାଈ) ସ୍କାର୍ଲେଟ୍ ଆଇବିସ୍ (୨ଟି ଅଣ୍ଡିରା, ୨ଟି ମାଈ) ମିରକାଟ୍ (୩ଟି ଅଣ୍ଡିରା, ୩ଟି ମାଈ) ,କାସୋୱାରୀ (୧ଟି ଅଣ୍ଡିରା, ୧ଟି ମାଈ) ବ୍ଲୁୱାଇଲ୍ଡବିଷ୍ଟ (୨ଟି ଅଣ୍ଡିରା, ୨ଟି ମାଈ) । ଏହି ନୂଆ ଅତିଥି ପ୍ରାଣୀଉଦ୍ୟାନକୁ ଆସିବା ପରେ ଏମାନଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କ୍ୱାରେଟାଇନରେ ଡାକ୍ତରଙ୍କ ନଜର ବନ୍ଦିରେ ଛଡାଯାଇଛି ।ନୂଆ ଅତିଥିଆସିବା ପରେ ନନ୍ଦନକାନନରେ ପ୍ରଜାତି ସଂଖ୍ୟା ବୃଦ୍ଧି ପାଇ ମୋଟ ୧୮୮ ରେ ପହଞ୍ଚିଛି ।

ଆସିଥିବା ନୂଆ ପଶୁପକ୍ଷୀମାନଙ୍କ ଭିତରେ ନନ୍ଦନକାନନ ପାଇ ୧୦ଟି ନୂତନ ପ୍ରଜାତି ରହିଛି ।ସେଗୁଡିକ ହେଲା ଜେବ୍ରା,କଙ୍ଗାରୁ,ଟଫ୍‌ଟେଡ୍ କ୍ୟାପୁଚିନ୍ ସ୍କାର୍ଲେଟ୍ ମ୍ୟାକାଓ, ନୀଳ-ସୁବର୍ଣ୍ଣ ମ୍ୟାକାଓ, ସବୁଜ- ପକ୍ଷଯୁକ୍ତ ମ୍ୟାକାଓ ସ୍କାର୍ଲେଟ୍ ଆଇବିସ୍ ,ନୀଳ ୱାଇଲ୍ଡବିଷ୍ଟ ,କ୍ରାଉଣ୍ଡ କ୍ରେନ୍ ,ବେନେଟ୍‌ସ୍ ୱାଲାବି ।

ସେହିଭଳି ଭାବେ ରିଙ୍ଗ୍-ଟେଲ୍ଡ ଲେମୁର୍, ସଲଫର୍- କ୍ରେଷ୍ଟେଡ୍ କକାଟୁ,ମିରକ୍ୟାଟ୍ ପ୍ରଜାତି ନନ୍ଦନକାନନରେ ଥିବା ବେଳେ ସେମାନଙ୍କ ପାରିବାରିକ ରକ୍ତ ସମ୍ପର୍କ୍ ରେ ପରିବର୍ତ୍ତନ କରିବାପାଇଁ ଏମାନଙ୍କୁ ଅଣାଯାଇଛି ।ସେହିଭଳି ଭାବେ ଅନ୍ୟ ଏକ ପ୍ରଜାତି ସାଥିହରା କ୍ୟାସୋୱାରୀ କୁ ସାଥୀ ମିଳିବ । ତେବେ ନନ୍ଦନକାନନରେ ଜେବ୍ରା ଏବଂ ରେଡ୍ କଙ୍ଗାରୁ ଭଳି ଜୀବ ନଥିବା ବେଳେ ଏବେ ଏହି ନୂଆ ଅତିଥି ପର୍ଯ୍ୟଟକଙ୍କ ଆକର୍ଷଣ ସାଜିବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି । ସେହିଭଳି ଭାବେ ୮ ବର୍ଷର ବ୍ୟବଧାନ ପରେ ନନ୍ଦନକାନନକୁ ଜେବ୍ରା ଆସିଛି । ଏହି ନୂତନ ଅତିଥି ଦ୍ୱାରା ଚିଡ଼ିଆଖାନାର ପ୍ରଜାତି-ବିବିଧତାକୁ ସୁଦୃଢ଼ କରିବା ସହ ଏହାର ସଂରକ୍ଷଣ ଓ ଶିକ୍ଷାମୂଳକ କାର୍ଯ୍ୟକଳାପକୁ ବୃଦ୍ଧି କରିବ । ଏହା ପର୍ଯ୍ୟଟକମାନଙ୍କୁ ମନୋରଞ୍ଜନର ଖୋରାକ ଦେବା ସହ ବିଭିନ୍ନ ଭୌଗୋଳିକ ଅଞ୍ଚଳର ବନ୍ୟପ୍ରାଣୀ, ସେମାନଙ୍କର ପରିବେଶଗତ ଅନୁକୂଳନ ଏବଂ ଜୈବ-ବିବିଧତା ସଂରକ୍ଷଣର ଗୁରୁତ୍ୱ ବିଷୟରେ ଜାଣିବାର ସୁଯୋଗ ମିଳିବ ବୋଲି ଉପ ନିର୍ଦ୍ଦେଶକ ପ୍ରଦୀପ ମିରାସେ ସୂଚନା ଦେଇଛନ୍ତି ।

## ଭିନ୍ନତା...

ଯୋଗାଣ ଶୃଙ୍ଖଳା, ଦୁଇ ଦେଶ ମଧ୍ୟରେ ସମ୍ପର୍କ ଏବଂ ବ୍ରିକ୍ସ ସହଯୋଗ ଭଳି ପ୍ରମୁଖ ପ୍ରସଙ୍ଗ ଉଠିଥିଲା ।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଭାରତ-ଚୀନ୍ ସମ୍ପର୍କକୁ ଏକ 'ରଣନୀତିକ ଓ ଦୀର୍ଘକାଳୀନ ଦୃଷ୍ଟିକୋଣ'ରୁ ଦେଖିବାକୁ ଉଭୟ ନେତା ସହମତ ହୋଇଛନ୍ତି । ମତଭେଦ ଥିଲେ ମଧ ଆଲୋଚନା ଓ ସଂଳାପ ମାଧ୍ୟମରେ ତାହାର ସମାଧାନ କରିବା ସହ ଦୁଇ ଦେଶ ମଧ୍ୟରେ ସହଯୋଗର କ୍ଷେତ୍ର ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି । ବୈଦେଶିକ ମନ୍ତ୍ରଣାଳୟ କହିଛି, "ଭିନ୍ନତା ବିବାଦରେ ପରିଣତ ହେବା ଉଚିତ ନୁହେଁ ।" ଭାରତ-ଚୀନ୍ ସମ୍ପର୍କକୁ ପାରସ୍ପରିକ ସମ୍ମାନ, ପାରସ୍ପରିକ ସମ୍ବେଦନଶୀଳତା ଓ ପାରସ୍ପରିକ ସ୍ୱାର୍ଥ ଏହି ତିନିଟି ନୀତି ଆଧାରରେ ଆଗେଇ ନେବାକୁ ପ୍ରଧାନମନ୍ତ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

ଦ୍ୱିପାକ୍ଷିକ ଆଲୋଚନାରେ ସୀମା ପ୍ରସଙ୍ଗ ପ୍ରମୁଖ ସ୍ଥାନ ପାଇଥିଲା । ସୀମାରେ ଶାନ୍ତି ଓ ସ୍ଥିରତା ଦୁଇ ଦେଶର ସମ୍ପର୍କର ନିରନ୍ତର ବିକାଶ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ମୋଦୀ କହିଥିଲେ । ସୀମା ସମ୍ପର୍କିତ ପୂର୍ବରୁ ହୋଇଥିବା ଚୁକ୍ତି ଓ ବୁଝାମଣାଗୁଡ଼ିକୁ ଉଭୟ ପକ୍ଷ ପାଳନ କରିବା ଉପରେ ସେ ଜୋର ଦେଇଥିଲେ । ଭାରତ ଓ ଚୀନ୍ ସୀମା ବିବାଦର ଏକ ନ୍ୟାୟସଙ୍ଗତ, ଯୁକ୍ତିସଙ୍ଗତ ଓ ଉଭୟ ପକ୍ଷ ପାଇଁ ଗ୍ରହଣଯୋଗ୍ୟ ସମାଧାନ ଖୋଜିବା ପାଇଁ ନିଜ ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛନ୍ତି ।

୨୦୨୦ ଜୁନ୍‌ରେ ଗାଲୱାନ ଉପତ୍ୟକାରେ ସଂଘର୍ଷ ପରେ ପୂର୍ବ ଲଦାଖରେ ଭାରତ ଓ ଚୀନ୍ ମଧ୍ୟରେ ସାମରିକ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏହା ଦୁଇ ଦେଶର ସମ୍ପର୍କକୁ ଗଭୀର ଭାବେ ପ୍ରଭାବିତ କରିବା ସହିତ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ଦୀର୍ଘକାଳୀନ ସାମରିକ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି କରିଥିଲା । ୨୦୧୯ ଅକ୍ଟୋବରରେ ଚେନ୍ନାଇ ନିକଟ ମାମଲ୍ଲପୁରମ୍‌ରେ ଅନୌପଚାରିକ ଶିଖର ବୈଠକ ପରେ ସି ଜିନପିଙ୍ଗଙ୍କ ଏହା ପ୍ରଥମ ଭାରତ ଗସ୍ତ । ଆଲୋଚନାରେ ଦୁଇ ଦେଶର ଅର୍ଥନୈତିକ ସମ୍ପର୍କ ମଧ ସ୍ଥାନ ପାଇଥିଲା । ବାଣିଜ୍ୟ ଓ ପୁଞ୍ଜିନିବେଶ ସମ୍ପର୍କିତ ଚିନ୍ତାଗୁଡ଼ିକର ସମାଧାନ ଆବଶ୍ୟକ ବୋଲି ଉଭୟ ନେତା ସହମତ ହୋଇଥିଲେ । ଭାରତ ଓ ଚୀନ୍ ବ୍ରିକ୍ସ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକାଠି କାମ କରିବା ଆବଶ୍ୟକ ବୋଲି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ କହିଥିଲେ । ପରସ୍ପରର ଶକ୍ତିରୁ ଶିକ୍ଷା ଗ୍ରହଣ କରି ଉଭୟ ଦେଶ ସାଧାରଣ ବିକାଶ ଦିଗରେ ଆଗେଇପାରିବେ ବୋଲି ସେ କହିଥିଲେ ।

## କଂଗ୍ରେସର...

୭ଟି ସୁନା ଚେନ୍ ରହିଛି । ଘଣ୍ଟାଗୁଡ଼ିକ ମଧ୍ୟରେ ରୋଲେକ୍ସ, ରାଡୋ, ପିଆଜେ, ମୋଭାଡୋ, ଟିସୋ ଓ କାସିଓ ଏଡିଫିସ୍ ଭଳି ବ୍ରାଣ୍ଡ ରହିଛି ।

ଏହାସହ ଜୀନା ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ବ୍ୟାଙ୍କ ଖାତାରେ ଥିବା ୫୨.୧୬ ଲକ୍ଷ ଟଙ୍କାକୁ ଫ୍ରିଜ୍ କରାଯାଇଛି । ତାଙ୍କ ମୋବାଇଲ୍ ଫୋନ୍‌କୁ ମଧ ଫରେନ୍‌ସିକ୍ ପରୀକ୍ଷା ପାଇଁ ଜବତ କରାଯାଇଛି । ଇଡି ଅନୁସାରେ, ୨୦୧୬ରେ ୟୁକେଏସଏସଏସସି ପକ୍ଷରୁ ଆୟୋଜିତ ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ ଉତ୍ତରାଖଣ୍ଡ ପୁଲିସ ଓ ଭିଜିଲାନ୍ସ ବ୍ୟୁରୋରେ ରୁଜୁ ହୋଇଥିବା ୪ଟି ଏଫ୍‌ଆଇଆର୍ ଆଧାରରେ ଅର୍ଥ ହେରଫେର ମାମଲା ଆରମ୍ଭ ହୋଇଛି । ଅଭିଯୋଗ ଅନୁସାରେ, ସୁରକ୍ଷିତ ହେପାଜତରେ ଥିବା ଓଏମଆର୍ ଉତ୍ତରପତ୍ରଗୁଡ଼ିକୁ ବାହାର କରି ତତ୍କାଳୀନ ଆୟୋଗ ସଚିବଙ୍କ ଘରକୁ ନିଆଯାଇଥିଲା । ସେଠାରେ କିଛି ଉତ୍ତରପତ୍ରର ରୋଲ୍ ନମ୍ବର ଲେଖି ଘରୋଇ କମ୍ପ୍ୟୁଟର ଏଜେନ୍ସିର କର୍ମଚାରୀଙ୍କୁ ଦିଆଯାଇଥିବା ଏବଂ ଟଙ୍କା କାରବାର ବଦଳରେ ଉତ୍ତରଗୁଡ଼ିକରେ ଜାଲିଆତି କରାଯାଇଥିବା ଇଡି ଅଭିଯୋଗ କରିଛି ।

ଅଭିଯୋଗକୁ ବିଶ୍ୱାସ କରୁନାହାନ୍ତି ରାୱତ । ଘଟଣାକୁ ନେଇ ଏକ ଦୀର୍ଘ ପୋଷ୍ଟରେ ରାୱତ ଜୀନାଙ୍କ ସହ ନିଜର ସମ୍ପର୍କକୁ ସ୍ୱୀକାର କରିଥିଲେ । ତେବେ ତାଙ୍କ ବିରୋଧରେ ଲାଗିଥିବା ଅଭିଯୋଗକୁ ସେ ବିଶ୍ୱାସ କରିପାରୁନଥିବା କହିଛନ୍ତି । ରାୱତ କହିଛନ୍ତି, ଜୀନା ତାଙ୍କ ସହ ସରକାର ଓ ଦଳରେ ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି । ସେ ଜୀନାଙ୍କୁ ଜଣେ ଭଦ୍ର, ନମ୍ର ଓ ପରିଶ୍ରମୀ ବ୍ୟକ୍ତି ଭାବେ ବର୍ଣ୍ଣନା କରିଛନ୍ତି । ତେବେ ଯଦି ଗ୍ରାମ ସେବକ ନିଯୁକ୍ତି ପରୀକ୍ଷାରେ ଓଏମଆର୍ ଉତ୍ତରପତ୍ରରେ ହେରଫେର କରାଯାଇଥିବାର ପ୍ରମାଣ ମିଳେ, ତାହା ଲଜ୍ଜାଜନକ ହେବ ବୋଲି ରାୱତ କହିଛନ୍ତି । କିନ୍ତୁ ବର୍ତ୍ତମାନ ତାଙ୍କ ବିରୋଧରେ ଥିବା ଅଭିଯୋଗକୁ ସେ ବିଶ୍ୱାସ କରୁନଥିବା ସ୍ପଷ୍ଟ କରିଛନ୍ତି ।

ଉତ୍ତରାଖଣ୍ଡରେ ନିର୍ବାଚନୀ ପରିବେଶ ସୃଷ୍ଟି ହେଉଥିବା ବେଳେ ତାଙ୍କ ବିରୋଧରେ ଏକ ଧାରଣା ସୃଷ୍ଟି କରିବାକୁ ପ୍ରୟାସ ହେଉଥିବା ରାୱତ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ କଂଗ୍ରେସ ଓ ଦଳର କର୍ମୀମାନେ ଦୁର୍ନୀତି ବିରୋଧରେ ଲଢ଼େଇ କରୁଛନ୍ତି । ଏପରି ସମୟରେ ତାଙ୍କ ସହ ଜଡ଼ିତ କୌଣସି ଘଟଣା ଯଦି ଦଳର ଦୁର୍ନୀତି ବିରୋଧୀ ଲଢ଼େଇକୁ ଦୁର୍ବଳ କରେ, ତେବେ ସେ ତାହା କେବେ ଚାହିଁବେ ନାହିଁ । ରାୱତଙ୍କ କହିବା ଅନୁସାରେ, ସେ ବର୍ତ୍ତମାନ କୌଣସି ସରକାରୀ ପଦରେ ନାହାନ୍ତି, ଯେଉଁଥିରୁ ଇସ୍ତଫା ଦେଇପାରିବେ । ତେଣୁ ସେ କଂଗ୍ରେସରେ ନିଜର ସାଂଗଠନିକ ଦାୟିତ୍ୱରୁ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି ।

## ଷ୍ଟକ୍ ଟ୍ରେଡିଂ...

ନେବାପରେ ବିଶ୍ୱାସ ଜନ୍ମାଇବା ପାଇଁ ଅଭିଯୋଗକାରୀଙ୍କ ବିନା ଅନୁମତିରେ ତାଙ୍କ ବ୍ୟାଙ୍କ ଖାତାକୁ ଏକ ଟ୍ରେଡିଂ ଆକାଉଣ୍ଟ ସହ ଲିଙ୍କ କରିଦେଇଥିଲା । ପରବର୍ତ୍ତୀ ସମୟରେ ଟଙ୍କା ଫେରାଇବା ପାଇଁ ଅଭିଯୁକ୍ତ ଏକ ଆଇନଗତ ଚୁକ୍ତିନାମା କରିବା ସହ ନିଜ ଆଇଡିବିଆଇ ବ୍ୟାଙ୍କ ଖାତାରୁ ୧୪ଟି ଚେକ୍ ଦେଇଥିଲା । ଚେକ୍ ବାଉନ୍ସ ହୋଇଥିଲା ଆକାଉଣ୍ଟରେ ଟଙ୍କା ନଥିବାରୁ । ଉପାୟଶୂନ୍ୟ ହୋଇ ଦାଶରଥୀ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ ।

## ଟାଇଗର...

ଚାଷୀ ପରିବାରର ପରିଶ୍ରମକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରାଯାଇଛି । ଗ୍ରାମୀଣ ଆଦିବାସୀ ଅଞ୍ଚଳରୁ ସୃଷ୍ଟ ଉତ୍ପାଦଗୁଡ଼ିକ କିପରି ଆଧୁନିକ ବଜାରରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିବେ, ତାହା ନେଇ ପ୍ରୟାସ ଆରମ୍ଭ ହୋଇଛି ।

କୋରାପୁଟର କଫି ବିଶେଷ କରି ନନ୍ଦପୁର ଏବଂ ମାଛକୁଣ୍ଡ ଅଞ୍ଚଳରେ ଚାଷ କରାଯାଇଥାଏ । ୧୧ ସେପ୍ଟେମ୍ବର ୨୦୧୯ ରେ "କୋରାପୁଟ କଫି" ବ୍ରାଣ୍ଡର ଶୁଭାରମ୍ଭ ହୋଇଥିଲା । 'ଟାଇଗର ବ୍ରାଇଟ୍', କଫିପ୍ରେମୀଙ୍କ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏହି ପ୍ରିମିୟମ ଆରବିକା ବ୍ଲେଣ୍ଡରେ ଅରେଞ୍ଜ୍, ଓଡ଼ିଶା ଏବଂ ଦିଲ୍ଲୀରେ ଆଠଟି କୋରାପୁଟ କଫି ବ୍ରାଣ୍ଡ କାଫେ ପ୍ରତିଷ୍ଠା କରାଯାଇ ବିପଣନ ଏବଂ ଗ୍ରାହକ ସଂଯୋଗ ପାଇଁ ନୂଆ ରାସ୍ତା ଖୋଲାଯାଇଛି । ବ୍ରିକ୍ସ ସମ୍ମିଳନୀରେ 'ଟାଇଗର ବ୍ରାଇଟ୍'ର ଉପସ୍ଥିତି ଏକ ବିଶେଷ ଗୁରୁତ୍ୱ ବହନ କରୁଛି ।

## ଲଗାଣ...

ମିଲିମିଟର, ଚିତ୍ରକୋଣ୍ଡା ବ୍ଲକରେ ୧୯୨ ମିଲିମିଟର, କୋରକୋଣ୍ଡା ବ୍ଲକରେ ୧୩୪ ମିଲିମିଟର, କାଲିମେଲା ବ୍ଲକରେ ୮୫ ମିଲିମିଟର ଏବଂ ପଡିଆ ବ୍ଲକରେ ୨୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ପଟେରୁ, କାଙ୍ଗରୁକୋଣ୍ଡା, ଏମ୍ଭି-୯୦, କନ୍ୟାଶ୍ରମ, ଏମ୍ଭି -୭ ଅଞ୍ଚଳ ସମେତ ପାଙ୍ଗାମ ବ୍ରିଜ ଉପରେ ପ୍ରାୟ ୨ରୁ ୩ ଫୁଟ ପାଣି ପ୍ରବାହିତ ହେଉଛି । ବିଶେଷକରି ପଟେରୁ ବ୍ରିଜ ଉପରେ ପ୍ରାୟ ୩ ଫୁଟ ପାଣି ଚାଲୁଥିବାରୁ ସ୍ଥିତି ଚିନ୍ତାଜନକ ହୋଇପଡ଼ିଛି । ପାଣି ଆହୁରି ବଢ଼ିଲେ ପଟେରୁ ଅଞ୍ଚଳରେ ବନ୍ୟା ପରିସ୍ଥିତି ଅଧିକ ଭୟଙ୍କର ହେବାର ଆଶଙ୍କା ରହିଛି । ବ୍ରିଜ ଉପରେ ପାଣି ଚାଲୁଥିବାରୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସଜାଗ ରହିଛି । ସକାଳୁ ବ୍ରିଜ ନିକଟରେ ଅଟକିଥିବା ଯାତ୍ରୀମାନଙ୍କ ପାଇଁ ଶୁଖିଲା ଖାଦ୍ୟ ଓ ପାଣିର ବ୍ୟବସ୍ଥା କରାଯାଇଥିବା ବେଳେ ଆଜି ମଧ୍ୟାହ୍ନରେ ରନ୍ଧା ଖାଦ୍ୟ ଯୋଗାଇଦେବା ପାଇଁ ମଧ ବ୍ୟବସ୍ଥା କରାଯାଇଛି । ଲଗାଣ ବର୍ଷା ଓ ବନ୍ୟା ଆଶଙ୍କାକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ତୁରନ୍ତ ବନ୍ଦ କରିଛି । ବିଭିନ୍ନ ସ୍ଥାନରେ ପ୍ରବଳ ବନ୍ୟା ପାଣି ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବା ବେଳେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ସମଗ୍ର ସରକାରୀ କଳକୁ ହାଇଆଲର୍ଟରେ ରଖାଯାଇଛି । ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଜିଲ୍ଲାପାଳ ନିଜେ ପୋଟେରୁ ଓ କନ୍ୟାଶ୍ରମ ପୋଲ ଅଞ୍ଚଳ ଗସ୍ତ କରି ସ୍ଥିତିର ପ୍ରତ୍ୟେକ୍ଷ ତଦାରଖ କରିଛନ୍ତି ।

## ଏସ୍‌ଟିଏଫ୍...

ଯାଇ ବିଭିନ୍ନ ଲୋକଙ୍କୁ ଫେରାର ହୋଟେଲ ମାଲିକ ବାପ-ପୁଅଙ୍କ ସମ୍ପର୍କରେ ପଚରାଉଚରା କରୁଛି । ଏସ୍‌ଟିଏଫ୍ ଦୁଇଟି କଳାରଙ୍ଗର ଏସୟୁଭି କାର ସିସିଟିଭି ଫୁଟେଜ ସଂଗ୍ରହ କରିବା ସହ ୧୫୦ ସିସିଟିଭି ଯାଞ୍ଚ କରିସାରିଲାଣି । ଗୋଟିଏ ହୋଟେଲର ଦୁଇଟି କାରକୁ ନେଇ ତଦନ୍ତକାରୀ ଟିମର ସନ୍ଦେହ ବଢିଛି । ୭ ତାରିଖ ରାତିରେ କଳାରଙ୍ଗର କାର ଓରାଙ୍ଗଉଟାନ ଉଦ୍ଧାର ହୋଇଥିବା ଜଙ୍ଗଲ ନିକଟବର୍ତ୍ତୀ ରାସ୍ତାରେ ବାରମ୍ବାର ଯିବା ଆସିବା କରିଥିଲା । ସେହିପରି ଶୁକ୍ରବାର ରାତିରେ ହୋଟେଲ ସାମ୍ନାରେ ଆଉ ଏକ କଳାରଙ୍ଗର କାର ଥୁଆ ହୋଇଥିବା ବେଳେ ସେଠାରେ ୪/୫ ଜଣ କ'ଣ ସବୁ କଥା ହେଉଥିବା ସିସିଟିଭି ଫୁଟେଜ୍ ଏସ୍‌ଟିଏଫ୍ ସଂଗ୍ରହ କରିଛି । ହୋଟେଲ ବନ୍ଦ ଥିବା ବେଳେ କାହିଁକି କାର ସେଠାରେ ରଖାଯାଇଥିଲା ଓ କିଏ କ'ଣ ସବୁ କଥା ହେଉଥିଲେ ସେଥିନେଇ ମଧ ସନ୍ଦେହ ଦୃଢିଭୂତ ହୋଇଛି ।

## ଆଦିବାସୀ...

ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ପ୍ରୟାସ ଆରମ୍ଭ ହୋଇଛି ।

ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ବିକାଶ ଓ ଜନଜାତି ଅଧ୍ୟୟନ ଉତ୍କର୍ଷ କେନ୍ଦ୍ର ଏବଂ ନୃତତ୍ତ୍ୱ ବିଭାଗ ପକ୍ଷରୁ ଏହି ସ୍ୱତନ୍ତ୍ର ଗବେଷଣା କରାଯାଉଛି । ଉତ୍କର୍ଷ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଅରୁଣ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ୪ ଜଣ ପିଜି ଛାତ୍ର, ରିସର୍ଚ୍ଚ ସ୍କଲାର ଓ ରିସର୍ଚ୍ଚ ଆସିଷ୍ଟାଣ୍ଟଙ୍କ ଏକ ଟିମ୍ ସୁନ୍ଦରଗଡ଼ ଜିଲ୍ଲା ବଣେଇ ଉପଖଣ୍ଡର ଫୁଲଝର ଅଞ୍ଚଳରେ ପ୍ରାୟ ୧ମାସ ଧରି ରହି କ୍ଷେତ୍ର ଅଧ୍ୟୟନ କରିଥିଲେ । ସେମାନେ ସେଠାକାର ପାଉଡ଼ି ଭୂୟାଁ, ମୁଣ୍ଡା ଓ କିସାନ ଆଦିବାସୀଙ୍କ ସହ ରହି ବିଭିନ୍ନ ଔଷଧୀୟ ତେଲ ଓ ମଞ୍ଜି ସଂଗ୍ରହ କରିଛନ୍ତି । ଉଦ୍ଭିଦ ଆଧାରିତ ପିଙ୍ଗ, ଜଟାଙ୍ଗୀ, ଟୋଲ, କୁସୁମ, କରଞ୍ଜ, ନିମ୍ବ ତେଲ ଏବଂ ପ୍ରାଣୀ ଓ ସରୀସୃପ ଆଧାରିତ ଘୁଷୁରୀ, ଭାଲୁ, ଝିଙ୍କ, ଜଙ୍ଗଲୀ କୁକୁଡ଼ା ତେଲ ଆଦି ସଂଗ୍ରହ କରିଛନ୍ତି । ତେବେ ଗବେଷଣାରୁ ଜଣାପଡିଛି ଯେ ଏହି ତେଲ କେବଳ ମୁଣ୍ଡ ବିନ୍ଧା ବା ପେଟ ବ୍ୟଥା ପାଇଁ ନୁହେଁ । ଆଦିବାସୀମାନେ ଚର୍ମ ରୋଗ, କେଶ ଝଡିବା, ପେଟ ରୋଗ, ମିରଗୀ/ଅପସ୍ମାର, ପରିସ୍ରା ସମସ୍ୟା, ପ୍ରସବ ପରବର୍ତ୍ତୀ ସ୍ତନ୍ୟପାନ ସମସ୍ୟା, ପୋଲିଓ ଏବଂ କର୍କଟ ରୋଗର ଚିକିତ୍ସା ପାଇଁ ମଧ ଏହାକୁ ବ୍ୟବହାର କରୁଛନ୍ତି । ଜଙ୍ଗଲକୁ ଯିବାବେଳେ ସାପ ଓ କୀଟପତଙ୍ଗ କାମୁଡାରୁ ବର୍ତ୍ତିବା ପାଇଁ ଏକ ସ୍ୱତନ୍ତ୍ର ତେଲ ଦେହରେ ବୋଳିଥାନ୍ତି । ତେବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏହି ଟିମ୍ ଆଦିବାସୀଙ୍କ ପାରମ୍ପରିକ ତେଲ ଚିକିତ୍ସାର ଔଷଧିୟ ଗୁଣ ପରୀକ୍ଷା କରୁଛି । ଯାହା ଆଗାମୀ ଭବିଷ୍ୟତରେ ମନୁଷ୍ୟ ସମାଜ ପାଇଁ ଲାଭଦାୟକ ହୋଇପାରେ ବୋଲି ଆଶା କରାଯାଉଛି ।

# ଫିକା ପଡ଼ିଲା ନୂଆଁଖାଇ
# ଫେରିବ ୨ ଦାଦନ ଶ୍ରମିକଙ୍କ ମୃତଦେହ

ମୁରିବାହାଲ (ସବ୍ୟ): ପୁଣି ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳକୁ ଫେରିବ ୨ଜଣ ଦାଦନ ଶ୍ରମିକଙ୍କ ମୃତଦେହ । ଏକ ଅଭାବନୀୟ ଘଟଣା କ୍ରମରେ ଆନ୍ଧ୍ରପ୍ରଦେଶର ତିରୁପତି ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିବା ବ୍ଲକ ଅଞ୍ଚଳର ଦୁଇଜଣ ଦାଦନ ଶ୍ରମିକ କୂଅରେ ପଡ଼ିଥିବା ମୋବାଇଲ କାଢ଼ିବାକୁ ଯାଇଥିବା ବେଳେ ଉଭୟଙ୍କ ଦୁଃଖଦ ମୃତ୍ୟୁ ଘଟିଛି । ଦୁଇ ମୃତକ ହେଲେ ମୁରିବାହାଲ ଥାନା ଲଖନା ଗ୍ରାମର ଭୀମରାଜ ହଂସ(୩୨) ଓ ତେତେଲଖୁଣ୍ଟି ଗ୍ରାମର ନରେଶ ପୁଟେଲ(୨୨)ବୋଲି ଜଣାପଡିଛି । ଦୁଇଜଣ ୬ମାସରୁ ଉର୍ଦ୍ଧ୍ୱ ହେବ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ତିରୁପତିର ଶିବ ଜ୍ୟୋତିନଗର ଅଞ୍ଚଳକୁ ଯାଇଥିଲେ । ଉଭୟ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ଘରକୁ ଫେରିବାକୁ ସଜବାଜ ହେଉଥିଲେ । ଶୁକ୍ରବାର ଭୀମରାଜଙ୍କ ଏକ ମୋବାଇଲ ସେମାନେ ରହୁଥିବା ନିକଟସ୍ଥ ଏକ ଗଭୀର କୁଅରେ ପଡ଼ିଯାଇଥିଲା । ମୋବାଇଲ ପଡି ଯାଇଥିବା ଜାଣି ଏହାକୁ କାଢିବାକୁ ପ୍ରଥମେ ନିଜେ ଭୀମରାଜ କୂଅ ଭିତରକୁ ଓହ୍ଲାଇଥିଲେ । ସେ କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଉ କୂଅରୁ ବାହାରି ପାରିନଥିଲେ । ତାଙ୍କ ପଛେ ପଛେ ନରେଶ ମଧ କୂଅକୁ ପଶିଥିଲେ । ସେ ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଉ କୂଅରୁ ବାହାରିନପାରି କୂଅ ଭିତରେ ହିଁ ଉଭୟ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ଫଳରେ ମୋବାଇଲ ଉଦ୍ଧାର କରିବାକୁ କୂଅ ଭିତରକୁ ପଶିଥିବା ଦୁଇଜଣଙ୍କ ଶୋଚନୀୟ ଅବସ୍ଥାରେ କୂଅରେ ହିଁ ଦୁଃଖଦ ମୃତ୍ୟୁ ଘଟିଥିଲା । ଉଭୟଙ୍କ ମୃତଦେହ କୂଅରୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପରେ ନିଜ ଗ୍ରାମକୁ ମୃତଦେହ ଫେରୁଥିବା ଜଣାପଡିଛି । ମୃତ ଭୀମରାଜଙ୍କ ଘରେ ପତ୍ନୀ ଓ ତିନିଜଣ ସନ୍ତାନ ଅଛନ୍ତି । ଗତ ଦେଢ଼ ମାସ ମଧ୍ୟରେ ବ୍ଲକ ଅଞ୍ଚଳକୁ ତିନିଜଣ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଥିବା ବେଳେ ପୂର୍ବରୁ ମଧ ବହୁ ଦାଦନ ଶ୍ରମିକଙ୍କ ମୃତଦେହ ଫେରିସାରିଛି । ପବିତ୍ର ନୂଆଁଖାଇର ଖୁସିର ପରିବେଶ ଉଭୟ ପରିବାର ଓ ଗ୍ରାମ ପାଇଁ ଦୁଃଖଦ ପରିବେଶରେ ପରିଣତ ହୋଇଛି ।

**DOCUMENT LOST**

I, Kashinath Pradhan, S/o- Late Natabara Pradhan residing at Kuanrabedi, Po- Goda, Ps- Erasama, Dist- Jagatsinghpur, Odisha state that, the land document of our Ghara-bari property in the name of Late Natabara Pradhan pertaining original ROR Khata no. 375/64, Plot No. 467/1072, as well as two original regd. sale deed no. 1092/1093/1 dtd.12.03.1993 & Sale deed no. 2334/1993/1 dtd. 07.06.1993 (2no. Dalil) Mouza- Kantilo, Ps- Madhupatna, Dist- Cuttack has been lost on 23.04.2022 about 11.30 A.M. at- Nayabazar, Cuttack when I was going to marketing. That, the above original ROR and two Sale deed has been lost and inspite of the thorough search the documement has not been traced.

Sd/- Kashinath Pradhan

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୭୪
13001/1831/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୬୭, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା: ୧୯୬ **ବିଜ୍ଞାପନ** ତା : ୩୧.୦୮.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ବଦଳ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ– ସ୍ୱର୍ଗତ ନବକିଶୋର ସାହୁ<br>ପି– ସ୍ୱର୍ଗତ ବାଞ୍ଛାନିଧି ସାହୁ<br>ଗ୍ରା/ପୋ– ପିଣ୍ଡୁଆ<br>ଥାନା– ଗଁଦିଆ<br>ଜିଲ୍ଲା– ଢେଙ୍କାନାଳ | ଏଲ୍.ସି.ଆର.– ୧୦୧<br>(LCR-101)<br>ଛେଣ୍ଡ, ପ୍ରଥମ ପର୍ଯ୍ୟାୟ<br>ରାଉରକେଲା | ୧. ସରମଣି ସାହୁ (ସ୍ତ୍ରୀ)<br>୨. ପ୍ରିୟଦର୍ଶିନୀ ସାହୁ (ବି.କନ୍ୟା)ଙ୍କ<br>୩. ଦୁର୍ଗା ପ୍ରସନ୍ନ ସାହୁ (ବି.ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0253

9001/142/2627

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ତା.୧୪.୦୯.୨୦୨୬ ରିଖ ଦିନ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0063

46001/20/2627

**Department of Social Security & Empowerment of Persons with Disabilities**
Lokaseva Bhavan, Red Building, BBSR-751001
Tel: 0674-2390116
Mail: ssepdodisha@gmail.com / ssepdsec.od@nic.in

No.9191/SSEPD, Dt.11.09.2026

**CORRIGENDUM**

In the Tender invited vide this Department Tender Notice No. 9066/SSEPD Dated 08.09.2026 for organizing the International Day of Older Persons, 2026 at Bhubaneswar; the Bidding schedule is hereby revised as detailed below:

| Sl.No | Bidding Schedule | Timeline |
|---|---|---|
| 1 | Date of Issue | 08.09.2026 |
| 2 | Pre-Bid Query Meeting | 18.09.2026 at 3.30 PM at SIDR Conference Hall, Capital Hospital Campus, Bhubaneswar (Queries to be sent through ssepdodisha@gmail.com till 16.09.2026) |
| 3 | Bid Submission Due Date and Time | 22.09.2026 up to 5:00 P.M (Through registered post/speed post/ By Hand/Courier)) |
| 4 | Opening of Bids | 22.09.2026 at 6.00 P.M at SIDR Conference Hall, Capital Hospital Campus, Bhubaneswar |
| 5 | Technical Evaluation & presentation | 23.09.2026 at 3.30 P.M. at SIDR Conference Hall, Capital Hospital Campus, Bhubaneswar |
| 6 | Financial bid opening & evaluation | 24.09.2026 at 12.00 P.M at SIDR Conference Hall, Capital Hospital Campus. Bhubaneswar |

Other terms and conditions of the bid document dated 08.09.2026 remain unaltered.

Sd/-
Director, SSEPD

OIPR : 46001/46006/1/26-27/0005

46001/21/2627

**Department of Social Security & Empowerment of Persons with Disabilities**
Lokaseva Bhavan, Red Building, BBSR-751001
Tel: 0674-2390116
Mail: ssepdodisha@gmail.com / ssepdsec.od@nic.in

No.9191/SSEPD, Dt.11.09.2026

**CORRIGENDUM**

In the Tender invited vide this Department Tender Notice No. 9066/SSEPD Dated 08.09.2026 for organizing the International Day of Older Persons, 2026 at Bhubaneswar; the Bidding schedule is hereby revised as detailed below:

| Sl.No | Bidding Schedule | Timeline |
|---|---|---|
| 1 | Date of Issue | 08.09.2026 |
| 2 | Pre-Bid Query Meeting | 18.09.2026 at 3.30 PM at SIDR Conference Hall, Capital Hospital Campus, Bhubaneswar (Queries to be sent through ssepdodisha@gmail.com till 16.09.2026) |
| 3 | Bid Submission Due Date and Time | 22.09.2026 up to 5:00 P.M (Through registered post/speed post/ By Hand/Courier)) |
| 4 | Opening of Bids | 22.09.2026 at 6.00 P.M at SIDR Conference Hall, Capital Hospital Campus, Bhubaneswar |
| 5 | Technical Evaluation & presentation | 23.09.2026 at 3.30 P.M. at SIDR Conference Hall, Capital Hospital Campus, Bhubaneswar |
| 6 | Financial bid opening & evaluation | 24.09.2026 at 12.00 P.M at SIDR Conference Hall, Capital Hospital Campus. Bhubaneswar |

Other terms and conditions of the bid document dated 08.09.2026 remain unaltered.

Sd/-
Director, SSEPD

OIPR : 46001/46006/1/26-27/0006

E-Mail I.D.-eepwdcuttack@gmail.com
Tel./Fax No.(0671)-2304128

34001/791/2627

**OFFICE OF THE SUPERINTENDING ENGINEER
KATAKA (R&B) DIVISION NO.I: KATAKA
GOVERNMENT OF ODISHA
('e' PROCUREMENT NOTICE)**

Bid Identification No. S.E. CTC (R&B)-29 of 2026-27

**TENDER CALL NOTICE**

1. The Superintending Engineer, Kataka (R&B) Division No.I, Kataka on behalf of Governor of Odisha invites on Percentage rate basis bid in Single cover system in ONLINE MODE from eligible contractor for Building works as mentioned below.
2. No. of Work :- 04 Nos.
3. Nature of work :- Building works
4. Class of Contractor :- "C" & "B" Class "D" & "C" Class
5. Tender Paper Cost :- Rs.6000/- (Online)
6. Available of bid documents in the website :- From 21/09/2026 to 5PM of 05/10/2026
7. Date of Opening of Bid :- 11AM of 06/10/2026
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd/- (Er.Md. Shahbaz)
Superintending Engineer,
Kataka (R&B) Division No.I

OIPR : 34001/34091/1/26-27/0021

**ରେଳ ମନ୍ତ୍ରଣାଳୟ**
**(ପୂର୍ବ ତଟ ରେଳପଥ)**
**ନୋଟିସ୍**
ଭୁବନେଶ୍ୱର, ତାରିଖ-26.08.2026
**ରେଳ ଅଧିନିୟମ, 1989 ଧାରା 20(A)ର ଅନ୍ତର୍ଗତ ସୂଚନା**

**S.O.4764(E)** :- ରେଳବାଇ (ସଂଶୋଧନ) ଆଇନ, 1989 (24/89)-ର ସେକ୍ସନ 20A ସବ୍-ସେକ୍ସନ (1) ଦ୍ୱାରା ଦିଆଯାଇଥିବା ଶକ୍ତିରେ କେନ୍ଦ୍ର ସରକାର, ଏହା ନିଶ୍ଚିତ ହେବାପରେ ଯେ ଜନସାଧାରଣଙ୍କ ଉଦ୍ଦେଶ୍ୟ ପାଇଁ, ଯାହାର ସଂକ୍ଷିପ୍ତ ବିବରଣୀ ଏଠାରେ ନିମ୍ନଲିଖିତ ସୂଚୀରେ ଦିଆଯାଇଛି, ଏହାପାଇଁ ସ୍ଥାନ ଆବଶ୍ୟକ ହୋଇଛି ବିଶେଷ ରେଳୱେ ପ୍ରକଳ୍ପ ପୂରଣ କରିବା ପାଇଁ, ପ୍ରକଳ୍ପର ନାମ **"ଖୁର୍ଦ୍ଧା ରୋଡ୍ ଡିଭିଜନ୍ ଅଧୀନ, ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲାରେ କୁହୁଡ଼ି (KUU)-ଗଙ୍ଗାଧରପୁର (GNGD) ଷ୍ଟେସନ ମଧ୍ୟରେ KM.505/31-33ରେ ଲେଭେଲ୍ କ୍ରସିଂ ସଂଖ୍ୟା-238 ବନ୍ଦ କରିବା ପ୍ରତିସ୍ଥାନରେ ସଡ଼କ ଉପର ଅଧିସେତୁ ନିର୍ମାଣ"** ପ୍ରକଳ୍ପ ପାଇଁ, ସେହି ସ୍ଥଳ ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି ।

ଉକ୍ତ ଜମିରେ ରୁଚିଗ୍ରସ୍ତ କୌଣସି ବ୍ୟକ୍ତି, ଅଧିକୃତ ଗେଜେଟରେ ସୂଚନା ପ୍ରକାଶ ପାଇଁ ତାରିଖରୁ (30) ତିରିଶ ଦିନ ମଧ୍ୟରେ, ଉକ୍ତ ଜମିକୁ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉପରେ ଆପତ୍ତି ଉଠାଇପାରିବେ, ଯାହା ଏହି କାନୁନର ଧାରା 20D ଅନୁଧାରା (1) ଅନ୍ତର୍ଗତ ଥାଏ ।

ସମସ୍ତ ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷମତାଶୀଳ କାର୍ଯ୍ୟାଧିକାରୀଙ୍କୁ, ଅର୍ଥାତ୍ ଜମି ଅଧିଗ୍ରହଣ ପାଇଁ କ୍ଷମତାଶୀଳ କାର୍ଯ୍ୟାଧିକାରୀ (CALA) ଏବଂ ଚିଲିକା ତହସିଲଦାରଙ୍କୁ, ଲିଖିତ ଭାବରେ ଦାଖଲ କରାଯିବା ଦରକାର ହେବ, ଯାହା କୁହୁଡ଼ି (KUU)-ଗଙ୍ଗାଧରପୁର (GNGD) ଷ୍ଟେସନ ମଧ୍ୟରେ KM.505/31-33 ରେ ଲେଭେଲ୍ କ୍ରସିଂ ସଂଖ୍ୟା-238 ସଡ଼କ ଉପରେ ଅଧିସେତୁ ନିର୍ମାଣ ପାଇଁ ହାୱଡ଼ା-ଭିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥ ଖୁର୍ଦ୍ଧା ରୋଡ୍ ଡିଭିଜନରେ ନିର୍ମିତ ହେବ । ଏହାର ତଥ୍ୟ ଓ ଭିତ୍ତିମୂଳକ ବିବରଣୀ ସହିତ ଦାଖଲ କରାଯିବା ଦରକାର । କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆପତ୍ତିକାରୀଙ୍କୁ ସେହି ବିଷୟରେ ଶୁଣିବାର ସୁଯୋଗ ଦେବେ, ସେ ନିଜେ ଉଭାଦାର କିମ୍ବା ଏକ ଆଇନ ସମ୍ବିଧାନକାରୀ ମାଧ୍ୟମରେ ଆପତ୍ତିଗୁଡ଼ିକୁ ଶୁଣିବେ ଏବଂ ସମସ୍ତ ଆପତ୍ତିଗୁଡ଼ିକୁ ଶୁଣିବା ପରେ ଏବଂ ଯଥା ଆବଶ୍ୟକ ହେଲେ ଅନ୍ୟାନ୍ୟ ତଦନ୍ତ କରି, କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆଦେଶ ମାଧ୍ୟମରେ, ସେହି ଆପତ୍ତି ଗୁଡ଼ିକୁ ମାନ୍ୟ କିମ୍ବା ଅମାନ୍ୟ କରିପାରିବେ ।

ଏହି କାନୁନର 20D ର ସବ୍-ସେକସନ୍(2) ଅନୁସାରେ ପ୍ରାଧିକୃତ କର୍ତ୍ତୃକ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଆଦେଶ ଅନ୍ତିମ ନିର୍ଣ୍ଣୟ ହେବ । ଏହି ସୂଚନା ଅଧିକ ଆସିଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ରହିଛି ଏବଂ ଇଚ୍ଛୁକ ବ୍ୟକ୍ତି ପ୍ରାଧିକୃତ କର୍ତ୍ତାଙ୍କର ଉପରୋକ୍ତ କାର୍ଯ୍ୟାଳୟରେ ଯାଇ ସେଗୁଡ଼ିକୁ ନିରୀକ୍ଷଣ କରିପାରିବେ ।

**ସୂଚୀ**

ଏହା ସହିତ ସଂଲଗ୍ନ ଭୂମିର ସଂକ୍ଷିପ୍ତ ବର୍ଣ୍ଣନା (ଆନେକ୍ସର-୧) ଯାହା ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବା ପାଇଁ, ବିଶେଷ ରେଳପଥ ପ୍ରକଳ୍ପ ପାଇଁ, ଯଥା **'ଖୁର୍ଦ୍ଧା ରୋଡ୍ ଡିଭିଜନ ଅଧୀନ ହେଉଥିବା ହାୱଡ଼ା-ଭିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥରେ କୁହୁଡ଼ି (KUU)- ଗଙ୍ଗାଧରପୁର (GNGD) ଷ୍ଟେସନ ମଧ୍ୟରେ KM.505/31-33ରେ ଲେଭେଲ କ୍ରସିଂ ସଂଖ୍ୟା-238 ବନ୍ଦ କରିବା ପ୍ରତିସ୍ଥାପନାରେ ସଡ଼କ ଉପର ଅଧିସେତୁ ନିର୍ମାଣ)** ଖୋର୍ଦ୍ଧା ଜିଲ୍ଲାରେ, ଓଡ଼ିଶା ରାଜ୍ୟରେ ।

ଜିଲ୍ଲାର ନାମ - ଖୋର୍ଦ୍ଧା ଏନେକ୍ସର -୧

ଜମି ସୂଚୀ
ପ୍ରକଳ୍ପର ନାମ: ଆରଓବି-238 ନିର୍ମାଣ
ଜିଲ୍ଲାର ନାମ: ଖୋର୍ଦ୍ଧା, ବିଭାଗର ନାମ : ଖୋର୍ଦ୍ଧା ରୋଡ୍
ତହସିଲର ନାମ : ଚିଲିକା

| କ୍ର. ସଂ | ଗାଁର ନାମ | ପ୍ଲଟ୍ ନମ୍ବର | ଭୂମିର କିସମ | ସମ୍ପୂର୍ଣ୍ଣ ଜମି ଏକରରେ | ଅର୍ଜିତ ଜମି ଏକରରେ | ଭୂମିର ପ୍ରକାର |
|---|---|---|---|---|---|---|
| 1 | ବିରିହିବାଡ଼ୀ | 1892 | ଶ୍ମଶାନ | 26.684 | 2.596 | ସରକାରୀ |
| 2 | ବିରିହିବାଡ଼ୀ | 1892/2901 | ପତିତ | 5 | | ସରକାରୀ |
| 3 | ବିରିହିବାଡ଼ୀ | 1891 | ବଗାୟତ ଦୁଇ | 0.36 | 0.045 | ବ୍ୟକ୍ତିଗତ |
| 4 | ବିରିହିବାଡ଼ୀ | 1893 | ନୟନଯୋରୀ | 6.935 | 0.165 | ବ୍ୟକ୍ତିଗତ |
| 5 | ବିରିହିବାଡ଼ୀ | 1894 | ରେଳଲାଇନ | 0.86 | 0.05 | ସରକାରୀ |
| 6 | ବିରିହିବାଡ଼ୀ | 1896 | ନୟନଯୋରୀ | 6.37 | 0.13 | ସରକାରୀ |
| 7 | ବିରିହିବାଡ଼ୀ | 1897 | ପତିତ | 2 | 0.463 | ସରକାରୀ |
| 8 | ବିରିହିବାଡ଼ୀ | 1931 | ବାଜେଫସଲ ଦୁଇ | 0.65 | 0.124 | ବ୍ୟକ୍ତିଗତ |
| 9 | ବିରିହିବାଡ଼ୀ | 2310 | ବାଜେଫସଲ ଦୁଇ | 0.48 | 0.171 | ବ୍ୟକ୍ତିଗତ |
| 10 | ବିରିହିବାଡ଼ୀ | 2311 | ବାଜେଫସଲ ଦୁଇ | 0.114 | 0.114 | ବ୍ୟକ୍ତିଗତ |
| 11 | ବିରିହିବାଡ଼ୀ | 2312 | ବାଜେଫସଲ ଦୁଇ | 0.089 | 0.026 | ବ୍ୟକ୍ତିଗତ |
| 12 | ବିରିହିବାଡ଼ୀ | 2313 | ପତିତ | 0.492 | 0.032 | ବ୍ୟକ୍ତିଗତ |
| 13 | ବିରିହିବାଡ଼ୀ | 2324 | ପତିତ | 1.323 | 0.003 | ସରକାରୀ |
| 14 | ବିରିହିବାଡ଼ୀ | 2309 | ରାସ୍ତା | 0.171 | 0.036 | ସରକାରୀ |
| 15 | ବିରିହିବାଡ଼ୀ | 2308 | ବାଜେଫସଲ ଦୁଇ | 0.098 | 0.098 | ବ୍ୟକ୍ତିଗତ |
| 16 | ବିରିହିବାଡ଼ୀ | 2307 | ବାଜେଫସଲ ଦୁଇ | 0.339 | 0.011 | ବ୍ୟକ୍ତିଗତ |
| 17 | ବିରିହିବାଡ଼ୀ | 2345 | ରାସ୍ତା | 0.565 | 0.043 | ସରକାରୀ |
| 18 | ବିରିହିବାଡ଼ୀ | 2328 | ପତିତ | 0.738 | 0.039 | ସରକାରୀ |
| 19 | ବିରିହିବାଡ଼ୀ | 2332 | ଘରବାରି | 0.12 | 0.098 | ବ୍ୟକ୍ତିଗତ |
| 20 | ବିରିହିବାଡ଼ୀ | 2329 | ବାଜେଫସଲ ଦୁଇ | 0.321 | 0.112 | ବ୍ୟକ୍ତିଗତ |
| 21 | ବିରିହିବାଡ଼ୀ | 2331 | ଘରବାରି | 0.36 | 0.334 | ବ୍ୟକ୍ତିଗତ |
| 22 | ବିରିହିବାଡ଼ୀ | 2334 | ବାଜେଫସଲ ଦୁଇ | 0.36 | 0.036 | ବ୍ୟକ୍ତିଗତ |
| 23 | ବିରିହିବାଡ଼ୀ | 2330 | ପତିତ | 0.114 | 0.037 | ସରକାରୀ |
| 24 | ବିରିହିବାଡ଼ୀ | 1294 | ପତିତ | 0.225 | 0.118 | ସରକାରୀ |
| 25 | ବିରିହିବାଡ଼ୀ | 1292 | ପତିତ | 0.72 | 0.362 | ସରକାରୀ |
| 26 | ବିରିହିବାଡ଼ୀ | 1291 | ବାଜେଫସଲ ଦୁଇ | 0.193 | 0.152 | ବ୍ୟକ୍ତିଗତ |
| 27 | ବିରିହିବାଡ଼ୀ | 1297 | ପତିତ | 0.45 | 0.206 | ସରକାରୀ |
| 28 | ବିରିହିବାଡ଼ୀ | 1299 | ବାଜେଫସଲ ଦୁଇ | 0.498 | 0.035 | ବ୍ୟକ୍ତିଗତ |
| 29 | ବିରିହିବାଡ଼ୀ | 1288 | ପତିତ | 0.083 | 0.003 | ସରକାରୀ |
| 30 | ବିରିହିବାଡ଼ୀ | 1287 | ବାଜେଫସଲ ଦୁଇ | 0.056 | 0.001 | ବ୍ୟକ୍ତିଗତ |
| 31 | ବିରିହିବାଡ଼ୀ | 1298 | ଘରବାରି | 0.586 | 0.507 | ବ୍ୟକ୍ତିଗତ |
| | | | | TOTAL | 6.147 | |

PR-195/CJ/26-27 ତହସିଲ : ଚିଲିକା ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/ଆରଓବି/ପୂର୍ବତଟ ରେଳପଥ/ଭୁବନେଶ୍ୱର

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ସମ୍ ପକ୍ଷରୁ 'ଅଙ୍କୋଲୋଜି ଫର୍ ପୋଷ୍ଟ ଗ୍ରାଜୁଏଟ୍ସ' କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୧ର ସର୍ଜିକାଲ୍ ଅଙ୍କୋଲୋଜି ବିଭାଗ ପକ୍ଷରୁ ଶନିବାର ଦୁଇଦିନିଆ କର୍ମଶାଳା 'ଅଙ୍କୋଲୋଜି ଫର୍ ପୋଷ୍ଟ ଗ୍ରାଜୁଏଟ୍ସ' ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଓ ଡାକ୍ତରମାନେ ଯୋଗ ଦେଇଛନ୍ତି। ଏହି କର୍ମଶାଳାର ପ୍ରସଙ୍ଗ ରହିଛି 'ଫଣ୍ଡାମେଂଟାଲ୍ସ ଅଫ୍ ଅଙ୍କୋଲୋଜି ଫର ଫ୍ୟୁଚର୍ ସର୍ଜନ୍ସ'। ଏହି କାର୍ଯ୍ୟକ୍ରମରେ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସମାନ୍ତସିଂହାର ଯୋଗ ଦେଇ କହିଥିଲେ ଏଭଳି କର୍ମଶାଳାଦ୍ୱାରା ଭବିଷ୍ୟତର ସର୍ଜନ, ପିଜି ଛାତ୍ରଛାତ୍ରୀ, ଡାକ୍ତର ଓ ଫ୍ୟାକଲ୍ଟି ବହୁମାତ୍ରାରେ ଉପକୃତ ହୋଇପାରିବେ। ଖୁବ୍ କମ୍ ସମୟ ମଧ୍ୟରେ ଉଚ୍ଚ କୋଟରୀ ଆଧୁନିକ ଜ୍ଞାନ କୌଶଳର ଚିକିତ୍ସା ପ୍ରଦାନ କରାଯିବା ସହିତ ରୋବୋଟିକ୍ ମାଧ୍ୟମରେ ରୋଗୀଟିକୁ କିପରି ସର୍ଜରୀ କରାଯାଇପାରିବ ସେ ନେଇ ପ୍ରଶିକ୍ଷଣ କରାଯାଉଛି ବୋଲି ପ୍ରଫେସର ସାମନ୍ତସିଂହାର ଉଦ୍‌ବୋଧନ ଦେଇଥିଲେ।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲର ଆଡିସ୍‌ନାଲ ଡିନ୍ (ସୁପର ସ୍ପେଶାଲିଟି) ପ୍ରଫେସର (ଡାକ୍ତର) ପ୍ରକାଶ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର କର୍କଟ ରୋଗ ଯଥା- ସ୍ତନ କର୍କଟ, ଫୁସ୍‌ଫୁସ୍ କର୍କଟ, କୋଲନ୍ କ୍ୟାନ୍ସର, ଗ୍ୟାଷ୍ଟ୍ରୋ କ୍ୟାନ୍ସର ଏବଂ ପ୍ରୋଷ୍ଟେଟ୍ କ୍ୟାନ୍ସର ବିଷୟରେ ଅବଗତ କରାଇବା ସହ ରୋବୋଟିକ୍ ମାଧ୍ୟମରେ କିପରି ଚିକିତ୍ସା ପ୍ରଦାନ କରାଯାଇପାରିବ ସେ ନେଇ ପ୍ରଶିକ୍ଷିତ କରାଯିବ ବୋଲି ପ୍ରଫେସର ସାହୁ ସୂଚନା ଦେଇଥିଲେ। ଏହି ଅବସରରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୧ର ଆଡିସ୍‌ନାଲ ଡିନ୍ ଡାକ୍ତର ଅଜୟ କୁମାର ଜେନା, ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନସର (ଏଏଚ୍‌ପିଜିଆଇସି)ର ନିର୍ଦ୍ଦେଶକ ଡାକ୍ତର ଦୀପକ ରାଉତରାୟ, ଭୁବନେଶ୍ୱର ଏମ୍ସର ଡିନ୍ ଆକାଡେମିକସ୍ ତଥା ରେଡିଏସନ୍ ଅଙ୍କୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ଦୀଲିପ ପରିଡା, ଭୋପାଳ ସ୍ଥିତ ଦରଭଙ୍ଗା ଏମ୍ସର ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ମାଧବାନନ୍ଦ କର ପ୍ରମୁଖ ଯୋଗ ଦେଇ ଏହି କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରଥମ ଦିନରେ ବିଭିନ୍ନ ପ୍ରକାର ବୈଜ୍ଞାନିକ ଆଲୋଚନା ଚକ୍ର ସହ ସର୍ଜିକାଲ୍ ଭିଡିଓ କନ୍‌ଫରେସନ୍ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ସ୍କିଲ୍ ଲାବ୍ ରେ ହାଣ୍ଡ ଅନ୍ ରୋବୋଟିକ୍ ଏକ୍ସପିରିଏସନ୍ ପ୍ରଶିକ୍ଷଣ କରାଯିବ। ଏହି କାର୍ଯ୍ୟକ୍ରମରେ ସର୍ଜିକାଲ୍ ଅଙ୍କୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର ) ସୁନୀଲ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଈ ଚଳି ଖାଇବାକୁ କେନ୍ଦ୍ର କରି ଯୁବକକୁ ଆକ୍ରମଣ

ବଳଙ୍ଗା , (ସବ୍ୟୁ):ଗାଈ ଚଳି ଖାଇବାକୁ କେନ୍ଦ୍ରକରି ବଳଙ୍ଗା ଥାନା ଗେଣ୍ଡାମାଳି ଗ୍ରାମରେ ଜଣେ ଯୁବକକୁ ସେହି ଗ୍ରାମର ମା ଓ ପୁଅ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ସୂଚନା ମୁତାବକ ଗ୍ରାମର ଗଙ୍ଗାଧର ମହାରଣା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗଙ୍ଗାଧର ଧାନ ଚାଷ ପାଇଁ ସେହି ଗ୍ରାମର ଗୌରାଙ୍ଗ ମହାରଣାଙ୍କ ବିଲରେ ଚଳି ପକାଇଛନ୍ତି । ଆଜି ମଧ୍ୟାହ୍ନ ସମୟରେ ଗଙ୍ଗାଧର ଚଳି ବିଲକୁ ଯାଇଥିବା ବେଳେ ସେହି ଗ୍ରାମର ରମା ଛାଟୋଇ ନାମକ ଜଣେ ମହିଳା ତାଙ୍କ ଗାଇକୁ ଆଣି ଚଳି ବିଲରେ ବାନ୍ଧିଥିବା ଦେଖିଥିଲେ । ଏନେଇ ସେ ରମାଙ୍କୁ କଣ ପାଇଁ ଚଳି ବିଲରେ ଗାଇ ବାନ୍ଧିଛ ବୋଲି ପଚାରିବାର ରମା ପାଖରେ ପଡିଥିବା ଏକ ବାଡି ସାହାଯ୍ୟରେ ଗଙ୍ଗାଧରଙ୍କୁ ପିଟିଥିଲେ ।

## ବିଧାୟିକା ସୋଫିଆଙ୍କ ହାତପାଣ୍ଠିରେ

# ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ନୂତନ କୋଠା ନିର୍ମାଣର ଶୁଭାରମ୍ଭ

କଟକ, (ସ୍ୱପ୍ର): କଟକ ନଗରୀର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ସଦୃଶ ୨୫ ଦିଗଭାଗ ସଙ୍କୀର୍ତ୍ତନ ମଣ୍ଡଳୀର ଉପର ମହଲାର ନୂତନ କୋଠା ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ହୋଇଛି । ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା ପୂର୍ବକ ଏହି ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ଏହି ପୁରାତନ ସଙ୍କୀର୍ତ୍ତନ ମଣ୍ଡଳୀରେ ଦୀର୍ଘ ବର୍ଷ ଧରି ବିଭିନ୍ନ ନାମସଙ୍କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି । ମାତ୍ର ସ୍ଥାନାଭାବ ଯୋଗୁଁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଏହି ସମସ୍ୟା ସମ୍ପର୍କରେ ମଣ୍ଡଳୀର ବରିଷ୍ଠ ମୁରବି ଓ କର୍ମକର୍ତ୍ତାମାନେ ବିଧାୟିକାଙ୍କୁ ଅବଗତ କରାଇ ସହଯୋଗ କାମନା କରିଥିଲେ । ସମସ୍ୟାର ଗୁରୁତ୍ୱ ତଥା ଲୋକଙ୍କ ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ବିଧାୟିକା ଶ୍ରୀମତୀ ଫିରଦୋସ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହ ନିଜ ବିଧାୟକ



ଉନ୍ନୟନ ପାଣ୍ଠିରୁ ଏହି ଉପର ମହଲା କୋଠା ନିର୍ମାଣ ନିମନ୍ତେ ଆବଶ୍ୟକୀୟ ଅନୁଦାନ ମଞ୍ଜୁର କରିଛନ୍ତି । ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ବିଧାୟିକା ପ୍ରକାଶ କରିଥିଲେ ଯେ, ସହରର ସାମାଜିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ସୁରକ୍ଷିତ ରଖିବା ସହ ଜନସାଧାରଣଙ୍କ ସୁବିଧା ପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ ତାଙ୍କର ମୁଖ୍ୟ ପ୍ରାଥମିକତା । କାର୍ଯ୍ୟକ୍ରମରେ ମଣ୍ଡଳୀର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସର୍ବାଧିକାରୀ ସୁରେଶ କୁମାର ସାହୁ, ସର୍ବମହନ୍ତ ରବୀନ୍ଦ୍ର କୁମାର ବସ୍ତିଆ, ପ୍ରତାପ ଚନ୍ଦ୍ର ଦାସ, ନରେଶ କୁମାର ସାହୁ, ରବୀନ୍ଦ୍ର ନାଥ ସାହୁ, ବିରଞ୍ଚି ନାରାୟଣ ମହାରଣା, ସୁଦର୍ଶନ ଦାସ, ଚନ୍ଦନ ଦାସ, ମୀର ମୁଜାଫର ଅଲି ପ୍ରମୁଖ ଉପସ୍ଥିତ ଥିଲେ ।

# କଟକ ଜିଲ୍ଲା ସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ

ଭୁବନେଶ୍ୱର (ସବ୍ୟୁ): ଗତ ୧୧ସେପ୍ଟେମ୍ବର ୨୦୨୬ ତାରିଖରେ କଟକ ଜିଲ୍ଲାର ଖାନନଗର ଉଚ୍ଚ ବିଦ୍ୟାଳୟ ପରିସରରେ" ଇଣ୍ଡିଆନ ଏନର୍ଜି ବାସ୍କେଟ ୨୦୪୭ ପ୍ରୋସ୍ପେକ୍ଟିଭ ଆଣ୍ଡ




ଚ୍ୟାଲେଞ୍ଜେସ "ଶୀର୍ଷକ ଏକ ଜିଲ୍ଲା ସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଏହାକୁ ଉଦ୍‌ଘାଟନ କରିଥିଲେ। ଭାରତର ଶକ୍ତିର ଆବଶ୍ୟକତା ନବୀକରଣୀୟ ଓ ଅଣନବୀକରଣୀୟ ଶକ୍ତିର ଭୂମିକା ଶକ୍ତି ସଂରକ୍ଷଣ ଏବଂ ୨୦୪୭ ସୁଦ୍ଧା ଏକ ସୁଦୃଢ ଓ ସ୍ଥାୟୀ ଶକ୍ତି ବ୍ୟବସ୍ଥା ଗଠନର ସମ୍ଭାବନା ଓ ପ୍ରସ୍ତୁତି ସମ୍ପର୍କରେ ସେମିନାରରେ ଆଲୋଚନା ହୋଇଥିଲା। କଟକ ଜିଲ୍ଲାର ୧୪ ଗୋଟି ବ୍ଲକ ଓ କଟକ ନଗର ନିଗମରୁ ଛାତ୍ରଛାତ୍ରୀ ଏବଂ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ପ୍ରତିଯୋଗୀମାନେ ଭାରତର ଭବିଷ୍ୟତ ଶକ୍ତିର ଆବଶ୍ୟକତା ଓ ଶକ୍ତି କ୍ଷେତ୍ରରେ ସମ୍ଭାବ୍ୟ ପରିବର୍ତ୍ତନ ସମ୍ପର୍କରେ ନିଜର ବିଚାର ଓ ଅନୁଶୀଳନ ଉପସ୍ଥାପନା କରିଥିଲେ। ବିଚାରକ ଭାବରେ ଶିବାନୀ ସିଂ ଓ ରାମସିଦ୍ଧାର୍ଥ ଗିରି ମୂଲ୍ୟାୟନ କରିଥିଲେ। କଟକ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀମତୀ ସାଗରିକା ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଖାନନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରମୋଦ ନାଥ ଦେ ସେମିନାରର ସଫଳ ଆୟୋଜନରେ ସହଯୋଗ କରିଥିଲେ। କଟକ ସଦରର କୁମାରୀ ସୋନାକ୍ଷୀ ଲେଙ୍କା ପ୍ରଥମ ସ୍ଥାନ ନରସିଂହପୁର ବ୍ଲକର ଲେସଲି ଡାଇମଣ୍ଡ ଦ୍ୱିତୀୟ ସ୍ଥାନ ଓ ମାହାଙ୍ଗା ବ୍ଲକର ଶେଖ ଫଜିଲ ଅହମ୍ମଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ସେମିନାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ, ଶକ୍ତି ନବୀକରଣ ଓ ଭାରତର ଦୀର୍ଘମିଆଦି ଶକ୍ତି ନୀତି ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ। ସହାୟକ ହୋଇଥିଲା।

## ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଉଦଘାଟନ

ବେତନଟୀ (ସବ୍ୟୁ)- ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକର ବୈଶିଙ୍ଗା ଥାନ ଅଧୀନ ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଉଦଘାଟନ ହୋଇଯାଇଛି । ଫୋର୍ଡ ନାଖରା ଓ ବନ୍ୟା ଆଶ୍ରୟସ୍ଥଳୀ କମିଟି ବେଲାଣପୁର ମିଳିତ ସହଯୋଗରେ ତାଲିମ ଶିବିର ଅନୁଷ୍ଠିତ ହେଇଥିଲା । ପାଟଳିପୁରା ସରପଞ୍ଚ ମମତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୋର୍ଡ ର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ

# ସତର୍କତା ସଚେତନତା ଗ୍ରାମ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, (ସବ୍ୟୁ): ସତର୍କତା ସଚେତନତା କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକଙ୍କ ମାର୍ଗଦର୍ଶନରେ ସତର୍କତା ସଚେତନତା ଗ୍ରାମ ସଭା କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ୧୬ରୁ ଉର୍ଦ୍ଧ୍ୱ ଶାଖାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ଛାତ୍ରଛାତ୍ରୀ ଓ ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଥିରେ ସଚ୍ଚୋଟତା, ସ୍ୱଚ୍ଛତା ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟାଙ୍କିଙ୍ଗ ଆଚରଣ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରସାର କରାଯାଇଥିଲା।

ଡିଜିଟାଲ ଠକେଇ, ଡିଜିଟାଲ ଆରେଷ୍ଟ,ମନି ମ୍ୟୁଲ ଆକାଉଣ୍ଟ ସାଇବର ଅପରାଧ ଏବଂ ସୁରକ୍ଷିତ ଡିଜିଟାଲ ବ୍ୟାଙ୍କିଙ୍ଗ ଅଭ୍ୟାସ ଉପରେ ଜନସାଧାରଣ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ"ସମୃଦ୍ଧି ପାଇଁ ସତ୍ୟନିଷ୍ଠା"ଅଭିଯାନର ଅଂଶସ୍ୱରୂପ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଭିଯାନ ଅନ୍ତର୍ଗତ ସତର୍କତା ସଚେତନତା ଗ୍ରାମ ସଭା କାର୍ଯ୍ୟକ୍ରମ ପୁରୀ ଜିଲ୍ଲାର ତଳଜଙ୍ଗ ଗ୍ରାମରେ ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ମଲିକଙ୍କ ଉପସ୍ଥିତିରେ ଆୟୋଜିତ ହୋଇଯାଇଛି। ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଶ୍ରୀ ମଲିକ ଡିଜିଟାଲ ଠକେଇ, ମ୍ୟୁଲ ଆକାଉଣ୍ଟର ଅପବ୍ୟବହାର ଏବଂ ନିରାପଦ ଓ ସୁରକ୍ଷିତ ଡିଜିଟାଲ ବ୍ୟାଙ୍କିଙ୍ଗ ସମ୍ପର୍କରେ ଅବଗତ



କରିଥିଲେ। ସେ ଏଟିଏମ୍ ପିନ୍, ୟୁପିଆଇ ପିନ୍, ଓଟିପି, ସିଭିଭି ଏବଂ ଏବଂ ପାସୱାର୍ଡ ପରି ବ୍ୟାଙ୍କିଙ୍ଗ ସେବା ସମ୍ପର୍କୀତ ଗୋପନୀୟ ତଥ୍ୟ ସୁରକ୍ଷିତ ରଖିବାକୁ ଏବଂ ସନ୍ଦେହଜନକ କଲ୍, ଲିଙ୍କ୍, କ୍ୟୁଆର୍ କୋଡ୍ ଏବଂ ଅନ୍ୟାନ୍ୟ ଅନ୍‌ଲାଇନ୍ ଠକେଇ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ଅଞ୍ଚଳର ସତର୍କତା ଅଧିକାରୀ ନୀରଜ କୁମାର ପ୍ରସାଦ ଶାଖା ପ୍ରବନ୍ଧକ ଏବଂ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପଦକ୍ଷେପଗୁଡିକ ମାଧ୍ୟମରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳ ଠକେଇରୁ ସୁରକ୍ଷା, ସାଇବର ସୁରକ୍ଷା ଏବଂ ନୈତିକ ବ୍ୟାଙ୍କିଙ୍ଗ ପ୍ରାକ୍ଟିସ୍ ସମ୍ପର୍କରେ ସଚେତନତା ପ୍ରସାର ପାଇଁ ନିରନ୍ତର ପ୍ରୟାସ କରୁଛି।

## ଶ୍ରେଷ୍ଠ ବିଦ୍ୟାର୍ଥୀ ଓ ନବସୃଜନ ଓଡ଼ିଆଙ୍କୁ ରୁଚି ପ୍ରତିଭା ସମ୍ମାନ

# ବାପା ମା'ଙ୍କ ପାଇଁ ସମୟ ଦିଅନ୍ତୁ ଆଜିର ଯୁବପିଢ଼ି : ଲେଫ୍ଟନାଣ୍ଟ ଜେନେରାଲ

କଟକ, (ସ୍ୱପ୍ର): ଆଜିର ଯୁବପିଢ଼ି ନିଜର ମା'ବାପାଙ୍କ ପାଇଁ କିଛି ସମୟ ବାହାର କରନ୍ତୁ ଏବଂ ଆଧୁନିକ ଦୁନିଆର ପ୍ରଯୁକ୍ତି ସହିତ ସେମାନଙ୍କୁ ପରିଚିତ କରାନ୍ତୁ । ଆମ ପିଲାମାନଙ୍କ ଭିତରେ ସର୍ବଦା ଦୟାଳୁ, ବିନମ୍ରତା ଓ ସମ୍ବେଦନଶୀଳତା ରହିବା ଦରକାର ବୋଲି କହିଛନ୍ତି ଭାରତୀୟ ସେନାର ପୂର୍ବତନ ସହ-ସେନାଧ୍ୟକ୍ଷ ଲେଫ୍ଟନାଣ୍ଟ ଜେନେରାଲ ଚଣ୍ଡୀପ୍ରସାଦ ମହାନ୍ତି । ମାନବତାର ସେବା ଓ ସମାଜର ଉନ୍ନତି ପାଇଁ ରୁଚି ଫାଉଣ୍ଡେସନ ସର୍ବଦା ମହତ୍ କାର୍ଯ୍ୟ କରୁଥିବାରୁ ସେ ସମସ୍ତଙ୍କ ପାଇଁ ପ୍ରଶଂସାର ପାତ୍ର । ଶନିବାର ସନ୍ଧ୍ୟାରେ କଟକର ଶହୀଦ ଭବନଠାରେ ଆୟୋଜିତ ୩୦ତମ ରୁଚି ପ୍ରତିଭା ସମ୍ମାନ ସମାରୋହକୁ ଉଦଘାଟନ କରି ଲେଫଟନାଣ୍ଟ ଜେନେରାଲ ଶ୍ରୀ ମହାନ୍ତି କହିଛନ୍ତି । ପ୍ରତିଭା ସମ୍ମାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଥିଲେ ଯେ, ଉତ୍କର୍ଷତା ଏବଂ ସାଧୁତା ସବୁବେଳେ ମଣିଷକୁ ଆଗକୁ ଯିବାପାଇଁ ମାର୍ଗଦର୍ଶନ କରିଥାଏ । ଦୀର୍ଘ ୩୦ ବର୍ଷ ଧରି




ରୁଚି ଫାଉଣ୍ଡେସନ ଯେଉଁ ଅଭିନବ କାର୍ଯ୍ୟକ୍ରମ ଜରିଆରେ ପ୍ରତିଭାପୂଜନ ଭଳି ପୂଜ୍ୟପୂଜା ପରମ୍ପରାର ବାହକ ସାଜିଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଏକ ଆଦର୍ଶ । ବିଶିଷ୍ଟ ଅତିଥି ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କହିଥିଲେ ଯେ, ନିଷ୍ଠା, ଭକ୍ତି ଓ ସାଧନା ସହିତ ଯେ କୌଣସି କାର୍ଯ୍ୟ କଲେ ତାହା ନିଶ୍ଚିତ ଭାବେ ସଫଳ ହେବ । ରୁଚିର ଅଧ୍ୟକ୍ଷା ସଙ୍ଗୀତା ସାହୁ ସମସ୍ତଙ୍କୁ ଫାଉଣ୍ଡେସନ ଦିବସରେ ଶୁଭେଚ୍ଛା ଜ୍ଞାପନ କରିଥିଲେ । ରୁଚି ପ୍ରତିଭା ଫାଉଣ୍ଡେସନ୍‌ର ସଭାପତି ତଥା ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇ କହିଥିଲେ ଯେ, ରୁଚି ଦୀର୍ଘ ୫୧ ବର୍ଷ ଧରି ଶିଳ୍ପ ଓ ଉଦ୍ୟୋଗ ବିକାଶ କ୍ଷେତ୍ରରେ ରାଜ୍ୟ ପାଇଁ ସମର୍ପିତ ଭାବେ କାର୍ଯ୍ୟକରି ଆସିଛି ଏବଂ ଏଥିପାଇଁ ଓଡ଼ିଶାବାସୀଙ୍କ ସହଯୋଗ ଓ ଆଶୀର୍ବାଦ ଆମପାଇଁ ବଡ଼ ବରଦାନ । ପ୍ରତିଭା ସମ୍ମାନ ସମାରୋହରେ ଆଦିବାସୀ ଭାଷା ସାହିତ୍ୟର ବିଶିଷ୍ଟ ଗବେଷକ ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କୁ ସମ୍ମାନଜନକ ରୁଚି ଦେଶ ଗୌରବ ସମ୍ମାନ, ବିଶିଷ୍ଟ ଉଦ୍ୟୋଗୀ ତଥା ସାଂସଦ ଦିଲ୍ଲୀପ ରାୟଙ୍କୁ ରୁଚିର ପ୍ରତିଷ୍ଠାତାଙ୍କ ସ୍ମୃତିରେ ପ୍ରବର୍ତ୍ତିତ ପ୍ରଥମ ଡ. ଶରତ କୁମାର ସାହୁ ସ୍ମାରକୀ ସମ୍ମାନ, ବିଶିଷ୍ଟ ଜୈବିକ କୃଷିବିତ୍ ପଦ୍ମଶ୍ରୀ ସାବରମତୀଙ୍କୁ ରୁଚି ସେବା ଜ୍ୟୋତି ସମ୍ମାନ, ଦେଶର ଇଣ୍ଡିଆନ ଆଇଡଲ ବିଜୟିନୀ ସୁକଣ୍ଠୀ ଗାୟିକା ଜ୍ୟୋତିର୍ମୟୀ ନାୟକଙ୍କୁ ରୁଚି ଦେଶ ଜ୍ୟୋତି ସମ୍ମାନ, ସର୍ବଭାରତୀୟ ପ୍ରଶାସନିକ ସେବା କ୍ଷେତ୍ରରେ ଓଡ଼ିଶା ଟପ୍‌ର ସାତ୍ତ୍ୱିକ ସତ୍ୟକାମ ଦେବତାଙ୍କୁ ରୁଚି ବିଦ୍ୟାସାଗର ସମ୍ମାନ ଏବଂ ଭାରତୀୟ ମହିଳା ହକିର ପ୍ରାକ୍ତନ ଉପ-ଅଧିନାୟିକା ଅଲମ୍ପିଆନ୍ ଦୀପ୍ ଗ୍ରେସ୍ ଏକ୍କାଙ୍କୁ ରୁଚି ବାରବାଟୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନରେ ଥିବା ପାର୍ଥସାରଥୀ ମହାନ୍ତ ଓ ଆଶୁତୋଷ ନାୟକଙ୍କୁ ରୁଚି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ବିଶିଷ୍ଟ ପ୍ରତିଭାମାନଙ୍କୁ ଅଙ୍ଗବସ୍ତ୍ର ଓ ସମ୍ମାନ ଫଳକ ଦେଇ ସମ୍ମାନିତ କରାଯାଇଥିବା ବେଳେ କୃତି ବିଦ୍ୟାର୍ଥୀଙ୍କୁ ଅର୍ଥରାଶି ପୁରସ୍କାର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଫାଉଣ୍ଡେସନ୍ ସମ୍ପାଦକ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଫାଉଣ୍ଡେସନ ପକ୍ଷରୁ ଆମରୁଚିର ଏକ ସ୍ୱତନ୍ତ୍ର ବିଶେଷାଙ୍କ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହା ସହିତ ନବନିର୍ମାଣ ପାଇଁ ଅମର କୁମାର ସାହୁ, ଯୁବ ଉଦ୍ୟୋଗୀ ପାଇଁ ଜ୍ୟୋତିର୍ମୟୀ ଦାଶ, କିଚେନ୍ କୁଇନ୍ ପାଇଁ ମୀନାକ୍ଷୀ ପଟ୍ଟନାୟକ, କଳା ଓ ସଂସ୍କୃତି ପାଇଁ ସଂସ୍କୃତି ଶର୍ମା ପ୍ରମୁଖ ଚାରିଜଣ ନବ ପ୍ରତିଭାଙ୍କୁ ଦମ୍‌'ର ଓଡ଼ିଆ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅତିଥିମାନଙ୍କ ସହିତ ରୁଚିର ପରିଚାଳନା ନିର୍ଦ୍ଦେଶକ, ନିର୍ଦ୍ଦେଶିକା ସଲିନା ସାହୁ ପ୍ରମୁଖ ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ । ରୁଚିର କମ୍ପାନୀ ସଚିବ ରତିରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ରୁଚିର ବରିଷ୍ଠ ଅଧିକାରୀ ସୁଦର୍ଶନ କୁମାର, ଅଚ୍ୟୁତାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳାନରେ ସହଯୋଗ କରିଥିଲେ । ହ୍ୱାଇଟ୍ କାନ୍‌ଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା, ଶୁଭମ୍ ଓ ଅଙ୍କିତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ମୁକ୍ତିଲାଭ କଲା ଭଜନ ଓ ଆଧୁନିକ ଗୀତ ଭିଡିଓ



ଭୁବନେଶ୍ୱର (ସବ୍ୟୁ): ରେଡ୍ କ୍ରସ ଭବନ ରେ ମୁକ୍ତିଲାଭ କରିଛି ଗୋଟେ ଭଜନ ଓ ଗୋଟେ ଆଧୁନିକ ଗୀତ ଯାହାକୁ ପ୍ରଯୋଜନା ଓ ନିର୍ଦ୍ଦେଶନା ଦେଇଛନ୍ତି ରମାକାନ୍ତ ଜେନା ,ଏହି ମୁକ୍ତି ଲାଭ ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ଉପସ୍ଥିତ ରହି ଦୁଇଟି ଭିଡିଓ ର ଉନ୍ମୋଚନ କରିଥିଲେ । କାଳିଆ ରେ ଲାଗେ ମତେ ଭାରି ଛାନିଆ ଭିଡିଓ ରେ ସୁର ରାଉତରାୟ , ପ୍ରସନ୍ନ ପାଟଶାଣୀ , ଇଲୁ ବାନାର୍ଜି , ସୁରେଶ ,ରଶ୍ମୀ ଓ ରମାକାନ୍ତ ଜେନା ଓ ଆହୁରି ଅନେକ କଳାକାର ଅଭିନୀତ ଏହି ଭଜନ ଭିଡିଓ ନିଶ୍ଚିତ ଭାବେ ଢ଼େର୍ ବେଶୀ ଲୋକାଦୃତ ହେବ ଏଥିରେ ସନ୍ଦେହ ନାହିଁ । ସରୋଜ ନନ୍ଦ ଙ୍କ ରଚିତ ଭଜନ କୁ ରମାକାନ୍ତ ଜେନା ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏବଂ କଣ୍ଠଦାନ କରିଛନ୍ତି ଶ୍ରୀଚରଣ ମହାନ୍ତି , ଯାହା ବିଷ୍ଣୁପ୍ରିୟା ପ୍ରଡକ୍ସନ ୟୁଟ୍ୟୁବ୍ ଚ୍ୟାନେଲ୍ ରେ ମୁକ୍ତି ଲାଭ କରିଛି । ଠିକ ସେହିପରି ଆଉ ଏକ ମ୍ୟୁଜିକ୍ ଭିଡିଓ "ଚାଲ୍ ଯିବା ଆମେ ଜନ୍ମ କୁ " ଗୀତକୁ ଗୋବିନ୍ଦ ଚନ୍ଦ୍ର ରଚନା କରିଛନ୍ତି ।

# ସତସଙ୍ଗର ପ୍ରାକ୍ତନ ଉପସଭାପତି ଯତୀନ୍ଦ୍ରନାଥ ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ): ସତସଙ୍ଗର ବିଶିଷ୍ଟ ସଂଗଠକ, ସୁବକ୍ତା ତଥା ପ୍ରାକ୍ତନ ଉପସଭାପତି ଏବଂ ଦିଲ୍ଲୀ ସତସଙ୍ଗ ବିହାରର ସମ୍ପାଦକ ଯତୀନ୍ଦ୍ରନାଥ ମହାନ୍ତିଙ୍କର ଗତ ୧୧ ତାରିଖ ପ୍ରତ୍ୟୁଷରେ ଦିଲ୍ଲୀ ସତସଙ୍ଗ ଆଶ୍ରମ ପରିସରରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ସତସଙ୍ଗ ଜଗତରେ ଗଭୀର ଶୋକର ଛାୟା ଖେଳିଯାଇଛି। ଦେଓଘର ମୂଳ ଆଶ୍ରମ ସମେତ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ବାଙ୍ଗାଲୋର ଓ ଦେଶର ବିଭିନ୍ନ ପ୍ରାନ୍ତରେ ସତସଙ୍ଗର ପ୍ରଚାର ଓ ପ୍ରସାରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ତିନୋଟି ଭାଷାରେ ସେ ଜଣେ ପ୍ରଭାବଶାଳୀ ସୁବକ୍ତା ଥିଲେ। ଶ୍ରୀ ଶ୍ରୀ ବଡଦା, ଶ୍ରୀ ଶ୍ରୀ ଦାଦା ତଥା ବର୍ତ୍ତମାନର ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବଙ୍କ ସହ ତାଙ୍କର



ଘନିଷ୍ଠ ସମ୍ପର୍କ ଥିଲା। କଟକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମହାନ୍ତି ଅବିବାହିତ ଥିଲେ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦର୍ଶନ ଲାଭ କରିଥିବା ସେ ଦୀର୍ଘ ଦଶନ୍ଧି ଧରି ସତସଙ୍ଗ ସହ ନିବିଡ଼ ଭାବେ ଜଡ଼ିତ ରହିଥିଲେ। ତାଙ୍କ ବିୟୋଗରେ ସତସଙ୍ଗ ଜଣେ ପୁରୁଣା, ନିଷ୍ଠାବାନ୍ ଓ ଅନୁଭବୀ କର୍ମୀଙ୍କୁ ହରାଇଲା। ଶୁକ୍ରବାର ଦିଲ୍ଲୀରୁ ବିମାନ ଯୋଗେ ତାଙ୍କର ମରଶରୀର ଓଡ଼ିଶାକୁ ଅଣାଯାଇଥିଲା। ପ୍ରଥମେ କଟକ ସତସଙ୍ଗ ବିହାର ଏବଂ ପରେ ଭୁବନେଶ୍ୱର ସତସଙ୍ଗ ବିହାରରେ ସର୍ବସାଧାରଣଙ୍କ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ପରେ ତାଙ୍କର ମରଶରୀର ପୁରୀ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଶେଷ ଦର୍ଶନ ପାଇଁ ହଜାର ହଜାର ସତସଙ୍ଗପ୍ରେମୀ ଓ ଶୁଭେଚ୍ଛୁ ଉପସ୍ଥିତ ହୋଇ ତାଙ୍କ ପ୍ରତି ଶେଷ ଶ୍ରଦ୍ଧା ଅର୍ପଣ କରିଥିଲେ। ତାଙ୍କର ବିୟୋଗ ସତସଙ୍ଗ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି।

## ବେଦାନ୍ତ ଆଲୁମିନିୟମର ବେଦକ୍ଷତା ପଦକ୍ଷେପ ମାଧ୍ୟମରେ

# ଝାରସୁଗୁଡ଼ାର ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ପ୍ରଯୁକ୍ତି କମ୍ପାନୀରେ ନିଯୁକ୍ତି

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ୍‌ର କୌଶଳ ବିକାଶ ପଦକ୍ଷେପ 'ବେଦକ୍ଷତା' ଅଧୀନରେ ପ୍ରଶିକ୍ଷଣ ନେଇଥିବା ଝାରସୁଗୁଡ଼ାର ୩୦ ଜଣ ଯୁବକଯୁବତୀଙ୍କୁ ଦେଶର ପ୍ରମୁଖ ବୈଦ୍ୟୁତିକ ଉପକରଣ ନିର୍ମାତା କମ୍ପାନିରେ ନିଯୁକ୍ତି ସୁଯୋଗ ମିଳିଛି। ମୋବାଇଲ୍ ହାର୍ଡୱେର ମରାମତି ପ୍ରଯୁକ୍ତିବିଦ୍ ଭାବେ ପ୍ରଶିକ୍ଷିତ ଏହି ଯୁବପିଢ଼ି ଟାଟା ଇଲେକ୍ଟ୍ରୋନିକ୍ସ, ଫକ୍ସକନ୍ ଏବଂ ଡିକ୍ସନ୍ ଟେକ୍ନୋଲୋଜିଜ୍‌ର ଭାରତୀୟ ୟୁନିଟ୍‌ରେ ନିଯୁକ୍ତି ପାଇଛନ୍ତି। ୨୦୨୫ରେ ଆରମ୍ଭ ହୋଇଥିବା 'ବେଦକ୍ଷତା' ପ୍ରକଳ୍ପ ଝାରସୁଗୁଡ଼ାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କ୍ଷେତ୍ରରେ କ୍ରମାଗତ ଭାବେ ପ୍ରଭାବ




ବଢ଼ାଇ ଚାଲିଛି। ଚଳିତ ବର୍ଷ ଆରମ୍ଭରେ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ମୋବାଇଲ୍ ମରାମତି ଓ ଖାଦ୍ୟ ଏବଂ ପାନୀୟ ସେବା କ୍ଷେତ୍ରରେ ୬୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାପରେ ଆଉ ୩୦ ଜଣ ଖାଦ୍ୟ ଓ ପାନୀୟ ସେବା ପ୍ରଶିକ୍ଷଣ ସଫଳତାର ସହ ଶେଷ କରିଥିଲେ। ଏ ପର୍ଯ୍ୟନ୍ତ ଏହି ପଦକ୍ଷେପ ମାଧ୍ୟମରେ ୧୨୦ରୁ ଅଧିକ ଯୁବକଯୁବତୀ ପ୍ରଶିକ୍ଷିତ ହୋଇସାରିଛନ୍ତି।

ସଦ୍ୟ ପ୍ରଶିକ୍ଷିତ ଦଳର ମହିଳା ପ୍ରଶିକ୍ଷାର୍ଥୀମାନେ ବେଙ୍ଗାଲୁରୁସ୍ଥିତ ଟାଟା ଇଲେକ୍ଟ୍ରୋନିକ୍ସ ଓ ଫକ୍ସକନ୍‌ରେ ନିଯୁକ୍ତି ସୁଯୋଗ ପାଇଥିବା ବେଳେ ପୁରୁଷ ପ୍ରଶିକ୍ଷାର୍ଥୀମାନେ ଚେନ୍ନାଇସ୍ଥିତ ଡିକ୍ସନ୍ ଟେକ୍ନୋଲୋଜିଜ୍‌ରେ ନିଯୁକ୍ତି ପାଇଛନ୍ତି। ଏହା ମାଧ୍ୟମରେ ଝାରସୁଗୁଡ଼ାର ଯୁବପିଢ଼ି ଦ୍ରୁତଗତିରେ ବିସ୍ତାରଲାଭ କରୁଥିବା ଭାରତୀୟ ବୈଦ୍ୟୁତିକ ଉପକରଣ ନିର୍ମାଣ ଶିଳ୍ପରେ ପ୍ରବେଶ କରିବାର ସୁଯୋଗ ପାଇଛନ୍ତି। ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍, ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ରୁ କହିଛନ୍ତି, "ଦକ୍ଷତା ବିକାଶର ପ୍ରକୃତ ମୂଲ୍ୟ ଏହା ଦ୍ୱାରା ଜୀବିକାର ସ୍ପଷ୍ଟ ସୁଯୋଗ ସୃଷ୍ଟି ହେବାରେ ରହିଛି। 'ବେଦକ୍ଷତା' ମାଧ୍ୟମରେ ଆମେ ଝାରସୁଗୁଡ଼ାର ଯୁବପିଢ଼ିଙ୍କୁ ଶିଳ୍ପ ଆବଶ୍ୟକତା ଅନୁଯାୟୀ ଦକ୍ଷତା ଓ ବିଶ୍ୱସନୀୟ ନିଯୁକ୍ତି ସୁଯୋଗ ସହ ଯୋଡ଼ିବା ପାଇଁ ଏକ ସୁଦୃଢ଼ ବ୍ୟବସ୍ଥା ଗଢ଼ି ତୋଳୁଛୁ। ଝାରସୁଗୁଡ଼ାସ୍ଥିତ 'ବେଦକ୍ଷତା' କେନ୍ଦ୍ରରେ ଆୟୋଜିତ ସମାପନୀ ସମାରୋହରେ ପ୍ରଶିକ୍ଷାର୍ଥୀମାନଙ୍କୁ ନିଯୁକ୍ତି ପ୍ରସ୍ତାବପତ୍ର ଓ ପାଠ୍ୟକ୍ରମ ସମାପନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଇରାନ-ୟୁଏଇ ନେତାଙ୍କ କରମର୍ଦ୍ଦନ: ବିଶ୍ୱ ରାଜନୀତିରେ ଚର୍ଚ୍ଚା

**ନୂଆଦିଲ୍ଲୀ:** ବ୍ରିକ୍ସ-୨୦୨୬ ଶିଖର ସମ୍ମିଳନୀ ଅବସରରେ ଭାରତରେ ଇରାନ ଓ ୟୁଏଇ ନେତାଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ଏବେ ଆନ୍ତର୍ଜାତିକ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଜାରି ଥିବା ସମୟରେ ନୂଆଦିଲ୍ଲୀରେ ଇରାନ ରାଷ୍ଟ୍ରପତି ମସୁଦ ପେଜେଶକିୟାନ ଓ ୟୁଏଇ କ୍ରାଉନ୍ ପ୍ରିନ୍ସ ଶେଖ ମହମ୍ମଦଙ୍କ ହାତମିଳାଣକୁ ଭାରତର କୂଟନୈତିକ ଭୂମିକାର ଏକ ବଡ଼ ଉଦାହରଣ ଭାବେ ଦେଖାଯାଉଛି।




ମଧ୍ୟପ୍ରାଚ୍ୟରେ ଇରାନ ଓ ଆମେରିକା ମଧ୍ୟରେ ସାମରିକ ଉତ୍ତେଜନା ବଢ଼ିଥିବା ବେଳେ ଇରାନ ଓ ଏହାର ପଡ଼ୋଶୀ ଆରବ ଦେଶଗୁଡ଼ିକର ସମ୍ପର୍କ ମଧ୍ୟ ଚାପରେ ରହିଛି। ଇରାନ ପକ୍ଷରୁ ୟୁଏଇ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ନେଇ ଆବୁଧାବି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ୟୁଏଇ ନିଜ ସାର୍ବଭୌମତ୍ୱ ଓ ସୁରକ୍ଷାର ସୁରକ୍ଷା ପାଇଁ ଅଧିକାର ଥିବା କହିଥିଲେ ମଧ୍ୟ ଆଞ୍ଚଳିକ ଯୁଦ୍ଧରେ ସାମିଲ ହେବାକୁ ଚାହୁଁନଥିବା ସ୍ପଷ୍ଟ କରିଛି।

ଏଭଳି ପରିସ୍ଥିତିରେ ନୂଆଦିଲ୍ଲୀରେ ଦୁଇ ଦେଶର ଶୀର୍ଷ ନେତାଙ୍କ ଦ୍ୱିପାକ୍ଷିକ ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି। ମତଭେଦ ଓ ଉତ୍ତେଜନା ସତ୍ତ୍ୱେ ଆଲୋଚନାର ଦ୍ୱାର ଖୋଲା ରଖିବାରେ ଭାରତ ଏକ କୂଟନୈତିକ ସେତୁ ଭାବେ ଭୂମିକା ନେଇପାରେ ବୋଲି ଏହି ସାକ୍ଷାତ ସଙ୍କେତ ଦେଉଛି।

ଇରାନ ଓ ୟୁଏଇ ଉଭୟେ ବ୍ରିକ୍ସର ସଦସ୍ୟ। ଭାରତ ଚଳିତ ବର୍ଷ ବ୍ରିକ୍ସର ଅଧ୍ୟକ୍ଷତା କରୁଥିବାରୁ ନୂଆଦିଲ୍ଲୀରେ ଦୁଇ ଦେଶର ନେତାଙ୍କୁ ଏକ ମଞ୍ଚରେ ଆଣିବା ଭାରତର କୂଟନୈତିକ କ୍ଷମତାକୁ ଆହୁରି ଉଜାଗର କରିଛି। ଦୁଇ ଦେଶ ମଧ୍ୟରେ ମତଭେଦ ଥିବା ସତ୍ତ୍ୱେ ବ୍ରିକ୍ସର ମିଳିତ ଘୋଷଣାନାମା ଉପରେ ସହମତି ସୃଷ୍ଟି କରିବାରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ମଧ୍ୟ କୁହାଯାଉଛି।

ଏହି ଘଟଣା ମାଧ୍ୟମରେ ଭାରତ ଏକାଧିକ ବାର୍ତ୍ତା ଦେଇଛି—ବିଶ୍ୱର ବିଭିନ୍ନ ଶକ୍ତି ଓ ପ୍ରତିଦ୍ୱନ୍ଦ୍ୱୀ ଦେଶ ସହ ସମ୍ପର୍କ ରଖିବା ସହ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ଖୋଜିବାରେ ନୂଆଦିଲ୍ଲୀ ପ୍ରସ୍ତୁତ। ମଧ୍ୟପ୍ରାଚ୍ୟର ଜଟିଳ ସମୀକରଣ ମଧ୍ୟରେ ଇରାନ ଓ ୟୁଏଇ ନେତାଙ୍କ ସାକ୍ଷାତ ଭାରତର 'କୂଟନୈତିକ ସେତୁ' ଭୂମିକାକୁ ଆହୁରି ଚର୍ଚ୍ଚାରେ ଆଣିଛି।

# ବ୍ରିକ୍ସ ସମ୍ମିଳନୀରେ ମାଲେସିଆ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୋଦୀ

**ନୂଆଦିଲ୍ଲୀ:** ୧୨ ସେପ୍ଟେମ୍ବର: ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଲେସିଆ ପ୍ରଧାନମନ୍ତ୍ରୀ ଦାତୋ ସେରୀ ଅନୱାର ବିନ୍ ଇବ୍ରାହିମଙ୍କ ସହ ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ବୈଠକ କରିଛନ୍ତି।




ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଅନୱାର ଇବ୍ରାହିମଙ୍କୁ ଭାରତରେ ସ୍ୱାଗତ କରିବା ସହ ବ୍ରିକ୍ସର ସହଭାଗୀ ଦେଶ ଭାବେ ମାଲେସିଆର ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ଏହାସହ ଫେବୃଆରୀ ୨୦୨୬ରେ ମୋଦୀଙ୍କ ମାଲେସିଆ ଗସ୍ତ ସମୟରେ ହୋଇଥିବା ନିଷ୍ପତ୍ତି ଓ ଦ୍ୱିପାକ୍ଷିକ ସହଯୋଗରେ ହୋଇଥିବା ଅଗ୍ରଗତି ନେଇ ଦୁଇ ନେତା ସମୀକ୍ଷା କରିଥିଲେ।

ବାଣିଜ୍ୟ ଓ ନିବେଶ, ପ୍ରତିରକ୍ଷା ଓ ସୁରକ୍ଷା, ସେମିକଣ୍ଡକ୍ଟର, ଭିତ୍ତିଭୂମି, ଡିଜିଟାଲ ଅର୍ଥନୀତି, ଶକ୍ତି, ଫିନଟେକ୍, ଶିକ୍ଷା, ପର୍ଯ୍ୟଟନ ଏବଂ ଦୁଇ ଦେଶର ଲୋକଙ୍କ ମଧ୍ୟରେ ସମ୍ପର୍କ ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ସାବାହର କୋଟା କିନାବାଲୁରେ ଭାରତର ଏକ କନସୁଲେଟ୍ ଜେନେରାଲ୍ ପ୍ରତିଷ୍ଠା ପାଇଁ ମାଲେସିଆ ସରକାରଙ୍କ ସହମତି ନେଇ ପ୍ରଧାନମନ୍ତ୍ରୀ ମୋଦୀ ସନ୍ତୋଷ ପ୍ରକାଶ କରିଥିଲେ।

ଆସିଆନ୍-ଭାରତ ସମ୍ପର୍କକୁ ସୁଦୃଢ଼ କରିବାରେ ମାଲେସିଆର ନିରନ୍ତର ସମର୍ଥନ ପାଇଁ ମଧ୍ୟ ମୋଦୀ କୃତଜ୍ଞତା ଜଣାଇଥିଲେ। ଦୁଇ ନେତା ପାରସ୍ପରିକ ସ୍ୱାର୍ଥ ସମ୍ପର୍କିତ ପ୍ରମୁଖ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ।

# ୟୁରୋପୀୟ ଦେଶଗୁଡ଼ିକୁ ପୁଟିନଙ୍କ କଡ଼ା ଚେତାବନୀ



**ନୂଆଦିଲ୍ଲୀ:** ୟୁକ୍ରେନକୁ ସେନା ପଠାଇବା ନେଇ ଚାଲିଥିବା ଆଲୋଚନା ଉପରେ ୟୁରୋପୀୟ ଦେଶଗୁଡ଼ିକୁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କଡ଼ା ଚେତାବନୀ ଦେଇଛନ୍ତି। ୟୁକ୍ରେନ ଭୂଖଣ୍ଡରେ କୌଣସି ବିଦେଶୀ ସେନା ମୁତୟନ ହେଲେ ତାହା ସିଧାସଳଖ ରୁଷ୍ ସହ ଯୁଦ୍ଧ ବୋଲି ବିବେଚନା କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ପୁଟିନ କହିଛନ୍ତି ଯେ ମସ୍କୋ ୟୁରୋପ ପାଇଁ କୌଣସି ବିପଦ ସୃଷ୍ଟି କରୁନାହିଁ। ରୁଷ୍ର ୟୁରୋପୀୟ ଦେଶଗୁଡ଼ିକ ସହ ବିବାଦରେ ଛନ୍ଦି ହେବାର କୌଣସି କାରଣ ନାହିଁ ଏବଂ ସେମାନଙ୍କୁ ଧମକ ଦେବାର ଆବଶ୍ୟକତା ମଧ୍ୟ ନାହିଁ।

ରୁଷ୍ ରାଷ୍ଟ୍ରପତି କହିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ୍ପର୍କିତ ସମସ୍ତ ବିଷୟର ସମାଧାନ ହୋଇସାରିଛି। ସୋଭିଏତ୍ ୟୁନିଅନ୍ର ପତନ ପରବର୍ତ୍ତୀ ସମସ୍ତ ଘଟଣାବଳୀ ରୁଷ୍ର ସମ୍ମତିକ୍ରମେ ସଂଘଟିତ ହୋଇଥିଲା। ଏହି ଚୁକ୍ତିନାମା ବିରୋଧୀ କୌଣସି ବି ପଦକ୍ଷେପ ରୁଷ୍ର ସ୍ୱାର୍ଥ, ଅନ୍ତର୍ଜାତୀୟ ଆଇନର ମୂଳ ନୀତି ଏବଂ ଜାତିସଂଘ ନୀତିର ବିରୋଧୀ ଅଟେ। ୟୁକ୍ରେନରେ ସେନା ମୁତୟନ ପାଇଁ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ଚାଲିଥିବା ଚର୍ଚ୍ଚା ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ସେ ଏହି ବକ୍ତବ୍ୟ ରଖିଛନ୍ତି। ୨୦୨୨ ଫେବ୍ରୁଆରିରୁ ଆରମ୍ଭ ହୋଇଥିବା ରୁଷ୍-ୟୁକ୍ରେନ ଯୁଦ୍ଧ ବର୍ତ୍ତମାନ ପଞ୍ଚମ ବର୍ଷରେ ପ୍ରବେଶ କରିଛି। ଅନେକ ୟୁରୋପୀୟ ଦେଶ ୟୁକ୍ରେନକୁ କ୍ରମାଗତ ସହାୟତା ଯୋଗାଇ ଆସୁଥିବା ବେଳେ ଆମେରିକା ମଧ୍ୟସ୍ଥତା ପାଇଁ ଉଦ୍ୟମ ଚଳାଇଛି। ଚଳିତ ମାସ ପ୍ରାରମ୍ଭରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜାମାତା ଜାରେଡ୍ କୁଶନର ଏବଂ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍ ମସ୍କୋ ଗସ୍ତ ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କୁ ସାକ୍ଷାତ କରିଥିଲେ। ୧୮ତମ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ପୁଟିନ ଭାରତ ଗସ୍ତରେ ଅଛନ୍ତି। ସମ୍ମିଳନୀର ଆନୁଷ୍ଠାନିକ ଶୁଭାରମ୍ଭ ପୂର୍ବରୁ ଶୁକ୍ରବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷ୍ ରାଷ୍ଟ୍ରପତି ପୁଟିନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଦୁଇ ନେତା ଆର୍ଥିକ ସହଯୋଗ କାର୍ଯ୍ୟକ୍ରମ ୨୦୩୦ର କାର୍ଯ୍ୟକାରିତା, ବାଣିଜ୍ୟିକ ସମ୍ପର୍କ, ଭିତ୍ତିଭୂମି, ଶକ୍ତି, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଓ ସଂସ୍କୃତି କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଚର୍ଚ୍ଚା କରିଛନ୍ତି।

# ଆବୁଧାବି କ୍ରାଉନ୍ ପ୍ରିନ୍ସଙ୍କ ସହ ମୋଦୀଙ୍କ ଆଲୋଚନା

**ନୂଆଦିଲ୍ଲୀ:** ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲିଦ ବିନ୍ ମହମ୍ମଦଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ବୈଠକରେ ଭାରତ-ୟୁଏଇ ସମ୍ପର୍କର ବିଭିନ୍ନ ଦିଗ ସହ ବ୍ରିକ୍ସ ସହଯୋଗ ନେଇ ଆଲୋଚନା ହୋଇଥିଲା।



ଉଭୟ ନେତା ଭାରତ-ୟୁଏଇ ବ୍ୟାପକ ରଣନୀତିକ ସହଭାଗିତାର ଗୁରୁତ୍ୱକୁ ଦୋହରାଇଥିଲେ। ରାଜନୈତିକ, ସାଂସ୍କୃତିକ, ବାଣିଜ୍ୟିକ ଓ ଉର୍ଜା କ୍ଷେତ୍ର ସହ ଦୁଇ ଦେଶର ଲୋକଙ୍କ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ଏହି ଭାଗୀଦାରିର ମୁଖ୍ୟ ଆଧାର ବୋଲି ସେମାନେ ମତ ଦେଇଥିଲେ। ୨୦୨୬ ଜାନୁଆରୀରେ ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନଙ୍କ ଭାରତ ଗସ୍ତ ଏବଂ ମେ' ମାସରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୟୁଏଇ ଗସ୍ତର ସଫଳତାକୁ ମଧ୍ୟ ସେମାନେ ସ୍ମରଣ କରିଥିଲେ।

ଭାରତର ଅଧ୍ୟକ୍ଷତାରେ ବ୍ରିକ୍ସରେ ୟୁଏଇର ସକ୍ରିୟ ଓ ଗଠନମୂଳକ ଅଂଶଗ୍ରହଣକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ଭାରତର ଅଧ୍ୟକ୍ଷତା କାଳରେ ବ୍ରିକ୍ସରେ ହୋଇଥିବା ସକାରାତ୍ମକ ପ୍ରଗତିକୁ ଉଭୟ ନେତା ସ୍ୱାଗତ କରିଥିଲେ। ମିଳିତ ସ୍ୱାର୍ଥ ଓ ପ୍ରାଥମିକତାକୁ ଆଗେଇ ନେବା ସହ ବ୍ରିକ୍ସ ସହଯୋଗକୁ ଆହୁରି ସୁଦୃଢ଼ କରିବା ଲାଗି ଉଭୟ ଦେଶ ଘନିଷ୍ଠ ଭାବେ କାର୍ଯ୍ୟ ଜାରି ରଖିବାକୁ ସହମତ ହୋଇଥିଲେ।

ବୈଠକରେ ଦ୍ୱିପାକ୍ଷିକ ସମ୍ପର୍କରେ ହୋଇଥିବା ଅଗ୍ରଗତିକୁ ମଧ୍ୟ ସମୀକ୍ଷା କରାଯାଇଥିଲା। ଓଡ଼ିଶାରେ ୧୧.୫ ବିଲିୟନ ଆମେରିକୀୟ ଡଲାର ବିନିଯୋଗରେ ଏକ ସମନ୍ୱିତ ଗ୍ରୀନ୍ଫିଲ୍ଡ ଆଲୁମିନିୟମ୍ ପ୍ରକଳ୍ପ ବିକାଶ ପାଇଁ ୟୁଏଇର 'ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ'ର ଘୋଷଣାକୁ ଉଭୟ ନେତା ସ୍ୱାଗତ କରିଥିଲେ। ଏହା ଭାରତର ଆଲୁମିନିୟମ୍ କ୍ଷେତ୍ରରେ ଏକ ବୃହତ୍ତମ ସମନ୍ୱିତ ବିନିଯୋଗ ହେବ ବୋଲି କୁହାଯାଇଛି। ଏହି ପ୍ରକଳ୍ପ ଓଡ଼ିଶାକୁ ବିଶ୍ୱସ୍ତରୀୟ ଆଲୁମିନିୟମ୍ ଉତ୍ପାଦନ କେନ୍ଦ୍ର ଭାବେ ଆହୁରି ସୁଦୃଢ଼ କରିବ ବୋଲି ଆଶା ପ୍ରକାଶ କରାଯାଇଛି।

ଭାରତ-ୟୁଏଇ ଭାଗୀଦାରିକୁ ପାରସ୍ପରିକ ଲାଭ ପାଇଁ ଆହୁରି ମଜବୁତ କରିବାରେ ୟୁଏଇର ସାର୍ବଭୌମ ନିବେଶ ପାଣ୍ଠି 'ଲିମାଦ୍'ର ଭୂମିକା ନେଇ ମଧ୍ୟ ଆଲୋଚନା ହୋଇଥିଲା।

ଏହାଛଡ଼ା ପ୍ରତିରକ୍ଷା, ମହାକାଶ, ପରମାଣୁ ଶକ୍ତି, ପ୍ରଯୁକ୍ତି ଓ ନବସୃଜନ ଭଳି ରଣନୀତିକ ଏବଂ ଉଦୀୟମାନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ବଢ଼ାଇବାର ସମ୍ଭାବନା ନେଇ ନେତାଦ୍ୱୟ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଓ କ୍ରାଉନ୍ ପ୍ରିନ୍ସଙ୍କ ଏହି ସାକ୍ଷାତକାର ଦୁଇ ଦେଶର ଶୀର୍ଷ ନେତୃତ୍ୱ ମଧ୍ୟରେ ନିୟମିତ ଯୋଗାଯୋଗ ଓ ଆଲୋଚନାର ପରମ୍ପରାକୁ ଆହୁରି ମଜବୁତ କରିଛି। ଭାରତ-ୟୁଏଇ ମଧ୍ୟରେ ଦୀର୍ଘସ୍ଥାୟୀ ଓ ବହୁମୁଖୀ ସମ୍ପର୍କକୁ ଆଗକୁ ବଢ଼ାଇବାରେ ଏହି ନିୟମିତ ଉଚ୍ଚସ୍ତରୀୟ ଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ଉଭୟ ପକ୍ଷ ମତ ପ୍ରକାଶ କରିଛନ୍ତି।

# ୨୩ଟି କେନ୍ଦ୍ରରେ ଆଇସିଏଆଇର ସମାବର୍ତ୍ତନ ସମାରୋହ

**ନୂଆଦିଲ୍ଲୀ:** ଦ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) ପକ୍ଷରୁ ଦେଶର ୨୩ଟି କେନ୍ଦ୍ରରେ ଏକକାଳୀନ ଭାବେ ସମାବର୍ତ୍ତନ ସମାରୋହ ଆୟୋଜିତ ହୋଇଛି। ଏହି ଅବସରରେ ମୋଟ ୮,୯୬୪ ଜଣ ନବନିଯୁକ୍ତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ସଦସ୍ୟତା ପ୍ରମାଣପତ୍ର ପ୍ରଦାନ କରାଯିବା ସହ ରାଙ୍କଧାରୀମାନଙ୍କୁ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ଅହମ୍ମଦାବାଦ, ନାଗପୁର, ପୁଣେ, ବେଙ୍ଗାଲୁରୁ, କୋଏମ୍ବାଟୋର, ଏର୍ଣ୍ଣାକୁଲମ୍, ହାଇଦ୍ରାବାଦ, ବିଜୟୱାଡ଼ା, ଭୁବନେଶ୍ୱର, ଭୋପାଳ, ଗୁଆହାଟୀ, ଗାଜିଆବାଦ, ଇନ୍ଦୋର, ଲକ୍ଷ୍ନୌ, ଜୟପୁର, ରାଞ୍ଚି, ରାୟପୁର, ଚଣ୍ଡୀଗଡ଼ ଓ ଲୁଧିଆନାଠାରେ ଏହି ସମାରୋହ ଆୟୋଜିତ ହୋଇଥିଲା। ଦିଲ୍ଲୀରେ ମୁଖ୍ୟ ଅତିଥି ଶ୍ରୀ ଅର୍ଜୁନ ରାମ ମେଘୱାଲ, ମାନ୍ୟବର କେନ୍ଦ୍ର ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀଙ୍କ ଦ୍ୱାରା ସମାରୋହର ଔପଚାରିକ ଉଦ୍ଘାଟନ କରାଯାଇଥିଲା। ଏହି ଅବସରରେ ସିଏ. ପ୍ରସନ୍ନ କୁମାର ଡି, ଅଧ୍ୟକ୍ଷ, ଆଇସିଏଆଇ ଏବଂ ସିଏ. ମଙ୍ଗେଶ କିନାରେ, ଉପାଧ୍ୟକ୍ଷ, ଆଇସିଏଆଇଙ୍କ ସମେତ ଆଇସିଏଆଇର କେନ୍ଦ୍ରୀୟ ଓ ଆଞ୍ଚଳିକ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ଅର୍ଜୁନ ରାମ ମେଘୱାଲ ନବନିଯୁକ୍ତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ହେଉଛନ୍ତି ବିଶ୍ୱାସର ରକ୍ଷକ। ସେମାନେ କେବଳ ବାଲାନ୍ସ ସିଟ୍ ପ୍ରସ୍ତୁତ କରନ୍ତି ନାହିଁ, ବରଂ ଭାରତର ଅର୍ଥନୈତିକ ବ୍ୟବସ୍ଥାରେ ବିଶ୍ୱାସର ଭିତ୍ତିକୁ ମଧ୍ୟ ମଜବୁତ କରନ୍ତି। ଦେଶର ଅର୍ଥନୈତିକ ବିକାଶ ଓ ଜିଡିପି ବୃଦ୍ଧିରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ସେ କହିଥିଲେ। ଏଥିସହ ସେ ନବନିଯୁକ୍ତ ସିଏମାନଙ୍କୁ ଅଖଣ୍ଡତା, ଆତ୍ମବିଶ୍ୱାସ, ଉତ୍ତରଦାୟିତ୍ୱ ଏବଂ 'ଇଣ୍ଡିଆ ଫାର୍ଷ୍ଟ' ମୂଲ୍ୟବୋଧକୁ ଆପଣାଇ ବିକଶିତ ଭାରତ ୨୦୪୭ ଗଠନରେ ଅବଦାନ ଦେବାକୁ ଆହ୍ୱାନ ଜଣାଇଥିଲେ। ସିଏ. ପ୍ରସନ୍ନ କୁମାର ଡି ନବନିଯୁକ୍ତ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇ ଏହି ସଫଳତା ପଛରେ ପରିବାର, ବନ୍ଧୁ ଓ ଶିକ୍ଷକମାନଙ୍କ ନିରନ୍ତର ସମର୍ଥନ ଓ ତ୍ୟାଗକୁ ସ୍ମରଣ କରିବାକୁ କହିଥିଲେ। ସେ ନିରନ୍ତର ଶିକ୍ଷା, ବୃତ୍ତିଗତ ଉତ୍କର୍ଷ ଓ ନୈତିକ ଆଚରଣକୁ ଗୁରୁତ୍ୱ ଦେଇ ସମାଜର ବିଶ୍ୱାସକୁ ସର୍ବଦା ଅକ୍ଷୁଣ୍ଣ ରଖିବାକୁ ନବନିଯୁକ୍ତ ସିଏମାନଙ୍କୁ ଆହ୍ୱାନ କରିଥିଲେ।

**୮,୯୬୪ ନୂତନ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ସଦସ୍ୟତା ପ୍ରମାଣପତ୍ର**

## ନନ୍ଦିଗ୍ରାମରୁ ଉପନିର୍ବାଚନ ଲଢନ୍ତୁ ମମତା, ପ୍ରାର୍ଥୀ ପ୍ରତ୍ୟାହାର କରି ସମର୍ଥନ ଦେବୁ: ରତବ୍ରତ

**କୋଲକାତା:** ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ବିବାଦ ମଧ୍ୟରେ ଏକ ନୂଆ ରାଜନୈତିକ ମୋଡ଼ ଦେଖାଦେଇଛି। ବିଦ୍ରୋହୀ ଗୋଷ୍ଠୀର ନେତା ରତବ୍ରତ ବାନାର୍ଜୀ ମମତା ବାନାର୍ଜୀଙ୍କୁ ନନ୍ଦିଗ୍ରାମରୁ ଆଗାମୀ ବିଧାନସଭା ଉପନିର୍ବାଚନ ଲଢ଼ିବାକୁ ଖୋଲା ଆମନ୍ତ୍ରଣ ଦେଇଛନ୍ତି। ମମତା ନିର୍ବାଚନ ଲଢ଼ିଲେ ତାଙ୍କ ଗୋଷ୍ଠୀ ପ୍ରାର୍ଥୀ ପ୍ରତ୍ୟାହାର କରି ତାଙ୍କୁ ସମର୍ଥନ କରିବ ବୋଲି ରତବ୍ରତ କହିଛନ୍ତି।

ରତବ୍ରତଙ୍କ କହିବା ଅନୁଯାୟୀ, ମମତା ପୁଣିଥରେ ବିଧାନସଭାକୁ ଫେରନ୍ତୁ ବୋଲି ତାଙ୍କ ଗୋଷ୍ଠୀ ଚାହୁଁଛି। ଏଥିପାଇଁ ନନ୍ଦିଗ୍ରାମରୁ ଉପନିର୍ବାଚନ ଲଢ଼ିବା ତାଙ୍କ ପାଇଁ ଆହୁରି ଗୁରୁତ୍ୱପୂର୍ଣ୍ଣ ହେବ। ୨୦୨୧ ବିଧାନସଭା ନିର୍ବାଚନରେ ନନ୍ଦିଗ୍ରାମ ଆସନରୁ ମମତା ପରାଜିତ ହୋଇଥିଲେ।

ବିଦ୍ରୋହୀ ଗୋଷ୍ଠୀ ଉପନିର୍ବାଚନ ପାଇଁ ନିଜ ପ୍ରାର୍ଥୀ ଚୟନ କରିସାରିଥିଲେ ମଧ୍ୟ ମମତା ଯଦି ନନ୍ଦିଗ୍ରାମରୁ ନିର୍ବାଚନ ଲଢନ୍ତି, ଏପରିକି ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଲେ ମଧ୍ୟ, ତାଙ୍କ ଗୋଷ୍ଠୀ ପ୍ରାର୍ଥୀ ପ୍ରତ୍ୟାହାର କରି ମମତାଙ୍କୁ ସମର୍ଥନ କରିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ମଧ୍ୟପ୍ରାଚ୍ୟରେ ଆମେରିକାର 'ଆଞ୍ଚଳିକ ପୁଲିସ୍' ହେବାର ଆବଶ୍ୟକତା ନାହିଁ: ପେଜେସ୍କିଆନ୍

**ନୂଆଦିଲ୍ଲୀ:** ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ନୂଆଦିଲ୍ଲୀ ଆସିଥିବା ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଆମେରିକାକୁ ତୀବ୍ର ସମାଲୋଚନା କରିଛନ୍ତି। ମଧ୍ୟପ୍ରାଚ୍ୟରେ ଆମେରିକାର 'ଆଞ୍ଚଳିକ ପୁଲିସ୍' ଭୂମିକା ନେବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।




ପେଜେସ୍କିଆନ୍ କହିଛନ୍ତି, ମଧ୍ୟପ୍ରାଚ୍ୟରେ ଆଞ୍ଚଳିକ ଅଖଣ୍ଡତା ଓ ସୁରକ୍ଷାର ଗ୍ୟାରେଣ୍ଟି କେବଳ ଏହି ଅଞ୍ଚଳର ପ୍ରମୁଖ ଦେଶଗୁଡ଼ିକ ହିଁ ଦେଇପାରିବେ। ବାହାରର କୌଣସି ଶକ୍ତି ଏହି ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି ତାଙ୍କ ମତ।

ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣକୁ ନେଇ ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ବଢ଼ିଥିବା ପରିପ୍ରେକ୍ଷୀରେ ଇରାନ ରାଷ୍ଟ୍ରପତିଙ୍କ ଏହି ମନ୍ତବ୍ୟ ଆସିଛି। ଫେବ୍ରୁଆରି ୨୮ରୁ ଦୁଇ ଦେଶ ମଧ୍ୟରେ ସଂଘର୍ଷ ଜାରି ରହିଥିବା ନେଇ ଖବର ରହିଛି। ଆମେରିକା-ଇସ୍ରାଏଲ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ପରେ ପରିସ୍ଥିତି ଆହୁରି ଜଟିଳ ହୋଇଥିବା ଦାବି କରାଯାଇଛି।

ଏହାର ଜବାବରେ ଇରାନ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ୍ କରିବା ସହ ହର୍ମୁଜ ପ୍ରଣାଳୀକୁ ବନ୍ଦ ରଖିଥିବା ଖବର ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ବନ୍ଦ ରହିବା ଯୋଗୁଁ ବିଶ୍ୱ ତୈଳ ଓ ଗ୍ୟାସ୍ ଯୋଗାଣ ଉପରେ ମଧ୍ୟ ପ୍ରଭାବ ପଡ଼ିବା ଆଶଙ୍କା ରହିଛି।

ତେବେ ଯୁଦ୍ଧ ନେଇ ପେଜେସ୍କିଆନ୍ ନରମ ଆଭିମୁଖ୍ୟ ପ୍ରକାଶ କରିଛନ୍ତି। "ଆମ ଲୋକଙ୍କ ଉପରେ ହୋଇଥିବା ସମସ୍ତ ଅନ୍ୟାୟ ସତ୍ତ୍ୱେ ଆମେ ଯୁଦ୍ଧ ଚାହୁଁନାହୁଁ, ନା ଏହା ଜାରି ରହୁ ବୋଲି ଚାହୁଁଛୁ। ଶାନ୍ତି ହେଉଛି ଆମର ପ୍ରାଥମିକତା," ବୋଲି ସେ କହିଛନ୍ତି।

# ହୁତି ଆକ୍ରମଣ ପରେ ସାଉଦିର ମୁଖ୍ୟ ତୈଳ ପାଇପଲାଇନ ବନ୍ଦ

**କାହିରୋ:** ଡ୍ରୋନ୍ ଆକ୍ରମଣ ପରେ ସାଉଦି ଆରବ ଶୁକ୍ରବାର ନିଜର ଏକ ପ୍ରମୁଖ ତୈଳ ପାଇପ୍ଲାଇନକୁ ସାମୟିକ ଭାବେ ବନ୍ଦ କରିଛି। ଏହା ସହିତ ୟେମେନର ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ଲୋହିତ ସାଗରର ଦକ୍ଷିଣ ପ୍ରବେଶପଥ ନିକଟରେ ଥିବା ରଣନୀତିକ ମୟୁନ୍ ଦ୍ୱୀପ ଦଖଲ କରିଥିବା ଖବର ସାମ୍ନାକୁ ଆସିଛି। ଏହା ଫଳରେ ମଧ୍ୟପ୍ରାଚ୍ୟରେ ନୂଆ ସଙ୍କଟ ଘନୀଭୂତ ହେବା ଆଶଙ୍କା ପ୍ରକାଶ ପାଇଛି। ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଜଳପଥ ବାବ୍ ଏଲ୍-ମାନ୍ଦେବ୍ ପ୍ରଣାଳୀ ନିକଟରେ ହୁତି ବିଦ୍ରୋହୀଙ୍କ ଏହି ପଦକ୍ଷେପକୁ ଗତ କିଛି ବର୍ଷ ମଧ୍ୟରେ ସେମାନଙ୍କର ବଡ଼ ସାମରିକ ସଫଳତା ଭାବେ ଦେଖାଯାଉଛି। ଏହା ବିଶ୍ୱ ବଜାରରେ ତୈଳ ଓ ଗ୍ୟାସ୍ ମୂଲ୍ୟ ବଢ଼ାଇବା ସହ ଆମେରିକା ଉପରେ ଚାପ ବଢ଼ାଇବା ପାଇଁ ଇରାନର ରଣନୀତିକୁ ଅଧିକ ଶକ୍ତିଶାଳୀ କରିପାରେ। ସାଉଦି ଆରବର ଶକ୍ତି ମନ୍ତ୍ରାଳୟ ଅନୁଯାୟୀ, ଇଷ୍ଟ-ୱେଷ୍ଟ ପାଇପ୍ଲାଇନକୁ ବନ୍ଦ କରିବା ଏକ ସତର୍କତାମୂଳକ ପଦକ୍ଷେପ। ସାଉଦି ବୈଦେଶିକ ମନ୍ତ୍ରାଳୟ ଆକ୍ରମଣ ପାଇଁ ଇରାକ ପଟୁ ହୋଇଥିବା ଡ୍ରୋନ୍ ଆକ୍ରମଣକୁ ଦାୟୀ କରିଛି। ଇରାକ ସରକାର ମଧ୍ୟ ଘଟଣାକୁ ନିନ୍ଦା କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୧୯୮୦ ଦଶକରେ ନିର୍ମିତ ଇଷ୍ଟ-ୱେଷ୍ଟ ପାଇପ୍ଲାଇନ ହର୍ମୁଜ ପ୍ରଣାଳୀରେ ବାଧା ସୃଷ୍ଟି ହେଲେ ସାଉଦି ଆରବ ପାଇଁ ତୈଳ ରପ୍ତାନିର ବିକଳ୍ପ ମାର୍ଗ ଭାବେ ଗୁରୁତ୍ୱ ବହନ କରେ। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ତଥ୍ୟ ଅନୁଯାୟୀ, ଜୁନ୍ ଆରମ୍ଭ ସୁଦ୍ଧା ସାଉଦି ଆରବ ଲୋହିତ ସାଗର ବନ୍ଦର ମାଧ୍ୟମରେ ଦୈନିକ ୫୦ ଲକ୍ଷ ବ୍ୟାରେଲରୁ ଅଧିକ ତୈଳ ରପ୍ତାନି କରୁଥିଲା। ତେବେ ହୁତି ଆକ୍ରମଣ ଏବଂ ମୟୁନ୍ ଦ୍ୱୀପ ଦଖଲ ଯୋଗୁଁ ଲୋହିତ ସାଗର ଦେଇ ତୈଳ ପରିବହନ ଓ ରପ୍ତାନି ପଥ ଉପରେ ନୂଆ ଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଅନ୍ତର୍ଜାତୀୟ ଶକ୍ତି ବଜାର ଏବଂ ତୈଳ ମୂଲ୍ୟ ଉପରେ ମଧ୍ୟ ନଜର ରହିଛି।



ବାବ୍ ଏଲ୍-ମାନ୍ଦେବ୍ ନିକଟସ୍ଥ ମୟୁନ୍ ଦ୍ୱୀପ ଓ ମୋଖା ସହର ହୁତି କବ୍ଜାରେ

ହୁତି ବିଦ୍ରୋହୀମାନେ ବାବ୍ ଏଲ୍-ମାନ୍ଦେବ୍ ପ୍ରଣାଳୀରେ ଥିବା ମୟୁନ୍ (ପେରିମ୍) ନାମକ ଦ୍ୱୀପକୁ ଦଖଲ କରିଥିବା ୟେମେନର ସ୍ୱୀକୃତିପ୍ରାପ୍ତ ସରକାର ଓ ହୁତି ପକ୍ଷରୁ ନିଶ୍ଚିତ କରାଯାଇଛି। ସାଉଦି ଜାହାଜ ବ୍ୟତୀତ ଅନ୍ୟ ସମସ୍ତ କମ୍ପାନି ପାଇଁ ସାମୁଦ୍ରିକ ଯାତାୟାତ ସୁରକ୍ଷିତ ବୋଲି ହୁତି ବାହିନୀ ଘୋଷଣା କରିବା ସହ ସାଉଦି ଆରବ ବିରୋଧରେ ଲଢ଼େଇ ତୀବ୍ର କରିବାକୁ ଚେତାବନୀ ଦେଇଛି। ଏହି ଅସ୍ଥିରତା ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଡେଇଁଛି, ଯାହା ତେହେରାନକୁ ଆଲୋଚନା ପାଇଁ ଅଧିକ ସୁଯୋଗ ଦେଇଛି। ଜୁଲାଇ ମାସରୁ ହୁତି ବିଦ୍ରୋହୀମାନେ ସାଉଦି ଜାହାଜ ଓ ତୈଳ ଭିତ୍ତିଭୂମି ଉପରେ କ୍ରମାଗତ ଆକ୍ରମଣ ଚଳାଇଛନ୍ତି। ହୁତି ବିଦ୍ରୋହୀମାନେ ମୋଖା ସହର ଦଖଲ କରିବା ପରେ ସାଉଦି ବିମାନ ବାହିନୀ ସେଠାକାର ବିମାନବନ୍ଦର ଉପରେ ଆକ୍ରମଣ କରିଥିଲା। ସାଉଦି ଆରବ ଦ୍ୱାରା ଦୃଢ଼ ସାମରିକ ପଦକ୍ଷେପ ନିଆଯାଉ ନ ଥିବାରୁ ୟେମେନ ସରକାର ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ଆମେରିକାର ଅନୁମତି ଅଭାବ ଓ ସେନା ମଧ୍ୟରେ ସମନ୍ୱୟ ଅଭାବକୁ ଦାୟୀ କରିଛନ୍ତି। ବାବ୍ ଏଲ୍-ମାନ୍ଦେବ୍ ପ୍ରଣାଳୀ ଦେଇ ହେଉଥିବା ଜାହାଜ ଯାତାୟାତ ପ୍ରାୟ ୬୦ ପ୍ରତିଶତ ହ୍ରାସ ପାଇଥିବାରୁ ସାଉଦି ଆରବ ବର୍ତ୍ତମାନ ସୁଏଜ୍ କେନାଲ କିମ୍ବା ଇଜିପ୍ଟ ପାଇପଲାଇନ ଦେଇ ଭୂମଧ୍ୟସାଗର ବାଟରେ ଏସିଆର ଗ୍ରାହକମାନଙ୍କୁ ତୈଳ ପଠାଇବାକୁ ବାଧ୍ୟ ହେଉଛି। ଏହି ସଙ୍କଟ ସମୟରେ ଇରାନ ବୈଦେଶିକ ମନ୍ତ୍ରାଳୟ ସାଉଦି ଅବରୋଧ ହଟାଇବା ଓ ହୁତିଙ୍କ ସହ ପୁନର୍ବାର ଆଲୋଚନା ଆରମ୍ଭ କରିବାକୁ ଆହ୍ୱାନ ଦେଇଛି।

# ଇତିହାସ ରଚିବା ଲକ୍ଷ୍ୟରେ ଶେଲଟନ୍

## ୟୁଏସ୍ ଓପନରେ

ନ୍ୟୁୟର୍କ,୧୨।୯ (ସବ୍ୟୁ): ଦୁଇ ଦଶନ୍ଧିରୁ ଅଧିକ ସମୟଧରି ଚାଲିଆସିଥିବା ଆମେରିକୀୟ ପୁରୁଷ ଟେନିସ୍ର ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ମରୁଡ଼ି ଶେଷ କରିବା ଲକ୍ଷ୍ୟରେ ରହିଛନ୍ତି ୨୩ ବର୍ଷୀୟ ବେନ୍ ଶେଲଟନ୍। ରବିବାର ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ଟପ୍ ସିଡ୍ ଆଲେକ୍ସାଣ୍ଡର ଜ୍ୱେରେଭଙ୍କ ଭେଟିବେ।

୨୦୦୩ରେ ଆଣ୍ଡି ରଡିକ୍ ୟୁଏସ୍ ଓପନ୍ ଜିତିବା ପରେ କୌଣସି ଆମେରିକୀୟ ପୁରୁଷ ଖେଳାଳି ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତିପାରିନାହାନ୍ତି। ତେଣୁ ଶେଲଟନ ପାଇଁ ଏହି ଫାଇନାଲ୍ ଏକ ଐତିହାସିକ ସୁଯୋଗ।

ତେବେ ଜ୍ୱେରେଭ ବିପକ୍ଷରେ ଶେଲଟନଙ୍କୁ ରେକର୍ଡ ଚିନ୍ତାଜନକ। ଦୁଇ ଖେଳାଳିଙ୍କ ମଧ୍ୟରେ ହୋଇଥିବା ପୂର୍ବ ୫ଟି ମୁକାବିଲାରେ ଶେଲଟନ୍ ସବୁଥର ପରାଜିତ ହୋଇଛନ୍ତି। ତଥାପି ଚଳିତ ୟୁଏସ୍ ଓପନରେ ତାଙ୍କ ପ୍ରଦର୍ଶନ ତାଙ୍କୁ ନୂଆ ଆଶା ଦେଇଛି।

କ୍ୱାର୍ଟରଫାଇନାଲରେ କାର୍ଲୋସ୍ ଆଲକାରାଜ୍‌କୁ ପରାସ୍ତ କରି ଶେଲଟନ୍ ନିଜର ଉନ୍ନତ ଖେଳର ପ୍ରମାଣ ଦେଇଛନ୍ତି। ଆକ୍ରମଣାତ୍ମକ ଖେଳ ସହ ଦୃଢ଼ ଡିଫେନ୍ସ, ଚମତ୍କାର ଫିଟନେସ୍ ଏବଂ ଘଣ୍ଟାପ୍ରତି ପ୍ରାୟ ୧୪୦ ମାଇଲ୍ ବେଗର ସର୍ଭିସ୍ ତାଙ୍କ ମୁଖ୍ୟ ଅସ୍ତ୍ର।

ଅନ୍ୟପକ୍ଷରେ ଜ୍ୱେରେଭ୍ ମଧ୍ୟ ଜବରଦସ୍ତ ଫର୍ମରେ ଅଛନ୍ତି। ଟପ୍ ସିଡ୍ ଜର୍ମାନ ଖେଳାଳି



ଲଗାତାର ସିଧା ସେଟ୍ରେ ବିଜୟ ହାସଲ କରି ଫାଇନାଲରେ ପହଞ୍ଚିଛନ୍ତି। ଏକ ସମୟରେ ସେ ଲଗାତାର ୩୭ଟି ସର୍ଭିସ୍ ଗେମ୍ ଜିତିଥିଲେ।

**ଫାଇନାଲ୍ ସୂଚନା:** ମୁକାବିଲା ସେପ୍ଟେମ୍ବର ୧୩, ରବିବାର ନ୍ୟୁୟର୍କର ଆର୍ଥର ଆଶେ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭାରତୀୟ ସମୟ ଅନୁସାରେ ଏହା ରାତିରେ ଖେଳାଯିବ। ବିଜେତାଙ୍କୁ ୫୫ ଲକ୍ଷ ଡଲାର ଏବଂ ରନର୍ସଅପ ୨୮ ଲକ୍ଷ ଡଲାର ପୁରସ୍କାର ରାଶି ମିଳିବ।

ଫର୍ମ ଓ ସାମ୍ପ୍ରତିକ ପ୍ରଦର୍ଶନକୁ ଦେଖିଲେ ମୁକାବିଲା ଏକତରଫା ନୁହେଁ। ତେବେ ଶେଲଟନ୍ ନିଜର ଉନ୍ନତ ଖେଳ ଜାରି ରଖିପାରିଲେ ଦୀର୍ଘ ୨୩ ବର୍ଷର ଆମେରିକୀୟ ପୁରୁଷ ଟେନିସ୍ର ଗ୍ରାଣ୍ଡସ୍ଲାମ୍ ଅପେକ୍ଷା ଶେଷ କରିବାର ସମ୍ଭାବନା ରହିଛି।

# ପାକିସ୍ତାନକୁ ମୂଳପୋଛ କଲା ଇଂଲଣ୍ଡ

ନୂଆଦିଲ୍ଲୀ,୧୨।୯ (ଏଜେନ୍ସି): ପ୍ରଥମ ଦୁଇଟି ଟେଷ୍ଟ ଭଳି ତୃତୀୟ ମ୍ୟାଚ ବି ବାବର ଆଜମଙ୍କ ନେତୃତ୍ୱାଧିନ ପାକିସ୍ତାନ ମାଟି କାମୁଡିଛି। ତୃତୀୟ ମ୍ୟାଚରେ ଦଳ କିଛିଟା ସଂଘର୍ଷ କରିଥିଲେ ହେଁ ନିଜ ଭାଗ୍ୟ ବଦଳାଇ ପାରିନାହିଁ। ଇଂଲଣ୍ଡ



ତୃତୀୟ ଟେଷ୍ଟକୁ ୮ ୱିକେଟରେ ଜିତି ଶୃଙ୍ଖଳାକୁ ମୂଳପୋଛ କରିଛି। ଇଂଲଣ୍ଡଗସ୍ତରେ ଥିବା ପାକିସ୍ତାନ ପ୍ରଥମ ଦୁଇଟି ଟେଷ୍ଟର ୪ଟି ଇନିଂସରେ ୨୦୦ ରନ୍ କରିପାରିନଥିଲା। ତୃତୀୟ ଟେଷ୍ଟର ପ୍ରଥମ ଇନିଂସରେ କେବଳ ୧୩୩ ରନ କରିଥିଲା। ଦ୍ୱିତୀୟ ଇନିଂସରେ ପାକିସ୍ତାନ ଲଢ଼େଇ କରିଥିଲା। ଇଂଲଣ୍ଡ ମାଟିରେ ୪୪୯ ରନ କରିବାକୁ ସକ୍ଷମ ହୋଇଥିଲା। ଏହା ସତ୍ତ୍ୱେ ଇଂଲଣ୍ଡ ପାଇଁ ୧୩୦ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ଘରୋଇ ଦଳ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ଏଥିସହ ଚତୁର୍ଥ ଦିନରେ ତୃତୀୟ ଟେଷ୍ଟକୁ ଜିତି ଇଂଲଣ୍ଡ ଟ୍ରଫି କବଜା କରିଛି। ଏହି ମ୍ୟାଚରେ ପାକିସ୍ତାନ ପ୍ରଥମ ଇନିଂସରେ ୧୩୩ ଓ ଦ୍ୱିତୀୟ ଇନିଂସରେ ୪୪୯ ରନ୍ କରିଥିଲା। ଇଂଲଣ୍ଡ ପ୍ରଥମ ଇନିଂସରେ ୪୫୩ ଓ ଦ୍ୱିତୀୟ ଇନିଂସରେ ୧୩୦/୨ ରନ୍ କରି ବିଜୟୀ ହୋଇଥିଲା। ୬୫ ରନ୍ ସହ ଦୁଇ ୱିକେଟ୍ ଅକ୍ତିଆର କରିଥିବା ଡାନ ଲୌରେନ୍ସଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ଏବଂ ମହମ୍ମଦ ଆବାସଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍ ବିବେଚିତ କରାଯାଇଛି। ରୁଟ ପାକିସ୍ତାନ ବିପକ୍ଷ ଟେଷ୍ଟ ଶୃଙ୍ଖଳାରୁ ପୁଣିଥରେ ଅଧିନାୟକ କ୍ୟାରିୟର ଆରମ୍ଭ କରିଛନ୍ତି। ବେନ ଷ୍ଟୋକ୍ସଙ୍କ ଅବସର ପରେ ଇଂଲଣ୍ଡ ରୁଟଙ୍କ ନେତୃତ୍ୱରେ ଟେଷ୍ଟ ଶୃଙ୍ଖଳା ଖେଳିଛି। ଏଥିରେ ଇଂଲଣ୍ଡ ୩-୦ରେ ବିଜୟୀ ହୋଇଛି।

# ରବିବାର ଭାରତ ଖେଳିବ ଦୁଇଟି ମ୍ୟାଚ

ନୂଆଦିଲ୍ଲୀ,୧୨।୯ (ଏଜେନ୍ସି): ରବିବାର ଭାରତୀୟ ଦଳ ଗୋଟିଏ ଦିନରେ ଦୁଇଟି ଅଲଗା ଅଲଗା ଦେଶ ବିପକ୍ଷରେ ମ୍ୟାଚ ଖେଳିବାକୁ ଯାଉଛି। ଗୋଟିଏ ପଟେ ମହିଳା ଦଳ ଏସିଆ କପର ଫାଇନାଲ ମୁକାବିଲାରେ ଶ୍ରୀଲଙ୍କା ଭେଟିବାକୁ ଥିବା ବେଳେ ଅନ୍ୟ ପଟେ ପୁରୁଷ ଦଳ ଆଫଗାନିସ୍ତାନ ବିପକ୍ଷ ଟି-୨୦ ବିପକ୍ଷ ପ୍ରଥମ ମ୍ୟାଚ ଖେଳିବ।

ମହିଳା ଏସିଆ କପ ମୁକାବିଲା ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯିବ। ଟ୍ରଫି ହାତେଇବା ଲକ୍ଷ୍ୟରେ ଭାରତୀୟ ମହିଳା ଦଳ ଓ ଶ୍ରୀଲଙ୍କା ମହିଳା ଦଳ ମୁହାଁ ମୁହାଁ ହେବେ। ଭାରତୀୟ ସମୟ ରାତି ୮ଟାରୁ ମ୍ୟାଚ ଆରମ୍ଭ ହେବ। ସୋନୀ ସ୍ପୋର୍ଟ୍ସ ନେଟୱାର୍କରେ ଏହି ମ୍ୟାଚର ସିଧା ପ୍ରସାରଣ ହେବ। ଏତଦବ୍ୟତୀତ ମୋବାଇଲରେ ଦର୍ଶକ ସୋନୀ ଲିଭ ଆପ ମାଧ୍ୟମରେ ମ୍ୟାଚକୁ ଉପଭୋଗ କରିପାରିବେ।

ସେହିଭଳି ଭାରତୀୟ ପୁରୁଷ ଦଳ ଓ ଆଫଗାନିସ୍ତାନ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ରବିବାର ଠାରୁ ଆରମ୍ଭ ହେବାକୁଯାଉଛି। ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ। ଭାରତୀୟ ସମୟ ସନ୍ଧ୍ୟା ୭ଟାରୁ ଆରମ୍ଭ ହେବ। ସୋନୀ ସ୍ପୋର୍ଟ୍ସ ନେଟୱାର୍କ ଏବଂ ଫ୍ୟାନ କୋଡରେ ମ୍ୟାଚର ପ୍ରସାରଣ ହେବ।

**ଭାରତୀୟ ଦଳ:** ଶ୍ରେୟାସ ଆୟର (ଅଧିନାୟକ), ଅଭିଶେକ ଶର୍ମା ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ, ଇଶାନ କିଷାନ, ତିଳକ ବର୍ମା, ଶିବମ ଦୁବେ, ନୀତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ଯଶ ଠାକୁର।

**ଆଫଗାନିସ୍ତାନ ଦଳ:** ଇବ୍ରାହିମ ଜର୍ଡାନ (ଅଧିନାୟକ), ରହମାନୁଲ୍ଲା ଗୁରବାଜ, ନୁର ରହମାନ, ସେଦିକୁଲା ଅଟଲ, ଡର୍ବିସ ରସୁଲି, ଅଜମତୁଲ୍ଲା ଓମାରଯାଇ, ଗୁଲବଦ୍ଦିନ ନୈବ, ମହମ୍ମଦ ନବୀ, ରସିଦ ଖାନ, ନଙ୍ଗିଆଳ ଖାରୋତି, ମୁଜାବୁଲ ଅହମ୍ମଦ ଜାଇ, ନବୀନ ଉଲ-ହକ।

# ଜାତୀୟ ଜୁନିୟର ମହିଳା ଫୁଟବଲ୍ ଚାମ୍ପିଅନସିପରେ ଓଡ଼ିଶା ଦଳ

ଭୁବନେଶ୍ୱର,୧୨।୯ (ସବ୍ୟୁ): ଆନ୍ଧ୍ରପ୍ରଦେଶର ଅନନ୍ତପୁରରେ ଆୟୋଜିତ ହେଉଥିବା ଡ. ତାଲିମେରେନ୍ ଆଓ ଜୁନିୟର ଗାର୍ଲ୍ସ ନ୍ୟାସନାଲ୍ ଫୁଟବଲ୍ ଚାମ୍ପିଅନସିପ୍ ୨୦୨୬-୨୭ରେ ଅଂଶଗ୍ରହଣ ପାଇଁ ଓଡ଼ିଶା ଜୁନିୟର ମହିଳା ଫୁଟବଲ୍ ଦଳ ଅନନ୍ତପୁର ଗସ୍ତ କରିଛି। ଚାମ୍ପିୟନସିପରେ ସେପ୍ଟେମ୍ବର ୧୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନନ୍ତପୁରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟର ଜୁନିୟର ମହିଳା ଦଳ ଅଂଶଗ୍ରହଣ କରୁଛନ୍ତି। ଚାମ୍ପିୟନସିପ୍ ପାଇଁ ଓଡ଼ିଶା ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହ ଅନନ୍ତପୁର ଯାତ୍ରା କରିଛି। ଦଳର ଖେଳାଳି ତାଲିକା ଓ ପ୍ରତିଯୋଗିତାର ଫିକ୍ସଚର୍ ସହିତ ଦଳର ଫଟୋ ମଧ୍ୟ ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (FAO) ପକ୍ଷରୁ ପ୍ରକାଶ କରାଯାଇଛି। ଓଡ଼ିଶା ଦଳର ଏହି ଜାତୀୟ ଅଭିଯାନ ପାଇଁ FAO ସଭାପତି ଟଙ୍କଧର ତ୍ରିପାଠୀ ଓ ସମ୍ପାଦକ ଡ. ଆଶୀର୍ବାଦ ବେହେରା ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ FAOର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଦଳର ଖେଳାଳି ଏବଂ ଅଧିକାରୀମାନଙ୍କୁ ଚାମ୍ପିଅନସିପ୍ ପାଇଁ ଶୁଭକାମନା ଜଣାଇଛନ୍ତି। ଜାତୀୟ ମଞ୍ଚରେ ଓଡ଼ିଶା ଜୁନିୟର ମହିଳା ଦଳ ଭଲ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିବ ବୋଲି ଫୁଟବଲ୍ ମହଲରେ ଆଶା ପ୍ରକାଶ ପାଇଛି।

# ବ୍ୟାଙ୍କକ ସଫଳତା ପାଇଁ ଡିଏନ୍ ୱିସଡମ୍ ଟ୍ରୀ ଗ୍ଲୋବାଲ ସ୍କୁଲରେ ଭବ୍ୟ ସମ୍ବର୍ଦ୍ଧନା

## ଆଦ୍ୱିକାଙ୍କୁ ୧ ଲକ୍ଷ ଟଙ୍କା, ସ୍କୁଲ ଫି ଛାଡ ଘୋଷଣା

ଭୁବନେଶ୍ୱର, ୧୨।୯ (ସବ୍ୟୁ): ଅନ୍ତର୍ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଥିବା ୮ ବର୍ଷୀୟା ସନ୍ତରଣ ପ୍ରତିଭା ତଥା ଡିଏନ୍ ୱିସଡମ୍ ଟ୍ରୀ ଗ୍ଲୋବାଲ ସ୍କୁଲର ତୃତୀୟ ଶ୍ରେଣୀର ଛାତ୍ରୀ ଆଦ୍ୱିକା ଉତ୍କଳଙ୍କୁ ସ୍କୁଲ ପରିସରରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ୟାଙ୍କକରେ ଅନୁଷ୍ଠିତ ଏଓଏସଆଇ ସର୍ଟ କୋର୍ସ ସୁଇମିଂ ଚାମ୍ପିଅନସିପରେ ଚମତ୍କାର ପ୍ରଦର୍ଶନ ପାଇଁ ଆଦ୍ୱିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସମାରୋହରେ ଡିଏନ୍ ୱିସଡମ୍ ଟ୍ରୀ ଗ୍ଲୋବାଲ ସ୍କୁଲ ଓ ଡିଏନ୍ ଗ୍ରୁପର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ନାୟକ ଆଦ୍ୱିକାଙ୍କୁ ୧ ଲକ୍ଷ ଟଙ୍କାର ଚେକ୍, ଶିଲ୍ଡ ଓ ପ୍ଲାକ୍ ପ୍ରଦାନ କରି ସମ୍ମାନିତ କରିଥିଲେ। ଜଣେ ଛୋଟ ଛାତ୍ରୀଙ୍କ ଅସାଧାରଣ କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ କରିବା ସହ ତାଙ୍କ ଭବିଷ୍ୟତ ସନ୍ତରଣ ଯାତ୍ରାକୁ ସମର୍ଥନ ଦେବା ଉଦ୍ଦେଶ୍ୟରେ ସ୍କୁଲ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରୀ ନାୟକ ଆଦ୍ୱିକାଙ୍କ ଭବିଷ୍ୟତ କ୍ରୀଡ଼ା ଯାତ୍ରାରେ ସମସ୍ତ ପ୍ରକାର ସହଯୋଗ ଜାରି ରଖିବାକୁ ଘୋଷଣା କରିଥିଲେ। ଏଥିସହ ଆଦ୍ୱିକା ଡିଏନ୍ ୱିସଡମ୍ ଟ୍ରୀ ଗ୍ଲୋବାଲ ସ୍କୁଲରେ ପଢୁଥିବା ପର୍ଯ୍ୟନ୍ତ ତାଙ୍କ ସମସ୍ତ ସ୍କୁଲ ଫି' ଛାଡ଼ କରାଯିବ ବୋଲି ସେ ଘୋଷଣା କରିଥିଲେ। ଥାଇଲାଣ୍ଡର ବ୍ୟାଙ୍କକରେ ଆୟୋଜିତ ଏଓଏସଆଇ ସର୍ଟ କୋର୍ସ ସୁଇମିଂ ଚାମ୍ପିଅନସିପରେ ସେ ୫ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତିଛନ୍ତି। ଏହା ସହ ସେ ୩ଟି ନୂଆ ଚାମ୍ପିୟନଶିପ୍ ରେକର୍ଡ ସୃଷ୍ଟି କରିଛନ୍ତି। ମାତ୍ର ୮ ବର୍ଷ ବୟସରେ ଏଭଳି ଅନ୍ତର୍ଜାତୀୟ ସଫଳତା ହାସଲ କରି ଆଦ୍ୱିକା ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ପ୍ରତିଯୋଗିତାରେ ସେ କେବଳ ପଦକ ଜିତିନଥିଲେ, ବରଂ ପୂର୍ବରୁ ଥିବା ପ୍ରଦର୍ଶନକୁ ପଛରେ ପକାଇ ତିନୋଟି ନୂଆ ରେକର୍ଡ ସ୍ଥାପନ କରିଥିଲେ। ଆଦ୍ୱିକାଙ୍କ ଏହି




ସଫଳତା ଓଡ଼ିଶାର କ୍ରୀଡ଼ା ମହଲରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଏତେ କମ୍ ବୟସରେ ଅନ୍ତର୍ଜାତୀୟ ମଞ୍ଚରେ ଏଭଳି ପ୍ରଦର୍ଶନ ତାଙ୍କ ଭବିଷ୍ୟତ କ୍ରୀଡ଼ା ଜୀବନ ପାଇଁ ଏକ ମଜବୁତ ଭିତ୍ତି ସୃଷ୍ଟି କରିଛି। ସମ୍ବର୍ଦ୍ଧନା ସମାରୋହରେ ଜଗଦୀଶ ପ୍ରସାଦ ନାୟକ ଆଦ୍ୱିକାଙ୍କ ସଫଳତା ପାଇଁ ଗର୍ବ ପ୍ରକାଶ କରିଥିଲେ। ତାଙ୍କ କଠୋର ପରିଶ୍ରମ, ଘଣ୍ଟା ଘଣ୍ଟା ପ୍ରଶିକ୍ଷଣ ଓ ଦୃଢ଼ ମନୋବଳ ଏହି ସଫଳତା ପଛର ମୁଖ୍ୟ ଶକ୍ତି ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ ଯେ ଅଭିକା ୫୦ ମିଟର ଫ୍ରିଷ୍ଟାଇଲ, ୨୫ ମିଟର ଫ୍ରିଷ୍ଟାଇଲ୍ ଏବଂ ୨୫ ମିଟର ବଟରଫ୍ଲାଇ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେହିପରି ୨୫X୪ ବ୍ୟକ୍ତିଗତ ମିଡ୍ଲେ ଏବଂ ୪X୫୦ ମିଟର ଫ୍ରିଷ୍ଟାଇଲ୍ ରିଲେ (ବାଳିକା)ରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଏହା ବ୍ୟତୀତ ୫୦ ମିଟର ବଟରଫ୍ଲାଇ ଏବଂ ୪X୫୦ ମିଟର ମିକ୍ସଡ ଫ୍ରିଷ୍ଟାଇଲ୍ ରିଲେ (ବାଳିକା)ରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏତେ କମ୍ ବୟସରେ ଆନ୍ତର୍ଜାତିକ ସ୍ତରରେ ଏଭଳି ଐତିହାସିକ ସଫଳତା ହାସଲ କରି ଅଭିକା ଡିଏନ୍ ୱିସଡମ୍ ଟ୍ରି ଗ୍ଲୋବାଲ ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି।

# ଓସିଏ ଅମ୍ପାୟାର୍ସ ସେମିନାର ଆରମ୍ଭ

 କଟକ,୧୨।୯ (ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ୨୦୨୬-୨୭ ମସିହା ପାଇଁ ଦୁଇଦିନିଆ ଅମ୍ପାୟାର୍ସ ସେମିନାର ଶନିବାର ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କନଫରେନ୍ସ ହଲରେ ଆରମ୍ଭ ହୋଇଛି। ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ଆୟୋଜିତ ଏହି ସେମିନାରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୦୬ ଜଣ ଅମ୍ପାୟାର୍ ଅଂଶଗ୍ରହଣ କରୁଛନ୍ତି। ଏହି ଦୁଇଦିନିଆ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମ୍ୟାଚ୍ ଅଧିକାରୀମାନଙ୍କୁ କ୍ରିକେଟ୍ର ନୂଆ ନିୟମ, ଖେଳ ପରିସ୍ଥିତି ଏବଂ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଓ ଆନ୍ତର୍ଜାତିକ କ୍ରିକେଟ୍ କାଉନ୍ସିଲ୍ (ଆଇସିସି) ପକ୍ଷରୁ ନିର୍ଦ୍ଧାରିତ ନିୟମାବଳୀ ସମ୍ପର୍କରେ ଅବଗତ କରାଇବା। ସେମିନାରରେ ବରିଷ୍ଠ ବିସିସିଆଇ ଅମ୍ପାୟାର୍ ସୁବ୍ରତ



ଦାସ ଓ ଅରୁଣ କୁମାର ବାସା ପ୍ରଶିକ୍ଷଣ ଦେଉଛନ୍ତି। ବିସିସିଆଇ ଅମ୍ପାୟାର୍ ଧୀରଜ ସିଂହ ଓ ଦୁର୍ଗାଦତ୍ତ ଦାସ ଏହି କାର୍ଯ୍ୟକ୍ରମରେ ଏଡ୍ୟୁକେଟର୍ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହି ଅବସରରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ର ସିଇଓ ସୁବ୍ରତ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଅମ୍ପାୟାରିଂରେ ଉଚ୍ଚମାନର ମାନଦଣ୍ଡ ବଜାୟ ରଖିବା ନେଇ ଅମ୍ପାୟାର୍ମାନଙ୍କୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ।

## ଏସୀୟ କ୍ରୀଡା

# ବାଦ ପଡିଲେ ଦିବ୍ୟାଂଶି ଚୌଧୁରୀ

ରାଜସ୍ଥାନ,୧୨।୯ (ଏଜେନ୍ସି): ଏସୀୟ କ୍ରୀଡା ପାଇଁ ଦଳ ଚୟନକୁ ନେଇ ପୁଣିଥରେ ବଡ଼ ବିବାଦ ସାମ୍ନାକୁ ଆସିଛି। ରାଜସ୍ଥାନର ଉଦୀୟମାନ ଉଶୁ ଖେଳାଳି ଦିବ୍ୟାଂଶି ଚୌଧୁରୀ ଏସୀୟ କ୍ରୀଡା ଦଳରୁ ବାଦ ପଡିବା ପରେ ସେ ଅତ୍ୟନ୍ତ ଭାଙ୍ଗି ପଡିଛନ୍ତି। ଏହି ପରିପ୍ରେକ୍ଷୀରେ ସୋସିଆଲ ମିଡିଆରେ ଏକ ଭାବବିହ୍ୱଳ ଭିଡିଓ ଜାରି କରି ଦିବ୍ୟାଂଶ




ନିଜର ଦୁଃଖ ପ୍ରକାଶ କରିବା ସହ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ଚେତାବନୀ ଦେଇଛନ୍ତି। ଗଠିନ ପରିଶ୍ରମ, ଭଲ ପ୍ରଦର୍ଶନ ଓ ଯୋଗ୍ୟତା ସତ୍ତ୍ୱେ ତାଙ୍କୁ ଚୟନ ପ୍ରକ୍ରିୟାରେ ପକ୍ଷପାତିତା କରାଯାଇ ଦଳରୁ ବାହାର କରି ଦିଆଯାଇଛି। ତାଙ୍କ ବଦଳରେ ଅନ୍ୟ ଜଣେ ଖେଳାଳିଙ୍କୁ ଅନ୍ୟାୟ ଭାବେ ସୁଯୋଗ ଦିଆଯାଇଛି। ଯାହା ତାଙ୍କ କ୍ରୀଡା ସ୍ୱପ୍ନକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ଉଶୁ ଆସୋସିଏସନ୍ ଅଫ୍ ଇଣ୍ଡିଆ ଦିବ୍ୟାଂଶିଙ୍କୁ ବାଦ ଦେବା ପଛରେ ଚୟନ ସମ୍ବନ୍ଧୀୟ କୌଣସି ପକ୍ଷପାତିତା କଥାକୁ ଅସ୍ୱୀକାର କରିଛି। ସିଇଓ କହିଛନ୍ତି ଏହି ନିଷ୍ପତ୍ତି ଚିକିତ୍ସାଗତ କାରଣରୁ ନିଆଯାଇଥିଲା। ଦିବ୍ୟାଂଶି ଅଭିଯୋଗ କରିଛନ୍ତି ଯେ ତାଙ୍କ ଉପରେ କ୍ରମଗାତ ଭାବେ ଚାପ ପକାଯାଉଥିଲା। ଟ୍ରାଏଲରେ ରୋସିମିନାଙ୍କୁ ପରାସ୍ତ କରି ସେ ନିଜ ସ୍ଥାନ ସୁନିଶ୍ଚିତ କରିବା ସତ୍ତ୍ୱେ ପରବର୍ତ୍ତୀ ସମୟରେ ତାଙ୍କ ଚୟନକୁ ନେଇ କାହିଁକି ପ୍ରଶ୍ନ ଉଠାଗଲା। ଦିବ୍ୟାଂଶିଙ୍କ ଏହି ଭିଡିଓ ଭାଇରାଲ ହେବା ପରେ କ୍ରୀଡାଜଗତରେ ହଇଚଇ ସୃଷ୍ଟି ହୋଇଛି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
classifiedsamaya@gmail.com

# ଜିସିଏଲ୍-୪: ହାରିଲେ ବି ଫାଇନାଲରେ ଗ୍ୟାଞ୍ଜେସ୍ ଗ୍ରାଣ୍ଡମାଷ୍ଟର୍ସ, ପାଇପର୍ସର ଭାଗ୍ୟ ଝୁଲିଲା

ବେଙ୍ଗାଲୁରୁ,୧୨।୯ (ଏଜେନ୍ସି): ଟେକ୍ ମହିନ୍ଦ୍ରା ଓ ଫିଡେର ମିଳିତ ଉଦ୍ୟମରେ ଆୟୋଜିତ ଗ୍ଲୋବାଲ୍ ଚେସ୍ ଲିଗ୍ (ଜିସିଏଲ)-୪ରେ ଗ୍ୟାଞ୍ଜେସ୍ ଗ୍ରାଣ୍ଡମାଷ୍ଟର୍ସ ହାରିଥିଲେ ମଧ୍ୟ ଫାଇନାଲ୍ ଟିକେଟ୍ ହାସଲ କରିଛି। ଶନିବାର ପିବିଜି ଆଲାସ୍କାନ୍ ନାଇଟ୍ସଠାରୁ ପରାସ୍ତ ହୋଇଥିଲେ ମଧ୍ୟ ଆବଶ୍ୟକ ଗେମ୍ ପଏଣ୍ଟ ହାସଲ କରିବାରୁ ଦଳ ଫାଇନାଲରେ ପ୍ରବେଶ କରିଛି।

ଅନ୍ୟପକ୍ଷରେ ଗତଥରର ଚାମ୍ପିଅନ୍ ଏଲଫାଇନ୍ ଏପିଏଲ୍ ପାଇପର୍ସର ଫାଇନାଲ୍ ଆଶା ଏବେ ଅନ୍ୟ ମ୍ୟାଚର ଫଳାଫଳ ଉପରେ ନିର୍ଭରଶୀଳ। ତ୍ରିବେଣୀ କଣ୍ଟିନେଣ୍ଟାଲ୍ କିଙ୍ଗ୍ସ ପାଇପର୍ସଙ୍କୁ ୧୧-୬ରେ ପରାସ୍ତ କରି ଫାଇନାଲ୍ ଦୌଡ଼କୁ ରୋମାଞ୍ଚକର କରିଦେଇଛି। ଚଳିତ ସିଜନ୍ରେ ପାଇପର୍ସଙ୍କୁ ଦୁଇଥର ହରାଇଥିବା ପ୍ରଥମ ଦଳ ହେଲା ତ୍ରିବେଣୀ।




ପାଇପର୍ସ ଓ ଗ୍ୟାଞ୍ଜେସ୍—ଦୁଇ ଦଳ ଅନ୍ତିମ ରାଉଣ୍ଡରେ ୧୮-୧୮ ମ୍ୟାଚ୍ ପଏଣ୍ଟ ସହ ପହଞ୍ଚିଥିଲେ। ଗ୍ୟାଞ୍ଜେସ୍ ପାଇଁ ଫାଇନାଲ୍ ନିଶ୍ଚିତ କରିବାକୁ କେବଳ ଗୋଟିଏ ଗେମ୍ ପଏଣ୍ଟ ଆବଶ୍ୟକ ଥିଲା। ଇଆନ୍ ନେପୋମନିଆଚି ବିଶ୍ୱନାଥନ୍ ଆନନ୍ଦଙ୍କ ସହ ଡ୍ର କରିଥିବା ବେଳେ ଷ୍ଟାଭ୍ରୋଉଲା ସ୍ପୋଲାକିଡୋଉ ନିନୋ ବାତ୍ସିଆଶ୍ୱିଲିଙ୍କୁ ହରାଇ ଦଳକୁ ଆବଶ୍ୟକ ପଏଣ୍ଟ ଦେଇଥିଲେ।

ପ୍ରୋଡିଜି ବୋର୍ଡରେ ଅଭିମନ୍ୟୁ ମିଶ୍ର ୩୨ ଚାଲରେ ଲିଓନ୍ ମେଣ୍ଡୋଙ୍କାଙ୍କୁ ହରାଇଥିଲେ। ତେବେ ଲିନିୟର୍ ଡୋମିଙ୍ଗେଜ୍ ପେରେଜ୍ ସମୟ ଚାପରେ ପରାସ୍ତ ହେବାରୁ ଗ୍ୟାଞ୍ଜେସ୍ ୮-୯ରେ ମ୍ୟାଚ୍ ହାରିଥିଲା।

ଏପଟେ ପାଇପର୍ସ ବିପକ୍ଷରେ ତ୍ରିବେଣୀ ପାଇଁ ଅଲିରେଜା ଫିରୋଜା ଚମତ୍କାର ପ୍ରଦର୍ଶନ କରି ମ୍ୟାଗ୍ନସ୍ କାର୍ଲସନଙ୍କୁ ୪୯ ଚାଲରେ ପରାସ୍ତ କରିଥିଲେ। ଏହା ଚଳିତ ପ୍ରତିଯୋଗିତାରେ କାର୍ଲସନଙ୍କ ପ୍ରଥମ ପରାଜୟ ଏବଂ ଫିରୋଜାଙ୍କ ପ୍ରଥମ ବିଜୟ। ଏବେ ପାଇପର୍ସଙ୍କୁ ପଛରେ ପକାଇ ଫାଇନାଲ୍ରେ ପହଞ୍ଚିବାର ସୁଯୋଗ ଫାୟର୍ସ ଆମେରିକାନ୍ ଗ୍ୟାମ୍ବିଟ୍ସ ପାଖରେ ରହିଛି। ଅନ୍ତିମ ଲିଗ୍ ମୁକାବିଲାରେ ଟେକ୍ ମୁମ୍ବାଇ ମାଷ୍ଟର୍ସଙ୍କୁ ହରାଇ ଅତିକମରେ ୯ ଗେମ୍ ପଏଣ୍ଟ ହାସଲ କଲେ ଫାୟର୍ସ ଫାଇନାଲରେ ସ୍ଥାନ ପକ୍କା କରିପାରିବ।

ସମୟ | ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ.ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି